READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୮ ସଂଖ୍ୟା-୧୨ ୧ - ୭ ଏପ୍ରିଲ, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-12 1st - 7th APRIL, 2024 BHUBANESWAR ₹ 5/- (8 Pages)



### ସି-ଭିଜିଲ୍ ଆପ୍ ଜରିଆରେ ଆସିଛି ୭୯ ହଜାରରୁ ଉର୍ଦ୍ଧ୍ୱ ଅଭିଯୋଗ

## ଆରମ୍ଭରୁ ଏତେ, ପରେ କେତେ ?

**ନୂଆଦିଲ୍ଲୀ (ପିଆଇବି):** ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅଭିଯୋଗ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ସି-ଭିଜିଲ ଆପ୍ ଲୋକଙ୍କ ହାତରେ ଏକ ପ୍ରଭାବଶାଳୀ ଅସ୍ତ୍ର ପାଲଟିଛି। ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବା ପରଠାରୁ ଏହି ଆପ୍‌ରେ ଶୁକ୍ରବାର ସୁଦ୍ଧା ୭୯ ହଜାରରୁ ଅଧିକ ଅଭିଯୋଗ ଆସିଛି। ୯୯% ରୁ ଅଧିକ ଅଭିଯୋଗର ସମାଧାନ ହୋଇଛି ଏବଂ ୧୦୦ ମିନିଟ୍ ମଧ୍ୟରେ ପ୍ରାୟ ୮୯% ଅଭିଯୋଗର ସମାଧାନ ହୋଇଛି। ଦ୍ରୁତ ବେଗ ଏବଂ ସ୍ୱଚ୍ଛତା ହେଉଛି ସିଭିଜିଲ ଆପ୍‌ର ମୂଳଦୁଆ। ବେଆଇନ ହୋର୍ଡିଂ ଏବଂ ବ୍ୟାନର ବିରୋଧରେ ୫୮,୫୦୦ରୁ ଅଧିକ ଅଭିଯୋଗ (ସମୁଦାୟ




୭୩%) ଆସିଛି। ୧୪୦୦ରୁ ଅଧିକ ଅଭିଯୋଗ ଟଙ୍କା, ଉପହାର ଏବଂ ମଦ ବଣ୍ଟନ ସମ୍ବନ୍ଧୀୟ ରହିଛି। ପାଖାପାଖି ୩% ଅଭିଯୋଗ (୨୪୫୪) ସମ୍ପତ୍ତି ନଷ୍ଟ କରିବା ସମ୍ବନ୍ଧୀୟ ହୋଇଥିବା ବେଳେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ଏବଂ ଧମକ ଦେବା ପାଇଁ ଆସିଥିବା ୫୩୫ଟି ଅଭିଯୋଗ ମଧ୍ୟରୁ ୫୨୯ଟିର ସମାଧାନ ହୋଇସାରିଛି। ନିଷିଦ୍ଧ ଅବଧିରେ ମାଇକ ଯୋଗେ ପ୍ରଚାର ପାଇଁ ୧୦ ଅଭିଯୋଗ ଆସିଛି। ସିଭିଜିଲ୍ ଆପ୍ ନିର୍ବାଚନୀ ତଦାରଖ ଏବଂ ପ୍ରଚାର ବିଶୃଙ୍ଖଳା ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ୨୦୨୪ ଘୋଷଣା ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନାଗରିକମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରିଥିଲେ ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ଭୋଟରଙ୍କୁ କୌଣସି ପ୍ରକାର ପ୍ରଲୋଭନ ବଣ୍ଟନ ବିଷୟରେ ଜଣାଇବା ପାଇଁ ଏହି ଆପ୍ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ସିଭିଜିଲ୍ ହେଉଛି ଉପଭୋକ୍ତା-ଅନୁକୂଳ ଏବଂ ➤ ପୃ-୬

### ଆଇସିଏମ୍ଆର୍ ଓ ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ରିପୋର୍ଟରେ ଖୁଲାସା

## ଜୀବନ ନେଉଛି ହାଇପରଟେନ୍‌ସନ

**ଭୁବନେଶ୍ୱର :** ଜୀବନ ନେଉଛି ହାଇପରଟେନସନ୍। ଦେଶରେ ଅଧାରୁ ଅଧିକ ବ୍ୟକ୍ତି ରକ୍ତଚାପରେ ପୀଡ଼ିତ। ଏପରି ରିପୋର୍ଟ ଦେଇଛନ୍ତି ଆଇସିଏମ୍ଆର୍ ଓ ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ। ହୃଦରୋଗ, ମଧୁମେହ ରୋଗରେ ଅକାଳରେ ଝରିପଡୁଛି ଜୀବନ। ରିପୋର୍ଟ ଅନୁଯାୟୀ ପ୍ରତି ୩ ଜଣରେ ଜଣେ ବ୍ୟକ୍ତି ପ୍ରାକ୍ ହାଇପରଟେନ୍ସନ୍ ରୋଗରେ ପୀଡ଼ିତ। ବିଶେଷଜ୍ଞଙ୍କ ମତରେ ମାନସିକ ଚାପ, ଖାଦ୍ୟରେ ଅତ୍ୟଧିକ ଲୁଣ ସେବନ, ଜଙ୍କ ଫୁଡ୍, ଶାରୀରିକ ପରିଶ୍ରମ ନକରିବା ଯୋଗୁଁ ଯୁବକଯୁବତୀ ବି ରକ୍ତଚାପ ରୋଗରେ ପଡୁଛନ୍ତି। ଭାରତୀୟ ଖାଦ୍ୟରେ ଅଧିକ ଲୁଣ ଖାଇବାରୁ ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇ ହୃଦରୋଗର ଶିକାର



ହେଉଛନ୍ତି। ପ୍ରତି ୩ ଜଣ ବ୍ୟକ୍ତିରେ ଜଣେ ପ୍ରାକ୍ ହାଇପରଟେନ୍‌ସନ୍ ରୋଗରେ ପୀଡିତ। ଏଭଳି ରିପୋର୍ଟ ଦେଇଛି ଇଣ୍ଡିଆନ୍ କାଉନସିଲ ଫର୍ ମେଡିକାଲ ରିସର୍ଚ୍ଚ ବା ଆଇସିଏମ୍ଆର୍। ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଭୁବନେଶ୍ୱର ଦ୍ୱାରା କରାଯାଇଥିବା ଅନୁଧାନରୁ ଜଣାପଡ଼ିଛି, ଦେଶର ମହିଳାଙ୍କ ସଂଖ୍ୟାରୁ ୨୧.୩ ପ୍ରତିଶତ ଓ ପୁରୁଷଙ୍କ ଭିତରୁ ୨୪ ପ୍ରତିଶତ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ। ଫଳରେ ଅନିୟନ୍ତ୍ରିତ ଓ ଡାୟୋଗ୍ନଷ୍ଟିକ୍ ନହୋଇ ହୃଦରୋଗ ଓ ମଧୁମେହ ରୋଗରେ ଅଧିକାଂଶ ଲୋକଙ୍କ ଜୀବନ ଯାଉଛି। ଏପରିକି ଅକାଳରେ ଯୁବକଯୁବତୀ ବି ଉଚ୍ଚ ରକ୍ତଚାପରେ ପୀଡ଼ିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଲୁଣ ମାତ୍ରା ଶରୀରରେ ଅଧିକ ହେଲେ ହୃତପିଣ୍ଡକୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ। ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳର ୧୮ରୁ ୫୪ ବର୍ଷ ବୟସ ଭିତରେ ୭ ଲକ୍ଷ ୪୩ ହଜାର ୬୭ ଜଣ ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯାଇ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ସେମାନେ ସମସ୍ତେ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ। ମାନସିକ ଚାପ, ଜଙ୍କ୍ ଫୁଡ ➤ ପୃ-୬

## ପାଣ୍ଡିଆନଙ୍କ ସୁରକ୍ଷାରେ ୭୪ ପୁଲିସ କର୍ମଚାରୀ !

**ଭୁବନେଶ୍ୱର :** ବିଜେଡି ନେତା ତଥା ୫-ଟି ଅଧକ୍ଷ ଭି.କେ ପାଣ୍ଡିଆନଙ୍କ ସୁରକ୍ଷାରେ ୭୪ ପୁଲିସ କର୍ମଚାରୀ ମୁତୟନ ହେଉଛନ୍ତି। ଯେଉଁଥିରେ ୨ ସବ୍‌ଇନ୍ସପେକ୍ଟର, ୧୨ ହାବିଲଦାର, ୫୬ କନଷ୍ଟେବଲ ବା ସିପାହୀ ଓ ୪ ମହିଳା କନଷ୍ଟେବଲ ରହିଛନ୍ତି। ଏଥିସହ ଗୋଟିଏ ଗାଡ଼ି ମଧ୍ୟ ଯୋଗାଇଛି ଗୃହ ବିଭାଗ। ସୂଚନା ଅଧିକାର ଆଇନ୍‌ରେ ଚଳିତ ମାସ ଏହି ତଥ୍ୟ ଦେଇଛି କମିଶନରେଟ ପୁଲିସର ରିଜର୍ଭ ପୁଲିସ ଅଫିସ୍। ସୂଚନା ଅନୁସାରେ, ଏମାନଙ୍କ ବ୍ୟତୀତ ପାଣ୍ଡିଆନଙ୍କ ପାଇଁ ଜଣେ ପର୍ସନାଲ୍ ସିକ୍ୟୁରିଟି ଅଫିସର୍ ମଧ୍ୟ ନିଯୁକ୍ତ କରାଯାଇଛି। ତେବେ କେଉଁ ଆଧାରରେ ରାଜକୋଷର ଅପବ୍ୟୟ କରି ଏତେ




ସଂଖ୍ୟକ ପୁଲିସ ଅଧିକାରୀଙ୍କୁ ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ନିୟୋଜିତ କରାଯାଇଛି, ତାହା ପ୍ରଶ୍ନ ଉଠାଇବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଛି ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)। ଏଥିପାଇଁ ବିଗତ ୫ ବର୍ଷ ହେଲା ବାର୍ଷିକ ହାରାହାରି ➤ ପୃ-୬

### ଇଭିଏମ ଜାଲିଆତି

## ଭୋଟ୍ ପୂର୍ବରୁ ପୁରୁଣା ବିତର୍କକୁ ନୂଆ ଜୀବନ


**ନୂଆଦିଲ୍ଲୀ :** ୨୦୨୪ ମାର୍ଚ୍ଚ ମଧ୍ୟଭାଗରେ ନିର୍ବାଚନ ପ୍ରଚାର ଆରମ୍ଭ କରିବା ସମୟରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧି ଦୁଇଟି ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇଛନ୍ତି: ପ୍ରଥମଟି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଯାହାଙ୍କୁ ସେ 'ରାଜା' ବୋଲି ବର୍ଣ୍ଣନା କରିଥିଲେ ଏବଂ ଦ୍ୱିତୀୟଟି ହେଉଛି ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଯାହାକୁ ଦେଶ ଭୋଟ ଦେବା ପାଇଁ ବ୍ୟବହାର କରିଥାଏ। ରାହୁଲ ଗାନ୍ଧୀ ମୁମ୍ବାଇରେ କହିଛନ୍ତି, ରାଜାଙ୍କ ଆତ୍ମା 'ଇଭିଏମ୍'ରେ ରହିଛି। କୁହାଯାଉଛି ଇଭିଏମ୍ ହ୍ୟାକ୍



ହୋଇପାରେ ଏବଂ ଭାରତ ଉପରେ ମୋଦୀଙ୍କ ଭାରତୀୟ ଜନତା ପାର୍ଟିର ନିର୍ବାଚନୀ ଆଧିପତ୍ୟ ସେହି ଦୁର୍ନୀତି ପାଇଁ ଦାୟୀ ବୋଲି ଅଭିଯୋଗ। ଯଦିଓ ଏକାଧିକ ଜନମତ ସର୍ବେକ୍ଷଣରୁ ଜଣାପଡୁଛି ଯେ ପ୍ରଧାନମନ୍ତ୍ରୀଙ୍କ ଦଳ ଦେଶର ଅନେକ ସ୍ଥାନରେ ଭୋଟରଙ୍କ ମଧ୍ୟରେ ବେଶ୍ ପସନ୍ଦଯୋଗ୍ୟ। ତେବେ ଏହି ଅଭିଯୋଗ ନୂଆ ନୁହେଁ। କଂଗ୍ରେସ ଏବଂ ଅନ୍ୟ କେତେକ ବିରୋଧୀ ଦଳ ପୂର୍ବରୁ ମଧ୍ୟ ଇଭିଏମର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଇଣ୍ଟରନେଟ୍ ସହ ସଂଯୁକ୍ତ ହୋଇନଥିବା ଏହି ମେସିନ୍ ଚିପ୍‌ରେ ଚାଲୁଛି ଏବଂ ସମାଲୋଚକମାନେ କହୁଛନ୍ତି ଯେ, ଭୋଟ ରେକର୍ଡ କରିବା ପାଇଁ ଏହାକୁ ପ୍ରୋଗ୍ରାମ କରାଯାଇ ପାରିବ ଯାହା ଭୋଟରମାନେ ଦବାଇଥିବା ବଟନ ସହିତ ମେଳ ଖାଇବ ନାହିଁ। ଦେଶର ଭୋଟ୍ ପରିଚାଳନା କରୁଥିବା ଭାରତୀୟ ନିର୍ବାଚନ ଆୟୋଗ ➤ ପୃ-୬

## ଅକାଳ ମୃତ୍ୟୁରେ ମହାନଦୀ !

**କଟକ :** ପ୍ରଦୂଷଣ ସଙ୍କଟ ପାଇଁ ବିପଦରେ ମହାନଦୀ। ଏହାର ଜଳର ମାନକୁ ନେଇ ଉଦବେଗ ପ୍ରକାଶ ପାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ସୂଚନା ଅନୁସାରେ ମହାନଦୀର ଜଳ ଅନେକ ସ୍ଥାନରେ ବ୍ୟବହାର ଅନୁପଯୋଗୀ ଓ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଏଭଳି ସ୍ଥିତିରେ ମହାନଦୀକୁ ଅକାଳ ମୃତ୍ୟୁରୁ ରୋକିବାକୁ ବେଳ ଥାଉ ଥାଉ ପ୍ରଶାସନ ଯଥାଶୀଘ୍ର ଉଚିତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ସମ୍ବଲପୁରର ମହାନଦୀ ଜଳଜଳ ଦିଶୁଛି ଜଳର ଦୁଃସ୍ଥିତି। ଫେବୃଆରୀରେ ସମ୍ବଲପୁରର ୪ଟି ସ୍ଥାନରୁ ମହାନଦୀ ଜଳ ନମୁନା ପରୀକ୍ଷା କରି



ଏହାକୁ 'ସି' ଶ୍ରେଣୀଭୁକ୍ତ ଦର୍ଶାଇଥିଲା ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ। ଅର୍ଥାତ୍ ଏହା ବ୍ୟବହାର ଅନୁପଯୋଗୀ ଓ ଏଥିରେ ରହିଛି ଜଣ୍ଡିସ ସୃଷ୍ଟିକାରୀ ବ୍ୟାକ୍ଟେରିଆ। ପିଇବା ତ ଦୂରର କଥା ଗାଧୁଆ ଯୋଗ୍ୟ ବି ନୁହେଁ। ହେଲେ ବାସ୍ତବ ସ୍ଥିତିକୁ ଦେଖିଲେ, ସଚେତନତା ଅଭାବରୁ ଏବେବି ଲୋକେ ନଈରେ ଗାଧୋଉଛନ୍ତି। ବାଲଟିରେ ପାଣି ବି ନେଉଛନ୍ତି। ➤ ପୃ-୬

### ବକ୍ରବାଣୀ



ଆମ ନେତାଙ୍କର ଦେଖ ଏ ଖେଳ,
ବାପ ପୁଅଙ୍କର ଅଲଗା ଦଳ।
ବାପ ପୁଅ ମିଶି ଖେଳ କରନ୍ତି,
ଜନତା ଆଖିରେ କଣ୍ଢା ଖେଞ୍ଚନ୍ତି।
ଗୋଟେ ଦଳେ ଶଳା ଅନ୍ୟେ ଭିଣେଇ,
ଲୋକଙ୍କୁ ଦିଅନ୍ତି ଭୁଆଁ ବୁଲେଇ।
ବିଜୟ ସୁରିଆ ପୁଅଙ୍କୁ ଦେଖ,
ଚାଲାକି ତାଙ୍କର ଟିକେ ପରଖ।
ରମାଙ୍କର ବୋହୂ ବବି ଭିଣେଇ,
ଯୋଉ ଦଳ ଜିତୁ ପରୱା ନାଇଁ।

——— ଟୁଟୁ

### ଅନ୍ତର୍ଜାତୀୟ ଶ୍ରମ ସଂଗଠନ ରିପୋର୍ଟ

## ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବୃଦ୍ଧି

**ନୂଆଦିଲ୍ଲୀ :** ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ



ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍‌ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍‌ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ➤ ପୃ-୬

## 'ପାପ ଶକ୍ତି ବିରୋଧରେ ଲଢ଼ିବାକୁ ଯାଉଛି'

**ଭୁବନେଶ୍ୱର :** ବିଜେଡି ସୁପ୍ରିମୋ ଓ ତଥାକଥିତ ଦ୍ୱିତୀୟ କ୍ଷମତା କେନ୍ଦ୍ର। କାହାରି ନାଁ ନେଲେନି। କିନ୍ତୁ ବହେ ଧୋଇଲେ କଟକ ସାଂସଦ ଭର୍ତ୍ତୃହରି ମହତାବ। ନିଜ ମନ ଭିତରେ ପୁଞ୍ଜିଭୂତ ହୋଇ ରହିଥିବା ସବୁ ଅସନ୍ତୋଷକୁ ଆଜି ଗଣମାଧ୍ୟମ ସମ୍ମୁଖରେ ଝାଡ଼ି ଦେଲେ। ଆଉ କହିଲେ, ପାପ ଶକ୍ତି ବିରୋଧରେ ଲଢ଼ିବାକୁ ଯାଉଛି। ଧର୍ମକୁ ଆୟୁଧ କରି ସେତୁବନ୍ଧ ବାନ୍ଧି ଲଙ୍କା ଜୟ କରିବାର ଅଛି। ନୂଆଦିଲ୍ଲୀରେ ବିଜେପିରେ ମିଶିବା ପରେ ଶ୍ରୀ ମହତାବ ଓଟିଭିକୁ କହିଛନ୍ତି, ପାପ ଶକ୍ତି ବିରୋଧରେ ଲଢ଼ିବାକୁ ଯାଉଛି। ସେହି ପାପ ଶକ୍ତି ବିରୋଧରେ ଲଢ଼ିବାର ଏକ ମାତ୍ର ଆୟୁଧ ହେଉଛି ଧର୍ମ ଓ ନ୍ୟାୟ। ଆଉ ତାକୁ ଆୟୁଧ କରି ସମୁଦ୍ରରେ ସେତୁ ବନ୍ଧ ବାନ୍ଧିବାର ଅଛି ଏବଂ ଲଙ୍କା ଜୟ କରିବାର ରହିଛି। ମାତା ସୀତାଙ୍କୁ ଉଦ୍ଧାର କରିବାର ରହିଛି। ତେବେ ଏଠି ମନରେ ପ୍ରଶ୍ନ ଉଠୁଥିବ ମାତା ସୀତା କିଏ ? ମାତା ସୀତା ହେଉଛନ୍ତି ଓଡ଼ିଶାର ଅସ୍ମିତା।



ଯେଉଁ ଅସ୍ମିତା ଆଜି କ୍ଷମତାର ବଳୟ ଭିତରେ ବନ୍ଦୀ ହୋଇଛି ବୋଲି ଶ୍ରୀ ମହତାବ କହିଛନ୍ତି। ଓଡ଼ିଶାର ଅସ୍ମିତା କ'ଣ ସଙ୍କଟରେ ପ୍ରଶ୍ନରେ ଶ୍ରୀ ମହତାବ କହିଲେ, ଓଡ଼ିଶାର ଅସ୍ମିତା କେବଳ ସଙ୍କଟରେ ନୁହେଁ, ସିଏ ଆଜି ବନ୍ଦୀ। ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନଙ୍କୁ ପଚାରନ୍ତୁ ଓଡ଼ିଶାର ଅସ୍ମିତା କ'ଣ ? ➤ ପୃ-୬

### କାଣିଗୁମା ପଞ୍ଚାୟତ ଅଧିନରେ ନରହିବାକୁ ଗୁଞ୍ଜିଗୁଡା ଗ୍ରାମବାସୀଙ୍କ ଦାବି

## ନଚେତ୍ ଭୋଟ ବର୍ଜନ !

**ଥୁଆମୂଳ ରାମପୁର, (ଅଙ୍ଗଦ ନାଏକ):** ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ସୂଚାରୁରୂପେ ତୃଣମୂଳ ସ୍ତରରେ କିପରି ପଞ୍ଚାୟତରାଜର ସୁଫଳ ପାଇପାରିବେ ସେଥିପାଇଁ ଜିଲ୍ଲା, ସବ୍ ଡିଭିଜନ, ବ୍ଲକ, ତହସିଲ,ଏନ୍‌ଏସି ଓ ପଞ୍ଚାୟତ ଗୁଡ଼ିକର ପୁନର୍ଗଠନ କରୁଛନ୍ତି। କାରଣ ଏସବୁ ପ୍ରକ୍ରିୟା ଗୁଡ଼ିକ ପାଇଁ ବିଭିନ୍ନ ଦଳର ବିଧାୟକ ତଥା ସ୍ଥାନୀୟ ନେତାମାନେ ଧାରଣା ଆନ୍ଦୋଳନ ମାନ କରିଥାଆନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଣିଗୁମା ପଞ୍ଚାୟତ ଅଧିନରେ ଥିବା ଗୁଞ୍ଜିଗୁଡା ଗ୍ରାମବାସୀଙ୍କ ଅସୁବିଧା ବୁଝିବା ପାଇଁ କୌଣସି ନେତା ମନ୍ତ୍ରୀଙ୍କ ପାଇଁ ସମୟ ନାହିଁ ଓ ଆନ୍ତରିକତା ମଧ୍ୟ ନାହିଁ। ଏହି ଗୁଞ୍ଜିଗୁଡା ଗ୍ରାମରେ ୨୦ ରୁ ୨୫ ପରିବାର



ବାସ କରନ୍ତି। ଏହି ଗ୍ରାମ ଠାରୁ କାଣିଗୁମା ଗ୍ରାମ ପଞ୍ଚାୟତ ର ଦୂରତା ଦୀର୍ଘ ୧୫ କିମିରୁ ଅଧିକ ହେବ। ଯଦ୍ୱାରା ଏହି ଗ୍ରାମବାସୀ ଉତ୍ତା ଠାରୁ ଆରମ୍ଭ କରି ୫କିଗ୍ରା ମାଗଣା ରାସନ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମମତା, ଅଙ୍ଗନବାଡ଼ି କେନ୍ଦ୍ର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ➤ ପୃ-୬

### ୨୦୨୪ ସାଧାରଣ ନିର୍ବାଚନରେ ମହିଳା ଭୋଟରଙ୍କ ଶକ୍ତିର ସାକ୍ଷୀ ହେବ ଓଡ଼ିଶା

## ଗଣତନ୍ତ୍ରର ମହାପର୍ବରେ ବଢୁଛି ମହିଳା ଭୋଟରଙ୍କ ଭାଗୀଦାରି

**ଭୁବନେଶ୍ୱର :** ଗଣତନ୍ତ୍ରର ମହାପର୍ବରେ ବଢୁଛି ମହିଳା ଭୋଟର୍ଙ୍କ ଭାଗୀଦାରି। ଗୋଟିଏପଟେ ପୁରୁଷ ଓ ମହିଳା ଭୋଟରଙ୍କ ମଧ୍ୟରେ ତାରତମ୍ୟ ହ୍ରାସ ପାଉଥିବା ବେଳେ ଅନ୍ୟପଟେ ଅଧିକରୁ ଅଧିକ ସଂଖ୍ୟକ ମହିଳା ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ ପାଇଁ ମତଦାନ କେନ୍ଦ୍ରରେ ପହଞ୍ଚୁଛନ୍ତି। ଏପରିସ୍ଥଳେ ୨୦୨୪ ସାଧାରଣ ନିର୍ବାଚନରେ ମହିଳା ଭୋଟରଙ୍କ ଶକ୍ତିର ସାକ୍ଷୀ ହେବ ଓଡ଼ିଶା। ସାଧାରଣତଃ ମହିଳାଙ୍କ ତୁଳନାରେ ପୁରୁଷ ଭୋଟର୍ଙ୍କ ସଂଖ୍ୟା ଅଧିକ ରହିଥାଏ। ତେବେ ସଚେତନତା ବୃଦ୍ଧି ହେଉ ଅବା ଭୋଟଦାନର ମୂଲ୍ୟବୋଧ, ଅଧିକରୁ ଅଧିକ ମହିଳା ମତଦାନ ପାଇଁ ଆସୁଛନ୍ତି। ଆଗାମୀ ନିର୍ବାଚନରେ ମହିଳା



ଭୋଟର୍ମାନଙ୍କୁ ଆକୃଷ୍ଟ କରିବା ପାଇଁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଏଥର ଓଡ଼ିଶାରେ ପ୍ରାୟ ୪ହଜାର ବୁଥ୍ ପରିଚାଳନା ଦାୟିତ୍ୱରେ କେବଳ ମହିଳାମାନଙ୍କୁ ନିୟୋଜିତ କରାଯିବ। ସେହିପରି ୭୦୦ ମତଦାନ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଯୁବକଯୁବତୀ ରହିଥିବା ବେଳେ ୭୦୦ଟି ଆଦର୍ଶ ମତଦାନ କେନ୍ଦ୍ର ଚିହ୍ନଟ କରାଯାଇଛି। ମହିଳା ଭୋଟର୍ମାନଙ୍କୁ ଆକୃଷ୍ଟ କରିବା ଲାଗି 'ସଖୀ' ବୁଥ୍ ସ୍ଥାପନ କରାଯିବ। ୨୦୧୯ ନିର୍ବାଚନରେ ଯେଉଁସବୁ ଅଞ୍ଚଳରେ ମହିଳା ମତଦାନ ହାର କମ୍ ରହିଥିଲା, ସେଠାରେ ସଖୀ ବୁଥ୍ ସ୍ଥାପନ କରାଯିବ। ହାଦ୍ୱାରା ମହିଳା ଭୋଟରମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିବ ଆଉ ସେମାନେ ମଧ୍ୟ ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଆସିବେ। ମହିଳା ବୁଥ୍‌ରେ ମହିଳା କର୍ମଚାରୀମାନେ ଓଡ଼ିଶା ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପିନ୍ଧିବେ। ସୂଚନା ଅନୁସାରେ, ପ୍ରତି ଜିଲ୍ଲାରେ ଅନ୍ୟୁନ ୨୦% ଆଦର୍ଶ ମତଦାନ କେନ୍ଦ୍ର ରହିବ। ଏସବୁ ବୁଥ୍ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଥଣ୍ଡା ଓ ଶର୍ଦ୍ଦି ରୋଗ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଆୟ ବଢ଼ିବ। ଛାତ୍ରମାନେ ପରିଶ୍ରମ କରିବେ। କ୍ରୋଧରେ କାବୁ କରନ୍ତୁ। ପ୍ରେମ ପାଇଁ କଠିନ ସମୟ। ଶୁଭ ତାରିଖ : ୨, ୪, ଭାଗ୍ୟଫଳ : ୮୦%। ପ୍ରତିକାର : ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ବୃଷ** ମନ ଅସ୍ଥିର ରହିବ। ଯୋଗ କରନ୍ତୁ। ମକଦ୍ଦମାରେ ବିଜୟୀ ହେବ। ପଦୋନ୍ନତି ହୋଇପାରେ। ରୋକିଥିବା ଧନ ଫେରିବ। ପ୍ରେମରେ ବୁଝାମଣା ଅଭାବ ଯୋଗୁ ବିଚ୍ଛେଦ ହୋଇପାରେ। ଶୁଭ ତାରିଖ : ୧, ୪, ଭାଗ୍ୟଫଳ : ୭୦%। ପ୍ରତିକାର : ଗରିବ ଓ ଅନାଥଙ୍କୁ ଭୋଜନ କରାନ୍ତୁ।

**ମିଥୁନ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ସମ୍ମାନ ବଢ଼ିବ। ବ୍ୟବସାୟରେ ଉନ୍ନତି। ବାହାନ କିଣିପାରନ୍ତି। ଛାତ୍ରମାନେ ସଫଳ ହେବେ। ପ୍ରେମ ବିବାହ ହୋଇପାରେ। ଶୁଭ ତାରିଖ : ୧, ୨, ଭାଗ୍ୟଫଳ : ୬୦%। ପ୍ରତିକାର : ଗଣେଷ ସ୍ତୋତ୍ର ପାଠ କରନ୍ତୁ।

**କର୍କଟ** ଆଣ୍ଠୁ ଗଣ୍ଠିରେ ଯନ୍ତ୍ରଣା ହେବ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିପାରେ। ପୁଞ୍ଜି ବଢ଼ିବ। ଛାତ୍ରଙ୍କର ପାଠରେ ମନ ଦୂରେଇବ। ଦମ୍ପତିଙ୍କ ସମ୍ପର୍କ ମଧୁର ହେବ। ଶୁଭ ତାରିଖ : ୩, ୫, ଭାଗ୍ୟଫଳ : ୯୦%। ପ୍ରତିକାର : ହଳଦିଆ ବସ୍ତୁ ଦାନ କରନ୍ତୁ।

**ସିଂହ** ପୁରୁଣା ରୋଗ ପୁଣି ହୋଇପାରେ। ନୂଆ ବ୍ୟବସାୟ ପାଇଁ ସମୟ ଭଲ। ଉଧାର ଦିଅନ୍ତୁ ନାହିଁ। ପ୍ରେମରେ ସଫଳ ହେବେ। ଶୁଭ ତାରିଖ : ୧, ୨, ଭାଗ୍ୟଫଳ : ୮୦%। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**କନ୍ୟା** ପେଟରେ ସମସ୍ୟା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହିବେ। ବଡ କମ୍ପାନୀରେ ଚାକିରି ମିଳିପାରେ। ଭାବିଚିନ୍ତି ନିବେଶ କରନ୍ତୁ। ସନ୍ତାନପ୍ରାପ୍ତି ପାଇଁ ସମୟ ଅନୁକୂଳ। ଶୁଭ ତାରିଖ : ୩, ୪, ଭାଗ୍ୟଫଳ : ୭୦%। ପ୍ରତିକାର : ବରଗଛ ମୂଳରେ ଦୀପ ଜାଳନ୍ତୁ।

**ତୁଳା** ସ୍ୱାସ୍ଥ୍ୟରେ ସାମାନ୍ୟ ପତନ ହୋଇପାରେ। ରୋକିଥିବା ପଇସା ଫେରିବ। ଚାକିରିରେ ପରିବର୍ତ୍ତନ ହୋଇପାରେ। ଜୀବନସାଥୀଙ୍କ ସମୟ ତର୍କବିତର୍କରେ କଟିପାରେ। ଶୁଭ ତାରିଖ : ୨, ୫, ଭାଗ୍ୟଫଳ : ୭୦%। ପ୍ରତିକାର : ଶିବଲିଙ୍ଗରେ ଜଳ ଚଢ଼ାନ୍ତୁ।

**ବିଛା** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ବ୍ୟବସାୟରେ ଧୈର୍ଯ୍ୟ ରଖନ୍ତୁ। ଚାକିରିରେ ଲାଭ। ଖର୍ଚ୍ଚ ବଢ଼ିବ। ପରିବାରରେ ଶାନ୍ତି ବଢ଼ିବ। ଦାମ୍ପତ୍ୟ ଜୀବନ ମଧୁର ହେବ। ଶୁଭ ତାରିଖ : ୨, ୩, ଭାଗ୍ୟପଳ : ୬୦%। ପ୍ରତିକାର : କାଉଙ୍କୁ ରୁଟି ଖାଇବାକୁ ଦିଅନ୍ତୁ।

**ଧନୁ** ଛୋଟ ମୋଟ ଦୁର୍ଘଟଣା ହୋଇପାରେ। କଠିନ କାମ ସହଜରେ ହେବ। ବ୍ୟବସାୟରେ ପ୍ରତିବନ୍ଧକ ହେବ। ଉଧାର ପଇସା ଫେରିବ। ଜୀବନସାଥୀଙ୍କ ସହଯୋଗ ବଢ଼ିବ। ଶୁଭ ତାରିଖ : ୧, ୨, ଭାଗ୍ୟଫଳ : ୭୦%। ପ୍ରତିକାର : ବେଲଗଛକୁ ପୂଜା କରନ୍ତୁ।

**ମକର** ଗଳାରେ ସମସ୍ୟା ହୋଇପାରେ। ବ୍ୟବସାୟ ପାଇଁ ଅନୁକୂଳ ସମୟ। ପରିବାରରେ ସମସ୍ୟା ହୋଇପାରେ। ସନ୍ତାନଙ୍କ ଧ୍ୟାନ ରଖନ୍ତୁ। ଶୁଭ ତାରିଖ : ୩, ୪, ଭାଗ୍ୟଫଳ : ୬୦%। ପ୍ରତିକାର : ପ୍ରତିଦିନ କେଶର ତିଳକ ଲଗାନ୍ତୁ।

**କୁମ୍ଭ** ମନ ଚଞ୍ଚଳ ରହିବ। ଲାଭ ବଢ଼ିବ। ପଦୋନ୍ନତି ହୋଇପାରେ। ନିଜର ଇଚ୍ଛାକୁ ଆୟତ୍ତରେ ରଖନ୍ତୁ। ପରିବାର ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଶୁଭ ତାରିଖ : ୨, ୫, ଭାଗ୍ୟଫଳ : ୭୦%। ପ୍ରତିକାର : କିଛି ଦାନ ଧର୍ମ କରନ୍ତୁ।

**ମୀନ** ମାଂସପେଶୀରେ ଯନ୍ତ୍ରଣା ହେବ। କାର୍ଯ୍ୟରେ ଆତ୍ମବିଶ୍ୱାସ ବଢ଼ିବ। ବ୍ୟବସାୟରେ ଲାଭ। ବୈବାହିକ ଜୀବନରେ ତୃତୀୟ ପକ୍ଷକୁ ପ୍ରବେଶ କରାନ୍ତୁ ନାହିଁ। ଛାତ୍ରମାନେ ବ୍ୟସ୍ତ ରହିବେ। ଶୁଭ ତାରିଖ : ୩, ୫, ଭାଗ୍ୟପଳ : ୮୦%। ପ୍ରତିକାର : କଳା କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଏସିଆର ଅରବପତିଙ୍କ ରାଜଧାନୀ ମୁମ୍ବାଇ



**ମୁମ୍ବଇ :** ହୁରୁନ୍ ଗ୍ଲୋବାଲ ଅରବପତି ତାଲିକା ଅନୁଯାୟୀ ବେଜିଂକୁ ପଛରେ ପକାଇ ଏସିଆର ଅରବପତିଙ୍କ ରାଜଧାନୀ ହୋଇଛି ମୁମ୍ବଇ। ଆନ୍ତର୍ଜାତିକ ଧନୀ ସହର ତାଲିକାରେ ୧୧୯ ଅରବପତିଙ୍କୁ ନେଇ ନ୍ୟୁୟର୍କ ଶୀର୍ଷ ସ୍ଥାନରେ ଥିବା ବେଳେ ୯୭ ଅରବପତିଙ୍କୁ ନେଇ ଲଣ୍ଡନ ଦ୍ୱିତୀୟରେ ଓ ୯୨ ଅରବପତିଙ୍କୁ ନେଇ ୬୦୩ ବର୍ଗ କିଲୋମିଟର ପରିମିତ ମୁମ୍ବାଇ ସହର ତୃତୀୟ ସ୍ଥାନ ଅଧିକାର କରିଛି। ଏଥିସହ ୯୧ ଅରବପତିଙ୍କୁ ନେଇ ୧୬ ହଜାର ବର୍ଗ କିଲୋମିଟର ପରିମିତ ବେଜିଂ ସହର ଚତୁର୍ଥରେ ଥିବା ବେଳେ ସାଙ୍ଘାଇ (୮୭) ପଞ୍ଚମ ସ୍ଥାନରେ ରହିଛି। ଗତ ବର୍ଷ ତୁଳନାରେ ଅରବପତିଙ୍କ ସଂଖ୍ୟା ୫ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୩,୨୭୯ ନୂଆ ଅରବପତି ତାଲିକାରେ ସାମିଲ ହୋଇଛନ୍ତି। ତେବେ ଧନୀ ଦେଶ ତାଲିକାରେ ଏବେ ବି ଚୀନ ୮୧୪ ଅରବପତିଙ୍କୁ ନେଇ ଶୀର୍ଷରେ ଥିବା ବେଳେ ଗତବର୍ଷ ଏହି ସଂଖ୍ୟା ଆହୁରି ୧୫୫ ଅଧିକ ଥିଲା। ସଂଯୁକ୍ତ ରାଷ୍ଟ୍ର ଆମେରିକା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଏଠାରେ ୮୦୦ ଅରବପତି ଅଛନ୍ତି। ତେବେ ଭାରତ ତୃତୀୟ ସ୍ଥାନରେ ଥିବା ବେଳେ ଏଠାରେ ୨୭୧ ଅରବପତି ଅଛନ୍ତି। ଚୀନ୍‌ର ବ୍ୟକ୍ତିଗତ ଧନୀ ତାଲିକାରେ ଜୋଙ୍ଗ ଶାନ୍‌ଶାନ୍ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ମାଇକ୍ରୋସଫ୍ଟ, ଗୁଗୁଲ, ଆମାଜନ୍, ଓରାକଲ ଏବଂ ମେଟା କମ୍ପାନୀରେ ଅରବପତିଙ୍କ ସମ୍ପତ୍ତିରେ ବୃଦ୍ଧି ହୋଇଛି। ବ୍ଲୁମ୍‌ବର୍ଗ ଅରବପତି ସୂଚକାଙ୍କ ଅନୁଯାୟୀ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ୨୦୧ ବିଲିୟନ ଡଲାର ଏବଂ ଟେସ୍ଲା ସିଇଓ ଏଲୋନ୍ ମସ୍କ ୧୯୦ ବିଲିୟନ ଡଲାର ସମ୍ପତ୍ତି ସହ ଆମେରିକାର ଧନୀ ତାଲିକାର ସର୍ବୋଚ୍ଚ ଦୁଇ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ନୂଆ ଅତି ଧନି ତାଲିକାରେ ୮୪ ସଦସ୍ୟଙ୍କ ସହ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ପୃଥିବୀର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ହିସାବରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଗତ ଅକ୍ଟୋବର-ଡିସେମ୍ବର ମଧ୍ୟରେ ୮.୪ ପ୍ରତିଶତ ରହିଥିଲା। ଏସିଆ ମହାଦେଶର ଧନୀ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସ୍ଥାନ ସର୍ବାଗ୍ରେ ଅପରିବର୍ତ୍ତିତ ରହିଛି। ତେବେ ଆଦାନୀ ଗ୍ରୁପ୍ର ମୁଖ୍ୟ ଗୌତମ ଆଦାନୀ ମୁକେଶ ଅମ୍ବାନୀଙ୍କୁ ଜାନୁଆରୀରେ ଟପିଥିବା ବେଳେ ବର୍ତ୍ତମାନ ସେ ୯୭.୯ ବିଲିୟନ ଡଲାର ସମ୍ପତ୍ତି ସହ ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ମୁମ୍ବାଇକୁ ପୁଣି ଥରେ ଏସିଆର ୧ ନମ୍ବର ଓ ବିଶ୍ୱରେ ୩ ନମ୍ବର ସ୍ଥାନ ଦେବାରେ ସନ ଫାର୍ମାସ୍ୟୁଟିକଲସ୍ର ଦିଲୀପ ସାଂଘଭୀ ଓ କୁମାର ମଙ୍ଗଳମ୍ ବିର୍ଲାଙ୍କ ଯୋଗଦାନ ରହିଛି। ଡିମାର୍ଟର ସଫଳତା ଯୋଗୁ ରାଧାକିଷନ୍ ଦମାନୀଙ୍କ ସମ୍ପତ୍ତିରେ ସ୍ଥିର ଅଭିବୃଦ୍ଧି ତାଙ୍କୁ ବିଶ୍ୱ ଧନିକଙ୍କ ସୂଚୀର ୧୦୦ତମ ସ୍ଥାନରେ ପହଞ୍ଚାଇଛି। ଏହିସବୁ ଅରବପତିମାନଙ୍କ କାରଣରୁ ମୁମ୍ବାଇ ଆଜି ଅରବପତିଙ୍କ ସହର ମାମଲାରେ ଚୀନକୁ ବି ପଛରେ ପକାଇଦେଇଛି।

## ‘ଚାଇନାର ଅରୁଣାଚଳ ଦାବି ଭିତ୍ତିହୀନ’



**ନୂଆଦିଲ୍ଲୀ :** ଭାରତର ଅରୁଣାଚଳ ପ୍ରଦେଶକୁ ନେଇ ଚାଇନା ବାରମ୍ବାର କରୁଥିବା ଦାବି ଉପରେ ଆଜି ନୂଆଦିଲ୍ଲୀ ଜବାବ ରଖିଛି। ଚାଇନାର ଦାବିକୁ ଭାରତ ସରକାର ଭିତ୍ତିହୀନ ବୋଲି କହିଛନ୍ତି। ଭାରତର ଆଭିମୁଖ୍ୟ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, ଅରୁଣାଚଳ ପ୍ରଦେଶ ହେଉଛି ଭାରତର ଆଭ୍ୟନ୍ତରୀଣ ଅଂଶ। ଏହି ତଥ୍ୟକୁ ଚାଇନାର ବାରମ୍ବାର ଅମୂଳକ ଦାବି ବଦଳାଇ ପାରିବ ନାହିଁ। ଆମର ଆଭିମୁଖ୍ୟ ପୂର୍ବରୁ ଯାହା ଥିଲା, ଏବେ ବି ସେଇଆ ଅଛି। ଚାଇନାର ଭିତ୍ତିହୀନ ଦାବିକୁ ବାରମ୍ବାର ଦୋହରାଇ ପାରେ। ହେଲେ ଏଥିରେ କୌଣସି ପ୍ରକାରର ପରିବର୍ତ୍ତନ ହେବାର ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଥିଲା, ଅଛି ଓ ସବୁବେଳେ ରହିବ। ଏହାର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଜୈସୱାଲ କହିଛନ୍ତି। ଚଳିତ ସପ୍ତାହରେ ଚାଇନା ପୂର୍ବଭଳି ପୁଣି ଥରେ ଭାରତର ଅରୁଣାଚଳ ପ୍ରଦେଶକୁ ନିଜ ଅଞ୍ଚଳ ଭାବେ ଦାବି କରିଥିଲା। ଅରୁଣାଚଳର ନାଁ ବଦଳାଇ ଚାଇନା ଏହାକୁ ଝାଙ୍ଗନାନ କହୁଛି। ଏହି ଅଞ୍ଚଳ ସବୁବେଳେ ଚାଇନାର ବୋଲି ଦେଶର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ କହିଥିଲେ। ଚାଇନାର ଏପରି ଦାବି ପରେ ଭାରତ ପକ୍ଷରୁ ଏହାର ଜବାବ ଦିଆଯାଇଛି।

## କମୁଛି ଫର୍ଟିଲିଟି ରେଟ୍: ୨୦୫୦ ବେଳକୁ ଦେଶରେ ରହିଥିବେ କେବଳ ବୟସ୍କ ବ୍ୟକ୍ତି



**ନୂଆଦିଲ୍ଲୀ :** ଭାରତରେ ଏବେ ବଢ଼ି ଚାଲିଛି ଜନସଂଖ୍ୟା। ଏହି ଚିନ୍ତା ଜନକ ଖବର ଭିତରେ ଆଉ ଏକ ଖବର ଆସି ପହଞ୍ଚିଛି ଯାହା ସମସ୍ତଙ୍କୁ ଚିନ୍ତାରେ ପକାଇଦେଇଛି। ୨୦୫୦ ମସିହା ବେଳକୁ ଭାରତରେ ଫର୍ଟିଲିଟି ରେଟ ବା ପ୍ରଜନନ କ୍ଷମତା ମାତ୍ର ୧. ୨୯ ରହିଥିବ। ଏବେ ଏହା ରହିଛି ୧. ୯୧। ୧୯୫୦ ମସିହାରେ ଏହା ୬. ୧୮ ଥିଲା। ଅର୍ନ୍ତରାଷ୍ଟ୍ରୀୟ ଜର୍ନାଲରେ ପ୍ରକାଶିତ ହୋଇଥିବା ଏହି ରିପୋର୍ଟ ସମସ୍ତଙ୍କୁ ଚକିତ କରିଦେଇଛି। ଜର୍ନାଲ କହିଛି ଯେ, ଏହି ସ୍ତର କମିକି ୧. ୦୪ ବି ହୋଇପାରେ। କେବଳ ଭାରତରେ ପ୍ରଜନନ କ୍ଷମତା କମୁନି ଦୁନିଆରେ ବହୁ ଦେଶରେ ଏମିତି ହେଉଛି। ସାରା ବିଶ୍ୱରେ ମହିଳାଙ୍କ କ୍ଷେତ୍ରରେ ପ୍ରଜନନ କ୍ଷମତା ପ୍ରାୟ ଅଧା କମି ଗଲାଣି। ୧୯୫୦ ମସିହାରେ ଏହା ୪. ୮ରୁ ଅଧିକା ଥିଲା। ୨୦୨୧ରେ ଏହା କମି ୨. ୨ ହୋଇଯାଇଛି। ବୈଜ୍ଞାନିକ ମାନେ ଏଥିପାଇଁ ଜୀବନଶୈଳୀ ବଦଳିବା ଗ୍ଲୋବାଲ ୱାର୍ମିଂ, କ୍ଲାଇମେଟ ଚେଞ୍ଜ ଭଳି ସମସ୍ୟାକୁ ଦାୟୀ କରିଛନ୍ତି। ଭାରତରେ ଅଧିକ ଜନସଂଖ୍ୟା ଥିବାରୁ ଆଗକୁ ଯଦି ଏହି ପ୍ରଜନନ ସଂଖ୍ୟା କମିଯାଏ ତାହାଲେ ଛୋଟ ପିଲା ଏବଂ ବୟସ୍କଙ୍କ ମଧ୍ୟରେ ସନ୍ତୁଳନ ଠିକରେ ରକ୍ଷା ହୋଇପାରିବ ନାହିଁ। ଦେଶରେ ଯୁବକ ଯୁବତୀ କମ୍ ଏବଂ ବୟସ୍କ ବ୍ୟକ୍ତି ଅଧିକ ରହିବେ ବୋଲି ଆଶଙ୍କା କରାଯାଉଛି।

## ୨୦୨୬ ସୁଦ୍ଧା ଭାରତର ନିବେଶ ହାର ବଢ଼ିବ ୩୬.୨%



**ନୂଆଦିଲ୍ଲୀ :** ୨୦୨୨-୨୩ରେ ଭାରତର ନିବେଶ ହାର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୩୨.୨ ପ୍ରତିଶତ ଥିବା ବେଳେ ୨୦୨୬-୨୭ ସୁଦ୍ଧା ଏହା ବଢ଼ି ୩୬.୨ ପ୍ରତିଶତରେ ପହଞ୍ଚିବ ବୋଲି ମୋର୍ଗାନ ଷ୍ଟାନଲି ରିପୋର୍ଟରେ ପ୍ରକାଶ ପାଇଛି। ପୁଞ୍ଜିଗତ ବ୍ୟୟ ଉପରେ ସରକାରଙ୍କ ପ୍ରୟାସ ମହାମାରୀ ପରେ ପୁଞ୍ଜିଗତ ବ୍ୟୟରେ ସୁଧାର ଆଣିବାରେ ସହାୟକ ହୋଇଥିଲା। କେନ୍ଦ୍ର ସରକାର ଚଳିତ ବର୍ଷ ବଜେଟରେ ୨୦୨୪-୨୫ ପର୍ଯ୍ୟନ୍ତ ପୁଞ୍ଜିଗତ ବ୍ୟୟ ୧୧ ପ୍ରତିଶତ ବୃଦ୍ଧି କରି ୧୧.୧୧ ଲକ୍ଷ କୋଟି ଟଙ୍କା କରିବାକୁ ପ୍ରସ୍ତାବ ରଖିଛନ୍ତି। ଦୀର୍ଘକାଳୀନ ଭୌତିକ ସମ୍ପତ୍ତି ୨୦୨୩-୨୪ରେ ୩୩ ପ୍ରତିଶତ ବୃଦ୍ଧି ପାଇ ୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ବଜେଟରେ ୩.୩ ପ୍ରତିଶତ ମୋଟ ଘରୋଇ ଉତ୍ପାଦ ରହିଥିଲା। ନିକଟରେ ସେମି କଣ୍ଡକ୍ଟର ଓ ବୈଦ୍ୟୁତିକ ଜାନ ନିର୍ମାଣ କ୍ଷେତ୍ରରେ ନିବେଶକୁ ମୋର୍ଗାନ ଷ୍ଟାନଲି ରିପୋର୍ଟରେ ଗୁରୁତ୍ୱ ଦେଇଛି। ପୂର୍ବ ନିର୍ବାଚନ ବର୍ଷ ପରି ୨୦୨୪ ନିର୍ବାଚନ ପାଇଁ ଆବାସିକ ରିଏଲ୍ ଇଷ୍ଟେଟ୍ ବଜାରରେ ଏକ ବଡ଼ ଧରଣର ଧାରା ପୂର୍ବାନୁମାନ କରିଛି। ଘରୋଇ ଉତ୍ପାଦନ ଏବଂ ପୁଞ୍ଜି ବ୍ୟୟ ଚକ୍ରକୁ ପ୍ରଭାବିତ କରିବାରେ ରପ୍ତାନି ଧାରା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପୂର୍ବ ମାସର ହ୍ରାସ ତୁଳନାରେ ଗତ ତିନି ମାସରେ ୫.୨ ପ୍ରତିଶତ ଅଭିବୃଦ୍ଧି ସହିତ ଦ୍ରବ୍ୟ ରପ୍ତାନିରେ ବୃଦ୍ଧି ଘଟିଛି। ସେବା ରପ୍ତାନି ମଧ୍ୟ ଅକ୍ଟୋବର ୨୦୨୩ ଠାରୁ ଏକ ସକାରାତ୍ମକ ଅଭିବୃଦ୍ଧି ଧାରା ଦେଖାଇଛି, ଯାହାକି ବର୍ଷକୁ ବର୍ଷ ୮.୯ ପ୍ରତିଶତରେ ବୃଦ୍ଧି ହୋଇଛି। ବର୍ତ୍ତମାନର ୨.୪ ପ୍ରତିଶତ ତୁଳନାରେ ୨୦୩୧ ସୁଦ୍ଧା ରପ୍ତାନି ବଜାର ଅଂଶରେ ୪.୫ ପ୍ରତିଶତକୁ ବୃଦ୍ଧି ହେବ ବୋଲି ମୋର୍ଗାନ ଷ୍ଟାନଲି ପୂର୍ବାନୁମାନ କରିଛି।

### ବିଲ୍ ଗେଟ୍ସଙ୍କୁ ପ୍ରସ୍ତାବ ଦେଲେ ମୋଦି


## ଏଆଇ କଣ୍ଟେଣ୍ଟରେ ୱାଟରମାର୍କ ରହିଲେ ଭଲ ହେବ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ମଧ୍ୟରେ ଏକ ଆଲୋଚନା ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାରଠୁ ନେଇ ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ ମହିଳା ସଶକ୍ତିକରଣ ଉପରେ ଚର୍ଚ୍ଚା କରିଛନ୍ତି ମୋଦି-ବିଲଗେଟ୍ସ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ବିଲଗେଟ୍ସଙ୍କୁ କହିଛନ୍ତି, ଭାରତରେ ସର୍ବଶ୍ରେଷ୍ଠ ଶିକ୍ଷାଦାନ ଦିଗରେ କାର୍ଯ୍ୟ ଜାରି ରହିଛି। ଦେଶରେ କୃଷି କ୍ଷେତ୍ରରେ ବଡ଼ଧରଣର ବିପ୍ଳବ ଆସିଛି। ଏବେ ଗାଁରେ ମଧ୍ୟ ଡିଜିଟାଲ ସୁବିଧା ପହଞ୍ଚି ପାରିଛି। ଏଥିସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେ କହିଛନ୍ତି, ବର୍ତ୍ତମାନ ସମୟରେ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଜି-୨୦ ଶିଖର ସମ୍ମିଳନୀରେ ଏଆଇ କିମ୍ବା ଏଆଇ ଟେକ୍ନୋଲୋଜି ମୋ ଭାଷଣକୁ ବିଭିନ୍ନ ଭାଷାରେ ଅନୁବାଦ କରିବାରେ ସାହାଯ୍ୟ କରିଛି। କିନ୍ତୁ ଏହି ଟେକ୍ନୋଲୋଜିର ବହୁ ବିପଦପୂର୍ଣ୍ଣ ଦିଗ ରହିଛି, ଯାହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ବିଲଗେଟ୍ସଙ୍କୁ କହିଛନ୍ତି ଯେ, ଡିପଫେକ୍ ଭଳି ଟେକ୍ନୋଲୋଜିର ଅପବ୍ୟବହାରକୁ ରୋକିବାକୁ ପଡ଼ିବ। ଯଦି ଲୋକମାନେ ସଠିକ୍ ତାଲିମ୍ ନ ପାଆନ୍ତି, ତେବେ ସେମାନେ ପ୍ରଯୁକ୍ତିବିଦ୍ୟାର ଦୂରୁପୋଯୋଗ କରିବେ। ଡିପଫେକ୍ ଭଳି ସମସ୍ୟାକୁ ରୋକିବା ପାଇଁ ଏଆଇ ଚାଳିତ କଣ୍ଟେଣ୍ଟରେ ୱାଟରମାର୍କର ବ୍ୟବହାର ଭଲ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ତରଳୁଛି ମେରୁ ବରଫ; ମନ୍ଥର ହୋଇଯାଇଛି ପୃଥିବୀର ଘୂର୍ଣ୍ଣନ

**ନୂଆଦିଲ୍ଲୀ :** ପୃଥିବୀର ଗତି ଏବେ ପୂର୍ବାପେକ୍ଷା ମନ୍ଥର ହୋଇଯାଇଛି ଏବଂ ଏହି ପରିବର୍ତ୍ତନ ଆମ ଘଡ଼ିକୁ ପ୍ରଭାବିତ କରିପାରେ। କିନ୍ତୁ କେବଳ ଗୋଟିଏ ସେକେଣ୍ଡ ପାଇଁ। ନେଚର୍ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଗ୍ଲୋବାଲ ୱାର୍ମିଂ କାରଣରୁ ଏପରି ଘଟୁଛି। ବଢୁଥିବା ତାପମାତ୍ରା ଯୋଗୁଁ ମେରୁ ବରଫ ତରଳୁଛି, ଯେଉଁ କାରଣରୁ ପୃଥିବୀ ପୂର୍ବାପେକ୍ଷା କମ୍ ବେଗରେ ଗତି କରୁଛି। ଏହାଦ୍ୱାରା ୨୦୨୯ ସୁଦ୍ଧା ବିଶ୍ୱ ସମୟ ରକ୍ଷକମାନେ ଆମ ଘଡ଼ିରୁ ଗୋଟିଏ ସେକେଣ୍ଡ ବିୟୋଗ କରିବାକୁ ଚିନ୍ତା କରିପାରନ୍ତି ବୋଲି ବୁଧବାର ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି। ଏହା କମ୍ପ୍ୟୁଟର ନେଟ୍‌ୱର୍କ ସମୟ ପାଇଁ ଏକ ଅଭୂତପୂର୍ବ ସମସ୍ୟା ସୃଷ୍ଟି କରିବ ଏବଂ ୟୁଟିସିରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପରିବର୍ତ୍ତନ କରିବା ଆବଶ୍ୟକ ହୋଇପାରେ ବୋଲି ଅଧ୍ୟୟନରୁ ଜଣାପଡିଛି। ଏହି ଗବେଷଣାର ଲେଖକ ହେଉଛନ୍ତି କାଲିଫର୍ଣ୍ଣିଆ ସାନ୍ ଡିଏଗୋ ବିଶ୍ୱବିଦ୍ୟାଳୟର ସ୍କ୍ରିପ୍ସ ଇନଷ୍ଟିଚ୍ୟୁସନ ଅଫ୍ ଓସେନୋଗ୍ରାଫିର ଭୂତତ୍ତ୍ୱ ବିଜ୍ଞାନୀ ଡଙ୍କାନ ଆଗନ୍ୟୁ। ସେ କହିଛନ୍ତି ଯେ ମେରୁରେ ବରଫ ତରଳିବା ସହିତ ପୃଥିବୀର ବସ୍ତୁତ୍ୱ କେନ୍ଦ୍ରୀଭୂତ ହୋଇଥିବା ସ୍ଥାନରେ ପରିବର୍ତ୍ତନ ହୁଏ। ଫଳରେ ଏହି ପରିବର୍ତ୍ତନ ଗ୍ରହର କୋଣୀୟ ବେଗକୁ ପ୍ରଭାବିତ କରିଥାଏ। ଯେହେତୁ ମେରୁ ବରଫ ତରଳୁଛି, ତେଣୁ ପୃଥିବୀର ବିଷୁବ ରେଖା ଚାରିପଟେ ବସ୍ତୁତ୍ୱ ବୃଦ୍ଧି ପାଉଛି, ଯାହା ଗ୍ରହର ଘୂର୍ଣ୍ଣନକୁ ପ୍ରଭାବିତ କରୁଛି। ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଜିଓଫିଜିକ୍ସ ପ୍ରଫେସର ଟମାସ୍ ହେରିଙ୍ଗ୍ କହିଛନ୍ତି ଯେ ମେରୁ ବରଫ ତରଳିବା ପରେ ସେହି ପାଣି ବିଷୁବରେଖା ଆଡ଼କୁ ପ୍ରବାହିତ ହେଉଛି। ଫଳରେ ମେରୁ ଅଞ୍ଚଳରେ ପୃଥିବୀର ବସ୍ତୁତ୍ୱ ହ୍ରାସ ପାଇ ବିଷୁବବୃତ୍ତ ଅଞ୍ଚଳରେ ବୃଦ୍ଧି ପାଉଛି ଏବଂ ପୃଥିବୀର ଗତିକୁ ଏହା ପ୍ରଭାବିତ କରୁଛି। ସୂଚନାଯୋଗ୍ୟ ଯେ ଲକ୍ଷ ଲକ୍ଷ ବର୍ଷ ଧରି ପୃଥିବୀର ଘୂର୍ଣ୍ଣନ ମନ୍ଥର ହୋଇଚାଲିଛି। ପାଖାପାଖି ୭୦ ନିୟୁତ ବର୍ଷ ପୂର୍ବେ ଦିନଗୁଡ଼ିକ ଛୋଟ ଥିଲା (୨୩.୫ ଘଣ୍ଟା ପର୍ଯ୍ୟନ୍ତ ଥିଲା) ବୋଲି ପାଲିଓସେନୋଗ୍ରାଫି ଏବଂ ପାଲିଓକ୍ଲାଇମେଟୋଲୋଜିରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।

# ଅନନ୍ତ ଯାତ୍ରାରେ ସ୍ୱାମୀ ସ୍ମରଣାନନ୍ଦ



**ନରେନ୍ଦ୍ର ମୋଦୀ**

ଲୋକସଭା ନିର୍ବାଚନ ମହାପର୍ବର ବ୍ୟସ୍ତତା ମଧ୍ୟରେ ଏମିତି ଏକ ଖବର ଆସିଥିଲା, ଯାହା ମନକୁ କିଛି ମୁହୂର୍ତ୍ତ ପାଇଁ ବିବ୍ରତ କରି ଦେଇଥିଲା। ଭାରତର ଆଧାତ୍ମିକ ଚେତନାର ସର୍ବୋଚ୍ଚ ବ୍ୟକ୍ତିତ୍ୱ ଶ୍ରୀମତ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜ ସମାଧିସ୍ଥ ହେବା ଏକ ବ୍ୟକ୍ତିଗତ କ୍ଷତି। କିଛି ବର୍ଷ ପୂର୍ବେ ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ମହାପ୍ରୟାଣ ଏବଂ ବର୍ତ୍ତମାନ ସ୍ୱାମୀ ସ୍ମରଣାନନ୍ଦଙ୍କ ଅନନ୍ତ ଯାତ୍ରାରେ ବିଦାୟ ଅନେକ ଲୋକଙ୍କୁ ଦୁଃଖିତ କରିଛି। ରାମକୃଷ୍ଣ ମଠ ଓ ମିଶନର ଲକ୍ଷ ଲକ୍ଷ ଭକ୍ତ, ସାଧୁ ଓ ଅନୁଗାମୀଙ୍କ ପରି ମୁଁ ମଧ୍ୟ ବହୁତ ଦୁଃଖୀ।

ଚଳିତ ମାସ ପ୍ରାରମ୍ଭରେ ପଶ୍ଚିମବଙ୍ଗ ଗସ୍ତ ସମୟରେ ମୁଁ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ଡାକ୍ତରଖାନା ଯାଇଥିଲି। ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ଭଳି ସ୍ୱାମୀ ସ୍ମରଣାନନ୍ଦଜୀ ମଧ୍ୟ ଆଚାର୍ଯ୍ୟ ରାମକୃଷ୍ଣ ପରମହଂସ, ମାତା ଶାରଦା ଓ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରାକୁ ବିଶ୍ୱରେ ପ୍ରସାର ପାଇଁ ସଂପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଲେଖା ଲେଖିବା ସମୟରେ ତାଙ୍କ ସହ ମୋର ସାକ୍ଷାତ, ତାଙ୍କ ସହ ମୋର କଥାବାର୍ତ୍ତା, ସେହି ସ୍ମୃତି ମୋ ମନରେ ଜୀବନ୍ତ ହୋଇଯାଉଛି।

ଜାନୁଆରୀ ୨୦୨୦ରେ ବେଲୁର ମଠରେ ରହିବା ସମୟରେ ମୁଁ ସ୍ୱାମୀ ବିବେକାନନ୍ଦଙ୍କ କୋଠରୀରେ ବସି ଧ୍ୟାନ କରିଥିଲି। ସେହି ଗସ୍ତ ସମୟରେ ମୁଁ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ସହ ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ବିଷୟରେ ଦୀର୍ଘ ସମୟ ଧରି କଥା ହୋଇଥିଲି।

ଆପଣ ଜାଣନ୍ତି ରାମକୃଷ୍ଣ ମିଶନ ଏବଂ ବେଲୁର ମଠ ସହିତ ମୋର କେତେ ଆତ୍ମୀୟ ସମ୍ପର୍କ ରହିଛି। ଜଣେ ଆଧାତ୍ମିକ ସାଧକ ଭାବରେ ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ମୁଁ ବିଭିନ୍ନ ସାଧୁ ଓ ମହାତ୍ମାଙ୍କୁ ଭେଟିଛି, ଅନେକ ସ୍ଥାନରେ ରହିଛି। ରାମକୃଷ୍ଣ ମଠରେ ମଧ୍ୟ ଆଧାତ୍ମିକତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସନ୍ଥମାନଙ୍କ ସହିତ ମୋର ପରିଚୟ ହୋଇଥିଲା, ସେମାନଙ୍କ ମଧ୍ୟରେ ସ୍ୱାମୀ ଆତ୍ମାସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ପବିତ୍ର ଚିନ୍ତାଧାରା ଓ ଜ୍ଞାନ ମୋ ମନକୁ ନିରନ୍ତର ସନ୍ତୋଷ ଦେଇଥିଲା। ଏମାନଙ୍କ ଭଳି ସନ୍ଥମାନେ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ମୋତେ ଜନସେବା ହିଁ ଭଗବାନଙ୍କ ସେବା ବୋଲି ଶିଖାଇଥିଲେ।

ସ୍ୱାମୀ ଆତ୍ମସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଜୀବନ ରାମକୃଷ୍ଣ ମିଶନର 'ଆତ୍ମନୋ ମୋକ୍ଷାର୍ଥ ଜଗଦ୍ଧିତାୟ ଚ' ର ଏକ ଅତୁଳନୀୟ ଉଦାହରଣ।

ଶିକ୍ଷାର ପ୍ରଚାର ପ୍ରସାର ଏବଂ ଗ୍ରାମୀଣ ବିକାଶ ପାଇଁ ରାମକୃଷ୍ଣ ମିଶନ ଦ୍ୱାରା କରାଯାଉଥିବା କାର୍ଯ୍ୟ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ। ରାମକୃଷ୍ଣ ମିଶନ ଭାରତର ଆଧାତ୍ମିକ ଚେତନା, ଶିକ୍ଷାଗତ ସଶକ୍ତୀକରଣ ଏବଂ ମାନବସେବା ଦିଗରେ କାର୍ଯ୍ୟ କରୁଛି। ୧୯୭୮ ମସିହାରେ ପଶ୍ଚିମବଙ୍ଗରେ ବନ୍ୟା ଆସିବା ପରେ ରାମକୃଷ୍ଣ ମିଶନ ନିଜର ନିଃସ୍ୱାର୍ଥପର ସେବା ଦ୍ୱାରା ସମସ୍ତଙ୍କ ହୃଦୟ ଜିତି ନେଇଥିଲା। ମୋର ମନେ ଅଛି, ୨୦୦୧ରେ କଚ୍ଛ ଭୂମିକମ୍ପ ସମୟରେ ସ୍ୱାମୀ ଆତ୍ମସ୍ଥାନନ୍ଦ ପ୍ରଥମ ବ୍ୟକ୍ତି ଥିଲେ ଯିଏ ମୋତେ ଫୋନ୍ କରି କହିଥିଲେ ଯେ ରାମକୃଷ୍ଣ ମିଶନ ବିପର୍ଯ୍ୟୟ ପରିଚାଳନା ପାଇଁ ସମସ୍ତ ସମ୍ଭବ ଉପାୟରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୂମିକମ୍ପର ସେହି ସଙ୍କଟ ସମୟରେ ରାମକୃଷ୍ଣ ମିଶନ ଲୋକଙ୍କୁ ବହୁତ ସାହାଯ୍ୟ କରିଥିଲା।

ବର୍ଷ ବର୍ଷ ଧରି ସ୍ୱାମୀ ଆତ୍ମସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀ ବିଭିନ୍ନ ପଦବୀରେ ରହି ସାମାଜିକ ସଶକ୍ତୀକରଣ ଉପରେ ବହୁତ ଗୁରୁତ୍ୱ ଦେଇଥିଲେ। ଯେଉଁମାନେ ଏହି ମହାନ ବ୍ୟକ୍ତିତ୍ୱଙ୍କ ଜୀବନକୁ ଜାଣନ୍ତି ସେମାନେ ନିଶ୍ଚୟ ମନେ ରଖିବେ ଯେ ଆପଣଙ୍କ ପରି ଜଣେ ସନ୍ଥ ଆଧୁନିକ ଶିକ୍ଷା, ଦକ୍ଷତା ଏବଂ ମହିଳା ସଶକ୍ତୀକରଣ ଦିଗରେ କେତେ ଗମ୍ଭୀର ଥିଲେ।

ସ୍ୱାମୀ ଆତ୍ମାସ୍ଥାନନ୍ଦଜୀଙ୍କ ବିଶାଳ ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା ଯାହା ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଥିଲା ତାହା ଥିଲା ପ୍ରତ୍ୟେକ ସଂସ୍କୃତି, ପ୍ରତ୍ୟେକ ପରମ୍ପରା ପ୍ରତି ତାଙ୍କର ସମ୍ମାନ ଏବଂ ଭଲପାଇବା। ଏହାର କାରଣ ହେଲା ସେ ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ବିତାଇଥିଲେ ଏବଂ ସେ ନିରନ୍ତର ଭ୍ରମଣ କରୁଥିଲେ। ଗୁଜରାଟରେ ରହୁଥିବା ବେଳେ ସେ ଗୁଜରାଟୀ ଭାଷା ଶିଖିଥିଲେ। ଏପରିକି ମୋ ସହିତ ମଧ୍ୟ ସେ ଗୁଜୁରାଟୀ ଭାଷାରେ କଥା ହେଉଥିଲେ। ମୋତେ ତାଙ୍କ ଗୁଜୁରାଟୀ ମଧ୍ୟ ଭଲ ଲାଗିଥିଲା।

ଭାରତର ବିକାଶ ଯାତ୍ରାର ଅନେକ କ୍ଷେତ୍ରରେ ସ୍ୱାମୀ ଆତ୍ମାସ୍ଥାନନ୍ଦଜୀ, ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଭଳି ଅନେକ ସନ୍ଥଙ୍କ ଆଶୀର୍ବାଦ ଆମ ମାତୃଭୂମିକୁ ମିଳିଛି, ଯେଉଁମାନେ ଆମକୁ ସାମାଜିକ ପରିବର୍ତ୍ତନର ଏକ ନୂତନ ଚେତନା ଦେଇଛନ୍ତି। ଏହି ସାଧୁମାନେ ଆମକୁ ସମାଜ କଲ୍ୟାଣ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛନ୍ତି। ଏହି ନୀତିଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ଚିରନ୍ତନ ଏବଂ ଆଗାମୀ ଦିନରେ ଏହି ଧାରଣା ବିକଶିତ ଭାରତ ଏବଂ ଅମୃତ କାଳର ସଙ୍କଳ୍ପ ଶକ୍ତିରେ ପରିଣତ ହେବ।

ମୁଁ ପୁଣି ଥରେ ସମଗ୍ର ଦେଶ ତରଫରୁ ଏଭଳି ସାଧୁ ଆତ୍ମାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମୋର ବିଶ୍ୱାସ ଯେ ରାମକୃଷ୍ଣ ମିଶନ ସହ ଜଡିତ ସମସ୍ତେ ତାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗକୁ ଆହୁରି ପ୍ରଶସ୍ତ କରିବେ।

ଓମ୍ ଶାନ୍ତି

*ଲେଖକ ଭାରତର ପ୍ରଧାନମନ୍ତ୍ରୀ*



# ‘ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ରୋଲ୍ ମଡେଲ୍’

**ଭୁବନେଶ୍ୱର :** ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗତ ପାଞ୍ଚ ବର୍ଷରେ ଓଡିଶାକୁ ମିଳିଛି ଉଲ୍ଲେଖନୀୟ ସଫଳତା। ସଫଳ ବିପର୍ଯ୍ୟୟ ପରିଚାଳନା ପାଇଁ ଜାତୀୟ ସ୍ତରରେ ଓଡିଶା ପୁରସ୍କୃତ ହୋଇଛି। ରାଜ୍ୟ ସରକାର ଗ୍ରହଣ କରିଥିବା ଏକାଧିକ ପଦକ୍ଷେପ ଯୋଗୁଁ ଏଭଳି ସଫଳତା ମିଳିଥିବା କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ଡକ୍ଟର ସଂତୃପ୍ତ ମିଶ୍ର ଓ ଡକ୍ଟର ସସ୍ମିତ ପାତ୍ର। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୁଇ ମୁଖପାତ୍ର କହିଛନ୍ତି ଯେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବାତ୍ୟା ଓ ସୁନାମି ପ୍ରବଣ ଅଞ୍ଚଳରେ ଥିବା ବ୍ୟକ୍ତିମାନଙ୍କ ପାଇଁ ଆଗୁଆ ସତର୍କସୂଚନା ପ୍ରସାରଣ ବ୍ୟବସ୍ଥା ରହିଛି। ଉପକୂଳବର୍ତ୍ତୀ ୬ଟି ଜିଲ୍ଲାରେ ୧୬୦ଟି ଟାୱାର ଲଗାଯାଇ ସତର୍କ ସୂଚନା ଦିଆଯାଉଛି। ୧୬୦ ସ୍ଥାନ ମଧ୍ୟରୁ ୧୨୨ଟି ସ୍ଥାନରେ ସର୍ତକତା ସାଇରନ ବ୍ୟବସ୍ଥାଗୁଡିକ ବିପର୍ଯ୍ୟୟ ସମୟରେ ଏସଇଓସି ଏବଂ ବିଇଓସିରୁ ସାଇରନ୍ / ଭଏସ୍ ମେସେଜ୍ ପଠାଇବା ପାଇଁ ଅନ୍ତର୍ଭୁକ୍ତ ହୋଇଛି। ଏହି ପ୍ରକଳ୍ପ ୧୫.୦୩.୨୦୧୯ ମସିହାରୁ କାର୍ଯ୍ୟକ୍ଷମ ହୋଇଛି। ସେହିଭଳି ବିପର୍ଯ୍ୟୟ ସହାୟତା ନିରୀକ୍ଷଣ ଓ ଦେୟ ବ୍ୟବସ୍ଥା (ଡିଏଏମିଏସ୍) କାର୍ଯ୍ୟକାରୀ ହେଉଛି। ପୂର୍ବରୁ ବିଭିନ୍ନ ବିପର୍ଯ୍ୟୟରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଜସ୍ୱ ବିଭାଗର ତଳିଆ କର୍ମଚାରୀମାନେ ବ୍ୟକ୍ତିଗତ ଭାବେ ନେଇ ଦେଉଥିବାବେଳେ ଏହାକୁ ଜିଲ୍ଲାପାଳମାନେ ମଞ୍ଜୁର କରୁଥିଲେ। ଯାହା ଏକ ଜଟିଳ ପ୍ରକ୍ରିୟା ଥିଲା। ଶୀଘ୍ର ଏବଂ ବାଧାମୁକ୍ତ ଦେୟ ପ୍ରଦାନ ପାଇଁ ରାଜ୍ୟ ସରକାର ୧୦.୦୬.୨୦୨୦ ରୁ ବିପର୍ଯ୍ୟୟ ସହାୟତା ପରିଚାଳନା ଏବଂ ଦେୟ ବ୍ୟବସ୍ଥା (ଡିଏଏମପିଏସ୍) ଆରମ୍ଭ କରିଛନ୍ତି। ସମଗ୍ର ବ୍ୟବସ୍ଥା ଡିଜିଟାଲ ଭାବେ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ୧୨,୮୨୯ଟି ଅନୁକମ୍ପାମୂଳକ ମାମଲାର ସମାଧାନ କରାଯାଇଛି ଏବଂ ୧୪,୬୪୬ ଜଣ ହିତାଧିକାରୀଙ୍କୁ ୪୯୬.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଡିଏଏମପିଏସ୍ କୁ ୨୦୨୨ ବର୍ଷ ପାଇଁ ସିଏସଆଇ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ଏବଂ ୨୦୨୩ ବର୍ଷ ପାଇଁ ସ୍କଚ ପୁରସ୍କାରରେ ସମ୍ମାନିତ କରାଯାଇଛି। ବାଲେଶ୍ୱରର ବାହାନଗାଠାରେ ରାଜ୍ୟ ସରକାର ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ହସପିଟାଲକୁ ସ୍ଥାନାନ୍ତର କରି ଦୁର୍ଘଟଣା ପରିଚାଳନା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ଘଟଣା ପରେ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ରିଲିଫ୍ କମିଶନର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସରକାରୀ ଅଧିକାରୀଙ୍କ ସକ୍ରିୟ ମାର୍ଗଦର୍ଶନରେ ଏହି ଦୁଃଖଦ ଘଟଣାର ପରିଚାଳନା କରିଥିଲା। ଏହି ଦୁର୍ଘଟଣାରେ ସମୁଦାୟ ମୃତ୍ୟୁ ସଂଖ୍ୟା ୨୯୪ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (ସିଏମ୍ଆର୍ଏଫ୍) ବାହାରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ଭିତ୍ତିକ ବିପର୍ଯ୍ୟୟ ଘୋଷଣା କରାଯାଇଛି। ଯଦିଓ ଭାରତ ସରକାର ଏପର୍ଯ୍ୟନ୍ତ ବଜ୍ରପାତ, ଅଂଶୁଘାତ, ଭୟଙ୍କର ଘୂର୍ଣ୍ଣିଝଡ, ବାତ୍ୟା, ପ୍ରବଳବର୍ଷା, ନୌକା ଦୁର୍ଘଟଣା, ଜଳ ବୁଡ଼ି, ସାପକାମୁଡ଼ା ଆଦିକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିନାହାନ୍ତି, ତଥାପି ରାଜ୍ୟ ସରକାର ଏଭଳି ୮ଟି ବିପର୍ଯ୍ୟୟକୁ ରାଜ୍ୟ ଭିତ୍ତିକ ବିପର୍ଯ୍ୟୟ ଘୋଷଣା କରିଛନ୍ତି ଏବଂ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ବିପର୍ଯ୍ୟୟ ସହାୟତା ପରିମାଣ ଅନୁରୂପ ସହାୟତା ରାଶି ଲୋକଙ୍କୁ ସହାୟତା ପ୍ରଦାନ କରିଛନ୍ତି। କୋଭିଡ୍-୧୯ ମହାମାରୀକୁ ରାଜ୍ୟ ସରକାର ସଫଳତାର ସହ ପରିଚାଳନା କରିଛନ୍ତି। ରାଜ୍ୟରେ କୋଭିଡ୍-୧୯ ଯୋଗୁଁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଏକ ୱେବ୍ ଆଧାରିତ ଆପ୍ଲିକେସନ୍ ବିକଶିତ କରାଯାଇଛି।


# ‘ନବୀନ ବାବୁଙ୍କ ପ୍ରତିଶ୍ରୁତିର ଗ୍ୟାରେଣ୍ଟି ନାହିଁ’

**ଭୁବନେଶ୍ୱର :** ମୋଦି ଗ୍ୟାରେଣ୍ଟି ପାଇଁ ଆଜି ଓଡିଶାର ଗରିବ ଲୋକଙ୍କ ଜୀବନ ଧାରଣମାନରେ ପରିବର୍ତନ ଆସିଛି। ଗରିବ ଲୋକଙ୍କର ମୌଳିକ ଆବଶ୍ୟକତା ଯଥା ପକ୍କାଘର, ଚାଉଳ, ବିଜୁଳି, ପିଇବା ପାଣି, ରାସ୍ତା, ନିଯୁକ୍ତି ଆଦି ପ୍ରସଙ୍ଗରେ ମୋଦି ସରକାରଙ୍କ ଯୋଜନା ଓଡିଶା ଲୋକଙ୍କୁ ଲାଭ ଦେଇଛି। କିନ୍ତୁ ୨୪ ବର୍ଷରେ ନବୀନ ବାବୁଙ୍କ ସରକାର ସମୟରେ ହୋଇଥିବା ସମସ୍ତ ଯୋଜନାର "ଗ୍ୟାରେଣ୍ଟି ନାହିଁ କି ଓାରେଣ୍ଟି ନାହିଁ"। ଓଡିଶାରେ ମୋଦି ଗ୍ୟାରେଣ୍ଟି ସଫଳ, ନବୀନ ସରକାରଙ୍କ କୌଣସି ଯୋଜନାର ଗ୍ୟାରେଂଟି ନାହିଁ କି ଓାରେଣ୍ଟି ନାହିଁ ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ମୋଦି ଗ୍ୟାରେଣ୍ଟି ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯେଉଁଥିରେ ଓଡିଶାକୁ ମୋଟ୍ ୨୯ ଲକ୍ଷ ୨୮ ହଜାରରୁ ଅଧିକ ପକ୍କାଘର ନିର୍ମାଣ ପାଇଁ କେନ୍ଦ୍ର ସରକାର ଅର୍ଥ ଆବଣ୍ଟିତ କରିଛନ୍ତି। ନବୀନ ସରକାରଙ୍କ ଗ୍ୟାରେଂଟି ଥିଲା ବିଜୁ ପକ୍କାଘର, ମୋ କୁଡିଆ, ମୋ ଘର ଭଳି ଯୋଜନା। ଗରିବ ଲୋକଙ୍କୁ ଘର ଦେବା ପାଇଁ ରାଜ୍ୟ ସରକାର କରିଥିବା ଏହି ସମସ୍ତ ଯୋଜନା ବିଫଳ ହୋଇଛି। "ମୋ ଘର" ଯୋଜନାରେ ମାତ୍ର ୧୦୩୭ ଜଣଙ୍କୁ ଘର କରିବା ପାଇଁ ଋଣ ମିଳିଛି। ଏହା ହିଁ ପ୍ରମାଣିତ କରୁଛି ନବୀନ ବାବୁଙ୍କ କଥାରେ ଗ୍ୟାରେଂଟି ନାହିଁ। ୨୦୧୯ ସୁଦ୍ଧା ରାଜ୍ୟରେ ଆଉ କେହି କଚ୍ଚା ଘରେ ରହିବେନି ବୋଲି ମୁଖ୍ୟମନ୍ତ୍ରୀ ୨୦୧୪ରେ କହିଥିଲେ। କୁଆଡେ ଗଲା ସେହି ପ୍ରତିଶୃତି ? କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିପୁଳ ସଂଖ୍ୟାରେ ଘର ନିର୍ମାଣ ହେଉଥିବା ବେଳେ ବିଜେଡି ସରକାରଙ୍କ ଯୋଜନାରେ କାହିଁକି ନିର୍ମାଣ ହୋଇପାରୁନାହିଁ ? ମୋଦି ଗ୍ୟାରେଣ୍ଟି ହେଉଛି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଯେଉଁଥିରେ ୩ କୋଟି ୨୫ ଲକ୍ଷ ଲୋକ ମାସକୁ ୫ କିଲୋ



ଖାଦ୍ୟାନ୍ନ ପାଉଥିବା ବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ମାତ୍ର ୮ ଲକ୍ଷ ଲୋକ ଲାଭାନ୍ୱିତ ହେଉଛନ୍ତି। ନବୀନ ବାବୁଙ୍କର ଗ୍ୟାରେଣ୍ଟି ହେଉଛି କେବଳ ୫ଟି ବ୍ୟାଗ ଦେଇ ଭୂଆଁ ବୋଲାଇବା ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଜଳ ଜୀବନ ମିଶନ ଯୋଜନାରେ ଏବେ ଓଡିଶାରେ ଗ୍ରାମାଞ୍ଚଳରେ ୭୩ ପ୍ରତିଶତ ପରିବାରଙ୍କ ପାଖରେ ଟ୍ୟାପ ଯୋଗେ ପିଇବା ପାଣି ମିଳୁଛି। ୨୦୧୯-୨୪ ଭିତରେ ୧୦୨୧୭ କୋଟି ଟଙ୍କା ବ୍ୟୟ କରାଯାଇ ରାଜ୍ୟରର ୬୦୭୫୧୫୧ଟି ପରିବାରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏହା ହେଉଛି ମୋଦି ଗ୍ୟାରେଣ୍ଟି, କିନ୍ତୁ ରାଜ୍ୟ ସରକାରଙ୍କ ଅପାରଗତା ଓ ଠିକାଦାର ତୋଷଣ ନୀତି ପାଇଁ ଆଜି ୧୮୯ଟି ମେଗା ପ୍ରକଳ୍ପର କାମ ଅଧୁରା ପଡିଛି ଯାହା ପାଇଁ କେନ୍ଦ୍ର ସରକାର ଅର୍ଥ ଦେଇସାରିଛନ୍ତି। ମୋଦି ଗ୍ୟାରେଣ୍ଟିରେ ଲୋକେ ପିଇବା ପାଣି ପାଉଥିବା ବେଳେ ନବୀନଙ୍କ ଗ୍ୟାରେଣ୍ଟି ହେଉଛି ଠିକାଦାରଙ୍କ କଲ୍ୟାଣ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଓଡିଶାରେ କେନ୍ଦ୍ର ସରକାରଙ୍କର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ବିଦ୍ୟୁତ କରଣ ଯୋଜନାରେ ସମସ୍ତ ରେଭେନ୍ୟୁ ଗାଁକୁ ବିଦ୍ୟୁତ ସଂଯୋଗ ଏବଂ ସୌଭାଗ୍ୟ ଯୋଜନାରେ ୨୪ ଲକ୍ଷ ୫୨ ହଜାର ପରିବାରଙ୍କୁ ମାଗଣା ବିଜୁଳି ସଂଯୋଗ ଯୋଗାଇଦେବାର ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିଛନ୍ତି। ଏହା ହେଉଛି ମୋଦି ଗ୍ୟାରେଣ୍ଟି, କିନ୍ତୁ ରାଜ୍ୟ ସରକାରଙ୍କ ଯୋଜନା ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ରାଜ୍ୟରେ ଥିବା ନନରେଭିନ୍ୟୁ ଭିଲେଜ ଯଥା ପଡା ଗାଁ, ହାମଲେଟରେ ରହୁଥିବା ପରିବାରଙ୍କୁ ବିଜୁଳି ସଂଯୋଗ ଯୋଗାଇ ଦେବେ ବୋଲି ସରକାର କହିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ସଂମ୍ପୂର୍ଣ୍ଣ ହେଲା ନାହିଁ ଓ ଅନେକ ଛୋଟ ପଡା ଗାଁ, ହାମଲେଟ ଆଜି ବିଜୁଳି ସଂଯୋଗରୁ ବଂଚିତ। ନବୀନ ବାବୁଙ୍କର କଥାରେ ଗ୍ୟାରେଣ୍ଟି ନଥିବା କାରଣରୁ ଆଜି ଅନେକ ପରିବାରକୁ ଆଲୁଅ ଦେଖାଇପାରିନାହାନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଓଡିଶାରୁ ୩୦ ଲକ୍ଷ ଲୋକ ଦାଦନ ଯାଉଛନ୍ତି। ବିଜୁ ଆତ୍ମ ନିଯୁକ୍ତି ଯୋଜନା ବନ୍ଦ ପଡିଛି। ୨୦୦୯ରେ ମୁଖ୍ୟମନ୍ତ୍ରୀ କହିଥିଲେ ବର୍ଷକୁ ୧ ଲକ୍ଷ ଯୁବ ଗୋଷ୍ଠୀଙ୍କୁ ଚାକିରୀ ଦେବେ। କୁଆଡେ ଗଲା ସେହି ପ୍ରତିଶୃତି ? ନବୀନ ବାବୁଙ୍କ ପ୍ରତିଶୃତିର କୌଣସି ଗ୍ୟାରେଣ୍ଟି ନାହିଁ। ମୋଦି ଗ୍ୟାରେଣ୍ଟି ହେଉଛି ଦେଶରେ ଯୁବ ଶକ୍ତିମାନଙ୍କର ସ୍କିଲ ଡେଭଲପମେଂଟ ସୁନିଶ୍ଚିନ୍ତ କରିବା। ଓଡିଶାରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଅନ୍ୟ ଯୋଜନାରେ ମୋଟ ୮ ଲକ୍ଷ ଯୁବକ ଯୁବତୀମାନଙ୍କୁ ତାଲିମ ଦିଆଯାଇଛି। ଦୁଇ ଦୁଇଟି ବିଶ୍ୱସ୍ତରୀୟ ସ୍କିଲ ଡେଭେଲପମେଂଟ ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

## ଗୋପାଳପୁର ପୋର୍ଟକୁ କିଣିଲା ଆଦାନୀ ଗ୍ରୁପ୍



**ଭୁବନେଶ୍ୱର :** ଗୋପାଳପୁର ପୋର୍ଟକୁ କିଣିଲା ଆଦାନୀ ଗ୍ରୁପ୍। ଗୋପାଳପୁର ପୋର୍ଟ ଲିମିଟେଡର ୯୫ ପ୍ରତିଶତ ସେୟାର କିଣିଲା ଆଦାନୀ ପୋର୍ଟ ଓ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ। ୩ହଜାର ୮୦ କୋଟି ଟଙ୍କାରେ ଦେଶର ସର୍ବବୃହତ ଘରୋଇ ପୋର୍ଟ କମ୍ପାନୀ ଆଦାନୀ ପୋର୍ଟ ଓ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଏହି ପୋର୍ଟକୁ କିଣିଛି। ସାପୋରଜି ପାଲୋନଜି ଗ୍ରୁପ ଠାରୁ ୫୬ ପ୍ରତିଶତ ସେୟାର ଓ ଓଡିଶା ଷ୍ଟିଭେଡର୍ସ ଠାରୁ ୩୯ ପ୍ରତିଶତ ସେୟାର କଣିଛି ଆଦାନୀ ଗ୍ରୁପ୍। ପୂର୍ବ ଉପକୂଳରେ ବନ୍ଦର ଭିତ୍ତିକ ବ୍ୟବସାୟ ବୃଦ୍ଧି କରିବାକୁ ଆଦାନୀ ଗୋପାଳପୁର ବନ୍ଦରକୁ କ୍ରୟ କରିଥିବା କମ୍ପାନୀ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଏହି ବନ୍ଦର ଦେଇ ବାର୍ଷିକ ୨୦ ନିୟୁତ ମେଟ୍ରିକ ଟନ ମାଲ ପରିବହନର କରାଯାଇପାରିବ। ୨୦୦୬ରେ ରାଜ୍ୟ ସରକାର ଗୋପାଳପୁର ପୋର୍ଟ ଲିମିଟେଡକୁ ୩୦ ବର୍ଷ ପାଇଁ ବ୍ୟବସାୟୀକ ରିହାତି ପ୍ରଦାନ କରିଛନ୍ତି। ଏଥିସହିତ ଆଉ ୧୦ ବର୍ଷ ଲେଖାଏଁ ଦୁଇ ଥର ରିହାତି ଅବଧିକୁ ବୃଦ୍ଧି କରାଯିବ। ଗୋପାଳପୁର ପୋର୍ଟ ଦେଇ ଏବେ କୋଇଲା, ଲୁହାପଥର, ଚୁନପଥର ଓ ଆଲୁମିନା ଆମଦାନୀ ଓ ରପ୍ତାନୀ ହୋଇପାରୁଛି। ଆଦାନୀ ଗ୍ରୁପ ଗୋପାଳପୁର ପୋର୍ଟ କିଣିବା ପରେ ଏବେ ଓଡିଶାର ଏହି ବନ୍ଦର ସାରା ଦେଶରେ ଥିବା ଆଦାନୀର ସବୁ ବନ୍ଦର ସହ ଯୋଡି ହେବ। ଏହାଦ୍ୱାରା ଗୋପାଳପୁର ପୋର୍ଟର କାର୍ଗୋ ହାଣ୍ଡେଲିଂ କ୍ଷମତା ମଧ୍ୟ ବୃଦ୍ଧି ପାଇବ। ଏବେ ଆଦାନୀ ପୋର୍ଟ ଓ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ, ଦେଶର ପୂର୍ବ ଓ ପଶ୍ଚିମ ଉପକୂଳରେ ୧୨ଟି ବନ୍ଦରର ବିକାଶ ଦାୟିତ୍ୱ ନେଇଛି। ଏକ ଅଞ୍ଚଳରେ ବନ୍ଦରର ବିକାଶ ସିଧାସଳଖ ଭାବେ ଶିଳ୍ପାୟନର ବିକାଶରେ ସହାୟକ ହୋଇଥାଏ। ରାଜ୍ୟ ସରକାର ପ୍ରଦାନ କରିଥିବା ବ୍ୟବସାୟୀକ ରିହାତି ଦ୍ୱାରା କମ୍ପାନୀ ପକ୍ଷରୁ ଆବଶ୍ୟକତା ମୁତାବକ ସଂପ୍ରସାରଣ ମଧ୍ୟ କରାଯାଇପାରିବ। ଗୋପାଳପୁର ପୋର୍ଟକୁ ରାଜ୍ୟ ସରକାର ୫୦୦ ଏକର ଜମି ଲିଜ ସୂତ୍ରରେ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ସଂପ୍ରସାରଣ ପାଇଁ ମଧ୍ୟ ରାଜ୍ୟ ସରକାର ଅଧିକ ଜମି ଯୋଗାଇଦେବେ। ୨୦୨୪ ଆର୍ଥିକ ବର୍ଷରେ ଗୋପାଳପୁର ପୋର୍ଟରେ ୧୧.୩ ନିୟୁତ ଟନ ମାଲ କାରବାର ହେବ ବୋଲି ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ୨୦୨୪ ଆର୍ଥିକ ବର୍ଷରେ ୫୨୦ କୋଟି ଟଙ୍କାର ବ୍ୟବସାୟ ହେବ, ଯାହାକି ଗତ ଆର୍ଥିକ ବର୍ଷ ଠାରୁ ୩୯ ପ୍ରତିଶତ ଅଧିକ। ଏହି ପୋର୍ଟ ଆଗାମୀ ଦିନରେ ଏକ ଲାଭଦାୟକ ବନ୍ଦର ହୋଇପାରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୨୦୨୫ରେ ଏହି ବନ୍ଦରର ସମ୍ପ୍ରସାରଣ ଲକ୍ଷ୍ୟ ମଧ୍ୟ ରଖାଯାଇଛି।

## ୨ରେ ପ୍ରଥମରୁ ନବମ ପରୀକ୍ଷା ଫଳ

**ଭୁବନେଶ୍ୱର :** ରାଜ୍ୟରେ ଆସନ୍ତା ଏପ୍ରିଲ ୨ ତାରିଖରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ସେହିଦିନ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସମେଟିଭ୍ ଆସେସମେଣ୍ଟ ୨ ପରୀକ୍ଷା ଫଳ ପ୍ରକାଶ ପାଇବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ଫଳ ଅଭିଭାବକଙ୍କୁ ଅବଗତ କରିବା ପାଇଁ ୨ ତାରିଖ ଦିନ ବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଯେପରି ଉପସ୍ଥିତ ରହିବେ ସେନେଇ ସମସ୍ତଙ୍କୁ ପ୍ରଧାନ ଶିକ୍ଷକମାନେ ଅବଗତ କରିବେ। ବିଦ୍ୟାଳୟରେ ପରୀକ୍ଷା ଫଳ ପ୍ରଦାନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି।

# ଏଣିକି ରାତିବେଳା ବି ହେବ ଅସ୍ତ୍ରୋପଚାର

**ଭୁବନେଶ୍ୱର :** ଅସ୍ତ୍ରୋପଚାର ପାଇଁ ଏଣିକି ଆଉ ସକାଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ରାତିରେ ହିଁ ଗୁରୁତର ରୋଗୀଙ୍କ ଅସ୍ତ୍ରୋପଚାର ଆରମ୍ଭ ହେବ। ଅସ୍ତ୍ରୋପଚାର ସହ ଏଥିପାଇଁ ଆବଶ୍ୟକ ଆନୁସଙ୍ଗିକ ପରୀକ୍ଷାନିରୀକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା ହେବ। କ୍ୟାପିଟାଲ ହସ୍ପିଟାଲରୁ ଏହି ବ୍ୟବସ୍ଥା ଆରମ୍ଭ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ଅନ୍ୟ ପ୍ରମୁଖ ଡାକ୍ତରଖାନାରେ ରାତ୍ରକାଳୀନ ଅସ୍ତ୍ରୋପଚାର ବ୍ୟବସ୍ଥା ହେବ ବୋଲି ଜଣାପଡ଼ିଛି। ଅସ୍ତ୍ରୋପଚାର ଗୃହ ପରିଚାଳନା ପାଇଁ ତିନିଟି ସିଫ୍ଟରେ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀ ନିୟୋଜିତ ହେବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ସାଧାରଣତଃ ଅତି ଜରୁରୀ ମାମଲାରେ ମେଡିକାଲ



କଲେଜରେ ରାତିବେଳା ଅସ୍ତ୍ରୋପଚାର ହୋଇପାରୁଛି। କିନ୍ତୁ ଅନ୍ୟ ସ୍ଥାନରେ ଅସ୍ତ୍ରୋପଚାର ପାଇଁ ସକାଳ ହେବାକୁ ଅପେକ୍ଷା କରିବାକୁ ହେଉଛି। ଅଧିକାଂଶ ମାମଲାରେ ସକାଳୁ ଅସ୍ତ୍ରୋପଚାର ହୋଇପାରୁନାହିଁ। ଆରମ୍ଭ ହେବା ବେଳକୁ ପୂର୍ବାହ୍ନ ହୋଇଯାଉଛି। ତେବେ ରାଜଧାନୀର ମୁଖ୍ୟ ଡାକ୍ତରଖାନା ରୋଗୀ ଅବା ଆହତଙ୍କର ଜୀବନ ରକ୍ଷା ଦିଗରେ ବଡ଼ ପଦକ୍ଷେପ ନିଆଯାଇଛି। କ୍ୟାପିଟାଲ ହସ୍ପିଟାଲକୁ ଦୈନିକ ୫ହଜାରରୁ ଅଧିକ ରୋଗୀ ଆସୁଥିବା ବେଳେ ଶତାଧିକ ବ୍ୟକ୍ତି ଦୁର୍ଘଟଣାରେ ଆହତ ହୋଇ ପହଞ୍ଚିଥାନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଆହତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥାଏ। ଆଉ ଯଦି ରାତିରେ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀ ଆସନ୍ତି, ତା'ହେଲେ ବଡ଼ ଡାକ୍ତରଖାନାକୁ ରେଫର୍ କରିବା ଛଡ଼ା ଅନ୍ୟ କିଛି ବାଟ ନାହିଁ। ଏହାଦ୍ୱାରା ରୋଗୀଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି ହେବା ସହ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନଷ୍ଟ ହେବାର ଆଶଙ୍କା ରହିଥାଏ। ସେହିପରି ଅନ୍ୟ ଉପାୟ ନପାଇ ଅନେକ ରୋଗୀ ଅବା ଆହତ ଘରୋଇ ଡାକ୍ତରଖାନା ଯିବାକୁ ବାଧ ହୋଇଥା'ନ୍ତି। ତେବେ ରାତି ସମୟରେ ଅସ୍ତ୍ରୋପଚାର ଆରମ୍ଭ ହେଲେ ରୋଗୀଙ୍କ ଜୀବନ ରକ୍ଷା ହେବ ଆଉ ମେଡିକାଲ କଲେଜ ଉପରୁ ଭାର ହ୍ରାସ ପାଇବ। ବିଭାଗୀୟ ଅଧିକାରୀଙ୍କ କହିବା ଅନୁସାରେ, ରାଜ୍ୟରେ ଡାକ୍ତରଙ୍କ ଅଭାବ ଦୂର ହେଉଥିବା ବେଳେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ସନ୍ତୋଷଜନକ ଚିକିତ୍ସା ମିଳୁଛି। ପୂର୍ବାପେକ୍ଷା ସରକାରୀ ଡାକ୍ତରଖାନାରେ ଭିତ୍ତିଭୂମିରେ ପରିବର୍ତ୍ତନ ଆସିଛି। ଏପରିସ୍ଥଳେ ରୋଗୀଙ୍କ ଜୀବନରକ୍ଷା ପାଇଁ ସମୟୋଚିତ ଅସ୍ତ୍ରୋପଚାର ଜରୁରୀ। ପୂର୍ବରୁ ଭିତ୍ତିଭୂମି ସହ ଲୋକବଳ ଅଭାବ ଥିଲା। କିନ୍ତୁ ଏବେ ଏହି ସମସ୍ୟା ଦୂର ହେବାରେ ଲାଗିଛି। ତେଣୁ ପର୍ଯ୍ୟାୟକ୍ରମେ ଗୁରୁତ୍ୱପୂର୍ଣ୍ଣ ଡାକ୍ତରଖାନାରେ ରାତିବେଳା ଅସ୍ତ୍ରୋପଚାର ଆରମ୍ଭ ପାଇଁ ପଦକ୍ଷେପ ନିଆଯାଉଛି।

# ଆନ୍ଧ୍ରର ଆଉ ଏକ ନୂଆ ଚାଲ୍, କୋଟିଆରେ ଲଗାଇଲା ଡିଜିଟାଲ ମିଟର

**କୋଟିଆ :** କୋଟିଆ ଦଖଲ ପାଇଁ ନିଇତି ଚକ୍ରାନ୍ତ କରୁଛି ଆନ୍ଧ୍ର। କିନ୍ତୁ ତାକୁ ପଣ୍ଡ କରିଚାଲିଛି ଓଡ଼ିଶା। ସେଭଳି ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ଓଡ଼ିଶା ସୀମାନ୍ତ ତଥା ପଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ଆନ୍ଧ୍ର ପକ୍ଷରୁ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଉଦ୍ୟମ କରାଯାଇଛି। ଆନ୍ଧ୍ରପ୍ରଦେଶ ବିଦ୍ୟୁତ୍ ବିଭାଗ ପକ୍ଷରୁ କିଛି ଅଧିକାରୀ ଏକ ଅଟୋ ଯୋଗେ ଡ଼ିଜିଟାଲ ମିଟର ଆଣି ତଳ ଗଞ୍ଜେଇପଦର ଗ୍ରାମରେ କିଛି ଲୋକଙ୍କ ଘରେ ଲଗାଇଥିଲେ।



୩୯ ଜଣ ହିତାଧିକାରୀଙ୍କ ଘରେ ଏହି ଡ଼ିଜିଟାଲ ମିଟର ଲଗାଯାଇଥିବା ଜଣାଯାଇଛି। ତେବେ ସ୍ଥାନୀୟ ବ୍ଲକ ପ୍ରଶାସନ ଏନେଇ ସୂଚନା ପାଇବା ପରେ ଆନ୍ଧ୍ରର ଅଧିକାରୀମାନଙ୍କୁ ଏଠାରୁ ଫେରିଯିବା ପାଇଁ ତାଗିଦ୍ କରିଥିଲେ। ପରେ ସେମାନେ ସେଠାରୁ ଫେରିଯାଇଥିଲେ। ଉପରୋକ୍ତ ଗାଁରେ ଓଡ଼ିଶା ପକ୍ଷରୁ ହାତ ଗଣତି ଘରକୁ ବିଦ୍ୟୁତ୍ ସେବା ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ଆନ୍ଧ୍ର ନିଜ ଅଧୀନରେ ଥିବା ଗାଁରେ କିଛି ଲୋକଙ୍କ ଘରେ ବିଦ୍ୟୁତ ସଂଯୋଗ କରିଥିବା ସୂଚନା ରହିଛି। ଆନ୍ଧ୍ର ପକ୍ଷରୁ ମିଟର ବଣ୍ଟନ କାର୍ଯ୍ୟକ୍ରମ ସମ୍ପର୍କରେ ଜଣେ ଗ୍ରାମବାସୀ କହିଛନ୍ତି ଯେ, ଆଗକୁ ଭୋଟ ଥିବାରୁ ଆନ୍ଧ୍ର ପକ୍ଷରୁ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ଏଭଳି ହୀନ ଉଦ୍ୟମ କରାଯାଇଛି। ସୂଚନା ଅନୁସାରେ, ଆସନ୍ତା ମେ' ୧୩ ତାରିଖରେ ଉଭୟ କୋରାପୁଟ ଓ ଆନ୍ଧ୍ରର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ କୋଟିଆରେ ଆନ୍ଧ୍ର ନିର୍ବାଚନ କରିବା ପାଇଁ ବ୍ୟଗ୍ର ହୋଇ ଉଠିଛି।

# ନ୍ୟାୟ ନମିଳିଲେ ଦଳିତ ମହାସଂଘର ଭୋଟ ବର୍ଜନ ଚେତାବନୀ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମର ୨୩ଟି ଗରିବ ନିରୀହ ଭୋଇ ପରିବାର ଯେଉଁମାନେ ୨୦୦୯ରେ ସରକାରଙ୍କ ନିକଟରୁ ବାସହରା ବୋଲି ବନ୍ଦୋବସ୍ତ ଭିତ୍ତିକ ସ୍ଥାୟୀ ଜମି ପଟା ପାଇଛନ୍ତି। କିନ୍ତୁ ଉକ୍ତ ଜମିରେ ୫ବର୍ଷ ହେବ ଧାନ ଚାଷ କରିବାକୁ ସମସ୍ତ ଖର୍ଚ୍ଚ କରୁଥିଲେ ବି ନିକଟରେ ଥିବା ଆଳସାହି ଗ୍ରାମ ର କିଛି ବେହେରା ସମ୍ପ୍ରଦାୟ ପରିବାର ଜୋର ଜବରଦସ୍ତ ଉକ୍ତ ଧାନକୁ କାଟି ନେବା ସହ ଉକ୍ତ ଭୋଇ ପରିବାରଙ୍କ ଚାଷ ଜମିରୁ ୪୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ମାଟି ଉଠାଣ କରିଥିଲେ। ଯଦି ଏମାନଙ୍କ ତରଫରୁ କେହି ଆଇନର ସାହାଯ୍ୟ ଲୋଡିଲେ ଉକ୍ତ ପରିବାରଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ସହିତ ଆକ୍ରମଣ କରିଥିଲେ। ଯେଉଁ କାରଣରୁ ସେମାନଙ୍କ ନାମରେ ଭୋଇ ପରିବାର ତରଫରୁ ଅସ୍ତରଙ୍ଗ ଥାନାରେ ବେହେରା ସମ୍ପ୍ରଦାୟ ପରିବାର ମାନଙ୍କ ନାମରେ ଏତଲା ମଧ୍ୟ ହୋଇଥିଲା। ଚଳିତ ବର୍ଷ ପୁନଃବାର ମାଟି ଉଠାଣକୁ ନେଇ ବରାଙ୍ଗ ଗ୍ରାମର ଏହି ଭୋଇ ସମ୍ପ୍ରଦାୟ ପରିବାର ଅସ୍ତରଙ୍ଗ ତହସିଲଦାର, ପୁରୀ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ଏ ବାବଦରେ ଫେବୃଆରୀ ୧୬ତାରିଖରେ ଏକ ଅଭିଯୋଗ କରିଥିଲେ କିନ୍ତୁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତରଫରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନହେବାରୁ ବାଧ ହୋଇ ଏହି ଦଳିତ ପରିବାର ମାନ୍ୟବର ଓଡିଶା ହାଇକୋର୍ଟଙ୍କ ନିକଟରେ 'ସିଆରଏଲଏମପି' କେଶ ଯଥା -୧୨୦,୧୧୦,୧୧୭/୨୪ ରେ ଆବେଦନ କରିଥିଲେ। ମାନ୍ୟବର ହାଇକୋର୍ଟ ଅଭିଯୋଗ କୁ ଗ୍ରହଣ କରିବା ସହିତ ଏହି ମାମଲାରେ ଉଚ୍ଚ ସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ଅସ୍ତରଙ୍ଗ ଥାନା ଅଧିକାରୀ ୩୫/୨୪ରେ ଏକ ମାମଲା




ରୁଜୁ କରି ଘଟଣା ର ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ନିଜର ନାର୍ଯ୍ୟ ଦାବୀ ପାଇଁ ଏହି ଦଳିତ ପରିବାର ମାର୍ଚ୍ଚ ୫ ତାରିଖରେ ପିପିଲିରୁ ନବୀନ ନିବାସ ଅଭିମୁଖେ ପଦଯାତ୍ରା ରେ ବାହାରିଥିଲେ ଏହା ପରେ ଅସ୍ତରଙ୍ଗ ଥାନା ଅଧିକାରୀ ଆଉ ୨ ଗୋଟି ମାମଲା ରୁଜୁ କରିଥିଲେ ଏହି ଘଟଣାକୁ କେନ୍ଦ୍ର କରି ଜାତୀୟ ଦଳିତ ଆଦିବାସୀ ସଂଖ୍ୟାଲଘୁ ମହାସଂଘ ତରଫରୁ ଅସ୍ତରଙ୍ଗ ବ୍ଲକ ବରାଙ୍ଗ ଗ୍ରାମରେ ଏକ ସାମ୍ବାଦିକ ସମ୍ମିଳନୀ କରି ଭୋଟ ବର୍ଜନର ଚେତାବନୀ ଦେଇଛନ୍ତି। ଏକ ବଡ଼ ପ୍ରଶ୍ନ ଉଠାଇଛନ୍ତି ଯେ ଟ୍ରାକ୍ଟର ମାଲିକ ଭୋବନି ବେହେରା ଯାହାର ଗୋଟେ ନମ୍ବରରେ ୪ଗୋଟି ଗାଡି ବ୍ୟବହାର କରି କିପରି ବେଆଇନ ମାଟି ଉଠାଉଛନ୍ତି ଆଉ ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାର କାଇଁ ଚୁପ ବସିଛନ୍ତି। ଉକ୍ତ ବେହେରା ସମ୍ପ୍ରଦାୟଙ୍କ ମଧ୍ୟରୁ ଆଳସାହି ଗ୍ରାମର କୃଷ୍ଣ ବେହେରା ଓ ଭୋବନି ବେହେରା ଯାହାଙ୍କ ଇଙ୍ଗିତରେ ଦଳିତ ମାନଙ୍କ ଉପରେ ବାରମ୍ବାର ଅତ୍ୟାଚାର ହେଉଛି। ତାଙ୍କ ଉପରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ପ୍ରଶାସନ ନେଉନାହିଁ ଯାହାକି ଫଳରେ ଦଳିତ ମାନଙ୍କ ଜମି ଜବରଦଖଲ କରିବା ସହିତ ସରକାରୀ ଜମିକୁ ଅକ୍ତିଆର କରି କୋଠା, ପୋଖରୀ, ଗ୍ୟାରେଜ, ପାଇଖାନା, ଖଳାବାଡ଼ି ନିର୍ମାଣ କରିଛନ୍ତି। ତା ସହିତ ନିର୍ବାଚନ ଆଚରଣ ବିଧି ଲାଗିବା ପରେ ବି ମାଟି ଉଠାଇ ଚାଲାଣ କରୁଛନ୍ତି ଯଦି ୭ ଦିନ ଭିତରେ ପ୍ରଶାସନ ତରଫରୁ ଦଳିତ ମାନଙ୍କ ଜମି ନଫେରେଇବେ ଓ ସରକାରୀ ଖାତାକୁ ସରକାରୀ ଜମି ନ ଆସିବ, ଆଉ ଆଇନ ଅମାନ୍ୟ କରିଥିବା ଉକ୍ତ ବେହେରା ସମ୍ପ୍ରଦାୟ ମୁଦାଲା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନିଆଯିବ ତେବେ କେବଳ କାକଟପୁର ନିର୍ବାଚନ ମଣ୍ଡଳୀର ଏହି ଦଳିତ ପରିବାର ନୁହେଁ ଅନେକ ବ୍ଲକରେ ଦଳିତ ପରିବାର ଆଇନ ଅମାନ୍ୟ ଆନ୍ଦୋଳନ କରିବା ସହିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ। ସେଥିପାଇଁ ଗ୍ରାମରେ ସମସ୍ତ ଦଳିତ ପରିବାର ଭୋଟ ବର୍ଜନ ଫ୍ଲାଗ କାର୍ଡ ଧରି ଏକ ପଦଯାତ୍ରା କରିବା ସହିତ ପ୍ରଶାସନକୁ ଦାୟୀ କରିଥିଲେ,ଏହାକୁ ନେଇ ସଙ୍ଘ, ରାଜ୍ୟ ସଭାପତି ବିଜୟ ସେଠି, ସମ୍ପାଦିକା ସ୍ୱର୍ଣ୍ଣଲତା ସେଠି ଚେତାବନୀ ଦେଇଛନ୍ତି।

ସାଗରେ ରହିକି ଯିଏ
ଛଳ କରେ ତା'ଠୁ ବଡ
ଶତ୍ରୁ କେହି ନାହିଁ।



ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧ - ୭ ଏପ୍ରିଲ, ୨୦୨୪

# ରାଜନୀତିର କେତେ ରଙ୍ଗ

ବଡ଼ ବିଷମ ଏ ସ୍ୱାର୍ଥ ରାଜନୀତି। କେତେବେଳେ କିଏ କେଉଁ ସ୍ୱରରେ କଥା କହିବ ତାହା ସନ୍ଦେହଜନକ। ଭୋଗ ଲାଳସାର ଚରାଭୂଇଁ ପାଲଟିଥିବା ସାମ୍ପ୍ରତିକ ରାଜନୀତି ନୀତିହୀନ ଦିଗନ୍ତର ଏକ ଅପୂର୍ବ ଚମକ ସଦୃଶ। ସ୍ୱାର୍ଥ ଲିପ୍ସୁ ମଣିଷ ମାନଙ୍କ ପାଇଁ ଆଜିର ରାଜନୀତି ଉଦ୍ୟୋଗ ଠାରୁ କିଛି କମ ନୁହେଁ। ଉଦ୍ୟୋଗରେ ଟିକସ ଓ ଟେନସନ ଥାଏ, ହେଲେ ଏଥିରେ କେବଳ ସ୍ୱର୍ଗ ସୁଖ। ଇଶାରା କଲେ କୁବେର ଭଣ୍ଡାର ଖୋଲିବ ଓ ନିରବ ରହିଲେ ରମ୍ଭା ମେନକାଙ୍କ ସୁଲଳିତ ଦେହ ସୁଖ ମିଳିବାରେ ବାଧା ନାହିଁ। ଏଇଠି ଇଚ୍ଛା କଲେ ଈଶ୍ୱର ବି ପ୍ରକଟିତ ହୋଇପାରିବେ। ନଚେତ ଓ ବଂଶବାଦ ରାଜନୀତି ଗଣତନ୍ତ୍ରକୁ ନଷ୍ଟ କରିଚାଲନ୍ତା ନାହିଁ। ଏହା କଣ ବାସ୍ତବିକ ମହାତ୍ମାଗାନ୍ଧୀଙ୍କ ସ୍ୱରାଜ ଯାତ୍ରା! ପ୍ରତ୍ୟେକ କ୍ଷେତ୍ରରେ ଗରିବଙ୍କ ପେଟରେ ଲାତ ମାରି ଡାଙ୍ଗରି ଟିକସ ଅର୍ଥରେ ପ୍ରାଚୁର୍ଯ୍ୟ ଭୋଗ କରୁଥିବା ନେତାଙ୍କ ପାଇଁ ପାଞ୍ଚ ବର୍ଷରେ ଥରେ ଅଭିନୟ କରି କେବଳ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହୁଥିବା ନେତାମାନେ ଦେଶ ବା ରାଜ୍ୟର ବିକାଶ କରିବା ବଦଳରେ ନିଜ ଚୌକି ସୁରକ୍ଷିତ ରଖିବା ପାଇଁ ଯେତେ ଯେତେ ଖରାପ କାର୍ଯ୍ୟକୁ ଆପଣାନ୍ତି ତାହା ଅନ୍ୟ କ୍ଷେତ୍ରରେ ଦେଖିବା ବିରଳ। ଜଘନ୍ୟ ଅପରାଧୀ ନିର୍ବାଚନ ବୈତରଣୀ ପାର ହେବା ପାଇଁ ସାମୟିକ ମଧୁର ବଚନ ଓ ହରି ନାମ ନେଉଛନ୍ତି ଆଜିର ପରିସ୍ଥିତି। ସାଧାରଣ ନିର୍ବାଚନକୁ ଆଉମାତ୍ର ଅଳ୍ପ ଦିନ ବାକି। ଏତିକିବେଳେ ଓଡିଶା ରାଜନୀତିର ଚିତ୍ରପଟକୁ ଦେଖିଲେ ଯେକେହି କହିବ କ୍ଷମତା ପାଇଁ କଣ ସବୁ ନହୁଏ। ଏଇଦେଖନ୍ତୁ ଆମ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ ଓରଫ ସୁରଭାଇଙ୍କ ନିର୍ଦ୍ଦେଶିତ ନାଟକ - ଦୁଇପୁଅ ଜଗତ ଜିତା। ଯିଏ ଜିତିଲେ ପରିବାର ପାଇଁ ଲାଭ। କାରଣ ଦୀର୍ଘ ୪୦ବର୍ଷ କାଳ କଂଗ୍ରେସ ରାଜନୀତିରେ ରହି ସୁରଭାଇ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହାର ପ୍ରୟୋଗାତ୍ମକ ଦିଗ ଉପରେ ବିଚାର କରିବା। ନିଜର ସାମର୍ଥ୍ୟ ଥାଇ ସୁଦ୍ଧା ଚଳିତ ବର୍ଷର ଅନ୍ତିମ ବିଧାନସଭା ଶେଷ ଦିନରେ ସେ ମୁଣ୍ଡିଆ ମାରି ଘୋଷଣା କରିଦେଲେ ନିଜେ ଆଉ ସକ୍ରିୟ ରାଜନୀତିରେ ରହିବେନାହିଁ। କିନ୍ତୁ ପୂର୍ବରୁ ନିଜର ଦୁଇପୁଅଙ୍କୁ କିଭଳି ରାଜନୀତି କ୍ଷେତ୍ରକୁ ଆଣିବେ ତାହାର ପ୍ରସ୍ତୁତି ଚଳାଇଥିଲେ। ଦୁଇପୁଅଙ୍କୁ ଚାକିରୀ ଛାଡି ରାଜନୀତି କରିବା ପାଇଁ ଘରମୁହାଁ କରାଇବେ ବଡପୁଅଙ୍କୁ କଂଗ୍ରେସରେ ସାମିଲ କରାଇଥିଲେ ଓ ସାନପୁଅଙ୍କୁ ଦୁଧିଆଳି ଦଳରେ ସାମିଲ କରିବା ସୁଯୋଗ ଅପେକ୍ଷାରେ ଥିଲେ। ପରିଶେଷରେ ତାହା ହିଁ ଘଟିଲା। ଏହାକୁ କୁହାଯିବ ଭାଗ୍ୟ। କାରଣ ସୁରଙ୍କ ସାନପୁଅ ମନ୍ମଥ ରାଉତରାୟ ଯେଭଳି ସାଂସଦ ପ୍ରାର୍ଥୀ ନାମ ଘୋଷଣାର କିଛି ମୂହୁର୍ତ୍ତ ଆଗରୁ ବିଜୁ ଜନତା ଦଳରେ ଯୋଗ ଦେଲେ ଓ ପରେପରେ ତାଙ୍କ ନାମ ଭୁବନେଶ୍ୱରର ସାଂସଦ ପ୍ରାର୍ଥୀ ଭାବେ ଘୋଷଣା ହେଲା। ଏହା ନାଟକୀୟ ନୁହେଁ କି! ତେଣୁ ଏହାକୁ କଣ ଗୋଟିଏ ଦିନର ଯୋଜନା ବୋଲି କହିପାରିବା ନା ଏହା ଢେର ଆଗରୁ ପ୍ରାୟୋଜିତ ବୋଲି ବୁଝିବା? ସତରେ ରାଜନୀତି କଣ ସୁରଭାଇଙ୍କ ଠାରୁ ଶିଖିବା ଉଚିତ ବୋଲି ସର୍ବେ କହୁଛନ୍ତି।

ସମ୍ପାଦକୀୟ
ତାରକ ମହାନ୍ତି



ସାମୟିକ ବିଜେଡି ପ୍ରକାଶ ପରେ ସାନପୁଅଙ୍କୁ ବିଜେଡି ସାଂସଦ ରୂପେ ଜିତାଇବାକୁ ସୁରଭାଇ ଜନତାଙ୍କୁ ଗୁହାରି କଲେଣି। ତମାମ ଜୀବନ କଂଗ୍ରେସ କଂଗ୍ରେସ କହି ଶେଷ ଜୀବନରେ ସୁରଭାଇ ଚିନ୍ତା କରିଥିବେ ଯେ, କଂଗ୍ରେସ ଘଡ଼ାରେ ଆଉ ଗୁଡ଼ ମହୁ ନାହିଁ, ଯାହା ଅଛି ଶାସକ ବିଜୁ ଜନତା ଦଳ ପାଖରେ। ତାହା ପୁଣି ନୂଆ ଓ ନେତାଙ୍କ ପାଖରେ। କାରଣ ଆଞ୍ଚଳିକ ଦଳ ଭାବେ ଦେଶରେ ସବୁଠୁ ଧନୀ ରାଜନୈତିକ ଦଳ ହେଉଛି ବିଜେଡି। ଯାହାର ନୂଆ ମୁରବି ଭି କେ ପାଣ୍ଡିଆନ। ତେଣୁ ତାଙ୍କ ଶରଣରେ ପୁଅ ରହିଲେ ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହେବାର ଆଶା ରହିଛି। କାରଣ ଖଣି ଅର୍ଥରେ ବଳିୟାନ ଖଣିଦଳ ବିଜେଡି ଆଗାମୀ ଦଶ ବର୍ଷ ପୁଣି କ୍ଷମତାରେ ରହିବାର ସ୍ୱପ୍ନ ଦେଖୁଛି। ତେଣୁ ସେତିକିଦିନ ସାନପୁଅ ମନ୍ମଥ ସାଂସଦ ହୋଇଗଲେ ନିଜର ଅଭିଳାଷ ନିଶ୍ଚୟ ପୂରଣ କରିପାରିବ। ଏହା ତ ଗଲା ସୁରଭାଇଙ୍କ ନାଟକର କିଛି ଅଂଶ। ଅନ୍ୟପଟେ ବିଜେଡି କଣ ଭାବି ମନ୍ମଥଙ୍କୁ ଟିକଟ ଦେଇଛି ତାହା ଉପରେ ନଜର ପକାଇବା। ବର୍ତ୍ତମାନ ଭୁବନେଶ୍ୱରର ସାଂସଦ ଥିବା ଅପରାଜିତା ଷଡ଼ଙ୍ଗୀ ହେଉଛନ୍ତି ଜଣେ ଅଗ୍ନିବର୍ଷି ନେତ୍ରୀ ଯିଏ କି ବିଜେଡି ତଥା ପାଣ୍ଡିଆନଙ୍କୁ ଶାଣିତ କଟାକ୍ଷ କରନ୍ତି। ବିଜେଡି ଦୁର୍ନୀତିର ପେଡି ଖୋଲିବା ସହିତ ପାଣ୍ଡିଆନଙ୍କୁ ଏଭଳି ତେରଛା ବାଣ ମାରନ୍ତି ଯେ, ପାଣ୍ଡିଆନ ଭବିଷ୍ୟତରେ ଅଡୁଆରେ ପଡିପାରନ୍ତି ବୋଲି ଆଶଙ୍କା କରୁଛନ୍ତି। ଯେଉଁଥିପାଇଁ ବିଜେଡି-ବିଜେପି ମେଣ୍ଟ ନାଟକର ରଚନା କରି ମୈଦାନରୁ ଅପରାଜିତାଙ୍କୁ ହଟାଇବାର ଯୋଜନା ହୋଇଥିଲା। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହ ଏହି ନାଟକରେ ପାଣି ପକେଇଦେଲେ। ଯେତେବେଳେ ବିଜେପି ଓଡ଼ିଶାର ସଂସଦୀୟ କ୍ଷେତ୍ର ପ୍ରାର୍ଥୀ ଘୋଷଣା କରିଦେଲା ବିଜେଡି ମୁଣ୍ଡ ଚକ୍କର କାଟିଲା। ତେଣୁ କିଛିଦିନ ପୂର୍ବରୁ ବିଜେଡି ଶ୍ରୀମୟୀ ମିଶ୍ରଙ୍କୁ ଭୁବନେଶ୍ୱରର ସମ୍ଭାବ୍ୟ ସାଂସଦ ପ୍ରାର୍ଥୀ ଭାବେ ଘୋଷଣା ନକରି ମଧ୍ୟ ମୈଦାନକୁ ଓହ୍ଲାଇ ଦେଇଥିଲେ। ଭାବିଥିଲେ ଶ୍ରୀମୟୀ ଅପରାଜିତାଙ୍କୁ ଟକ୍କର ଦେବେ ବୋଲି, ହେଲେ ସେଥିରେ ବୋଧେ ବିଜେଡିର ଭରଷା ପାଇଲାନାହିଁ। ତେଣୁ ସୁରପୁତ୍ର ମନ୍ମଥ ବାପାଙ୍କ ଲୋକପ୍ରିୟତା ଭୋଟ ଆଣିଲେ ହିଁ ବିଜେଡି ପ୍ରାର୍ଥୀ ଜିତିପାରିବେ ବୋଲି ପାଣ୍ଡିଆନ ଚିନ୍ତା କରିଥାଇପାରନ୍ତି। ଯାହା ଫଳରେ ବିଜେଡି ରାସ୍ତାର କଣ୍ଟା ସଫା ହୋଇଯିବ। ହେଲେ ଘଟଣା ବିପରୀତ ଘଟିଲା। କାରଣ ଯେଉଁ ଗୁଳିରେ ପାଣ୍ଡିଆନ ବିଜେପିକୁ ନୀଚା ଦେଖାଇ ବିଜେଡିକୁ ଶ୍ରେଷ୍ଠ କହିଥିଲେ, ତାହା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପସନ୍ଦ ହେଲାନାହିଁ। ଫଳରେ ମେଣ୍ଟ ଚକ୍ରାନ୍ତ ଫସର ଫାଟିଗଲା। କାରଣ ଶହେ ଉପରେ ତିନି ଥର ବିଧାୟକ ଆସନ ପାଇ ଓଡିଶା ଶାସନକୁ ନିୟନ୍ତ୍ରଣରେ ରଖିଥିବା ବିଜେଡି ହଠାତ ମେଣ୍ଟ ପ୍ରସଙ୍ଗ ଉଠାଇଲା କାହିଁକି ? ମେଣ୍ଟ ପ୍ରସଙ୍ଗ ଉଠାଇ ଦୁଇ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଉଭୟ ବିଜେଡି ଓ ବିଜେପି ଦଳୀୟ ନେତା ଓ କର୍ମୀଙ୍କୁ ଭ୍ରମିତକରି ରଖିବା ପରେ ପ୍ରଥମେ ବିଜେପି ଓଡ଼ିଶାରେ ୧୮ ସଂସଦୀୟ କ୍ଷେତ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ଏହାପରେ ଜନତା ଜାଣିଗଲେ ଯେ ୨୦୨୪ ନିର୍ବାଚନରେ ଆଉ ବିଜେଡି - ବିଜେପି ମେଣ୍ଟ ହେବନାହିଁ। କିନ୍ତୁ ଆରମ୍ଭରୁ ବିଜେପି ରାଜ୍ୟ ସଭାପତି ମେଣ୍ଟ ପ୍ରସ୍ତାବକୁ ଅସ୍ୱୀକାର କରିଆସୁଥିଲେ। ହେଲେ ବିଜେଡି ସୁପ୍ରିମୋ ଏ ନେଇ କିଛି ମୁହଁ ଖୋଲିନଥିଲେ। ତଥାପି କେନ୍ଦ୍ରୀୟ ନିଷ୍ପତ୍ତି ଅପେକ୍ଷାରେ ବିଜେପି ଥିଲାବେଳେ ପ୍ରାର୍ଥୀ ଘୋଷଣା ପରେ ସବୁ ସ୍ପଷ୍ଟ ହୋଇଯାଇଥିଲା। ଯାହାକୁ ନେଇ ରାଜ୍ୟ ବିଜେପିର ନେତୃବର୍ଗ ଓ କର୍ମୀଙ୍କ ମନରେ ଆନନ୍ଦ ଦେଖାଦେଇଥିଲା। ଏହାର କାରଣ ଯେଉଁ ବିଜେଡି ଦିନେ ବିଜେପି ସହ ସମ୍ପର୍କ ଛିନ୍ନ କରିବାକୁ ପଛାଇ ନଥିଲା ତା ସହ ପୁଣି ଥରେ ମେଣ୍ଟକୁ ନେଇ ବିଜେପି ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏବେ ମେଣ୍ଟ ନହେବା ପରେ ଲଢ଼େଇ ଜୋରଦାର ହେବ ବୋଲି ଉଭୟ ବିଜେଡି ଓ ବିଜେପି କହୁଛନ୍ତି।

## ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୈତ୍ରୀ ପ୍ରୀତିର ପ୍ରତୀକ, ହରିରାଜପୁର ମେଳଣ



ସୁଶୀଲ କୁମାର ଛୁଆଳସିଂହ

ଫଗୁଣର ପହିଲି ପରଶରେ ଉନ୍ମାଦିତ ହେଉଥିବା ଭୂଇଁ ବୋଧହୁଏ ଏଇ ହରିରାଜପୁର ମେଳଣ ପଡ଼ିଆ। ଅବିରର ରଙ୍ଗକୁ ସାଉଁଟି ଯେ ଲେଖିଛି ନିଜର ଠିକଣା। ନିଜର କରୁଣା ପ୍ରଦର୍ଶନ କରି କେଉଁ ଆବାହମାନ କାଳରୁ ଆବିର୍ଭାବ ହୋଇଛନ୍ତି ଦେବ ଦେବ ମହାଦେବ ପଶ୍ଚିମାଶମ୍ଭୁ ଏହି ହରିରାଜପୁରରେ ଭକ୍ତର ମନବାଂଛା ପୂରଣ କରି ନିଜ ମହିମା ପ୍ରକଟ କରିଥିବା ଏହ ଅକର୍ମ କର୍ମଦାୟକ ଠାକୁର କେତେ ଯେ ବନ୍ଧୁ ବତ୍ସଳ ତାହା ପ୍ରଦର୍ଶନ କରିଥାନ୍ତି ଏହି ହରିରାଜପୁର ମେଳଣ ପଂଚୁଦୋଳ ମେଳଣରେ। ଏବେବ ଦେଖାଯାଏ ମନ୍ଦିର ବେଢାରେ ନିଜର ମନୋବାଂଛା ପୂରଣ କରିବା ପାଇଁ ବେଢାର ନିର୍ଜନ ସ୍ଥାନରେ ଭକ୍ତଟିଏ ଗୁହାରିଆ ପଡ଼ିଥାଏ। ଅନେକ ସ୍ମୃତି ଆଉ ଅନୁଭୂତିକୁ ସାଇତି ରଖି ଏଯାବତ ନିଜର ଗାରିମା ପ୍ରଦର୍ଶନ କରିଚାଲିଛି ଏହି ହରିରାଜପୁର ପଂଚୁଦୋଳ ମେଳଣ। ବାସ୍ତବିକ ଜଣେ ଅନୁଭବୀ ହିଁ ବଖାଣି ପାରିବ ଏହି ମେଳଣର ଗୁରୁତ୍ୱ। ଯଦିଓ ଏହା ପୁରୀ ଜିଲ୍ଲା ଅନ୍ତର୍ଗତ ଅଟେ ତଥାପି ଖୋର୍ଦ୍ଧା ଜିଲ୍ଲାର ବୋଲି ଭ୍ରମ ସୃଷ୍ଟି କରେ । କାରଣ ଏହା ଐତିହାସିକ ସହର ଜଟଣୀର ଅତି ନିକଟବର୍ତ୍ତୀ ଅଟେ। ପିପିଲିରୁ ଜଟଣୀକୁ ପଡ଼ିଥିବା ଲମ୍ବା ରାସ୍ତାରେ ପଡ଼େ ଗାଁଟିଏ ଯାହାର ନାଁ "ଭଁସର''। ଏହାର ପଡ଼ୋଶୀ ଗାଁ "ହରିରାଜପୁର ଆଉ ବଁଅଙ୍ଗ''। ଏଇଠି ବିରଜମାନ କରିଛନ୍ତି ଦେବଦେବ ମହାଦେବ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ। "ଭଁସର'' ଗାଁକୁ ଛୁଇଁ ଏହି ବିସ୍ତୀର୍ଣ୍ଣ ମେଳଣ ପଡ଼ିଆଟି ବେଶ କିଛିଦିନ ପାଇଁ ଲୋକାରଣ୍ୟ ହୋଇ ଉଠେ। ମେଳନ ପଡ଼ିଆକୁ ଛୁଇଁ ଜଳାଶ୍ରୟଟିଏ ଅଛି ଯାହାକୁ କେହି କେହି "ବଧି'' ବୋଲି କୁହନ୍ତି। ମହାଦ୍ରୁମ ବରଗଛମାନଙ୍କ ଛାଇ ତଳେ ଜମେ ମେଳଣ ଆସର।

ଅନେକ ଦିନ ତଳେ ଏହି ମେଳନ ପରେ ପରେ ଏଠାରେ ଚାଲୁଥିବା ବଳଦ ବେପାର ପାଇଁ ଆସୁଥିବା ବେପାରୀମାନେ ଏହି ବଧିର ଜଳକୁ ହିଁ ବ୍ୟବହାର କରିଥାନ୍ତି। ଏବେ ଏହା ଲୁକ୍କାୟିତ ପ୍ରାୟ। ମେଳଣର କିଛି ଦିନ ପୂର୍ବରୁ ମେଳଣ କମିଟି ତରଫରୁ ନିମନ୍ତ୍ରଣ ଯାଏ, ମେଳଣରେ ଯୋଗ ଦେବାପାଇଁ ଠାକୁରମାନେ ଆସୁଥିବା ଗାଁମାନଙ୍କୁ, ଲାଗେ ଯେମିତି ଏହା ପଶ୍ଚିମାଶମ୍ଭୁଙ୍କ ନିର୍ଦ୍ଦେଶ ପରି। ସେହି ପଦ୍ଧତିରେ ଆମ ଗାଁ ସାନନୂଆଗାଁ ଠାକୁରଙ୍କ ନିକଟକୁ ମଧ୍ୟ ନିମନ୍ତ୍ରଣ ପତ୍ର ଆସେ। ନିମନ୍ତ୍ରଣ ପତ୍ର ପାଇଲା ପରେ ବଢିଯାଏ ଆମ ଗାଁ ଲୋକଙ୍କ ମଧ୍ୟରେ ଉତ୍ସାହ। ପ୍ରଭୁ ରାଧାମୋହନ ଦେବ ଯିବେ ତାଙ୍କ ବନ୍ଧୁଙ୍କ ମେଳଣକୁ ସେଇଠି ହେବ ହରିହର ଭେଟ। ଅପେକ୍ଷା କରିଥିବା ବର୍ଷକର ଉତ୍ସାହକୁ ମେଂଟାଇବେ। ଖାଲି ଆମ ଗାଁ ଠାକୁର ନୁହଁନ୍ତି, ଏମିତି ଅନେକ ପଡ଼ୋଶୀ ଗାଁ ଠାକୁରମାନେ ମଧ୍ୟ ଆସନ୍ତି। ନିମନ୍ତ୍ରିତ ଅତିଥିମାନଙ୍କୁ ପାଇଲା ପରେ ଯେମିତି ଆନନ୍ଦ ବଢିଯାଏ ପ୍ରଭୁ ପଶ୍ଚିମାଶମ୍ଭୁଙ୍କର। ଲୌକିକ ଉପଚାର ପରି ଉପଚାର ହୁଏ ଅତିଥି ଠାକୁରମାନଙ୍କର। ଦୁଆର ଦୁଆର ବୁଲି ଚାଟେରୀ ଭୋଗ ଖାଇବାରେ ସରିଯାଇଥାଏ ଦୋଳ ପୂର୍ଣ୍ଣିମା। ତାପରେ ରଙ୍ଗର ପର୍ବ ହୋଲି ଓ ରଙ୍ଗ ଖେଳରେ ମଜିଯାଏ ନିରୀହ ମଣିଷ। ଦୋଳପୂର୍ଣ୍ଣିମା ଯିବାର ପଂଚମ ଦିନରେ ପଡ଼େ ପଂଚୁଦୋଳ ମେଳଣ। ଗ୍ରାମୀଣ ବାତାବରଣ ସୃଷ୍ଟି ହୋଇଥାଏ ଦୋଳ ମେଳଣ ମୈତ୍ରୀ ପ୍ରୀତିର ଭାବକୁ ପ୍ରଦର୍ଶନ କରିଥାଏ। ଯାହାର ନିଚ୍ଛକ ଛବି ହେଉଛି ଏହି ହରିରାଜପୁର ପଂଚୁଦୋଳ ମେଳଣ।

ଭୁଗୋଳ ପୋଥିରେ ନିଜର ପତିଆରା ନିଜର ପତିଆରା ଜାହିର କରି ନ ଥିଲେ ବି ନିଜ କାହାଣୀ ନିଜେ ଲେଖୁଥିବା ଏଇ ମୋର ଛୋଟ ଗାଁ ସାନନୂଆଗାଁ, ବାର ମାସରେ ତେର ପର୍ବକୁ ଆପଣେଇଲା ପରି, ଗାଁ ଠାକୁର ପଶ୍ଚିମାଶମ୍ଭୁଙ୍କ ହରିରାଜପୁରରେ ପଂଚୁଦୋଳ ମେଳଣରେ ଯୋଗ ଦେବା ପର୍ବକୁ ଆପଣେଇ ଅଛି। ହରିରାଜପୁର ପଂଚୁଦୋଳ ମେଳଣକୁ ଯିବା ପାଇଁ ଚାହୁଁ ଚାହୁଁ ସମୟ ଆସିଯାଇଥାଏ। ନାନା ରକମର ଫୁଲରେ ସଜ ହୋଇଥାଏ ଶ୍ରୀରାଧାମୋହନ ଦେବଙ୍କ ଚଉଦୋଳ। ଧୂସର ଗୋଧୂଳି ଛୁଇଁ ବରୁଣେଇ ଉହାଡ଼ରେ ଧୀରେ ଧୀରେ ଲୁଚିଯାଏ ରବି। ଘଂଟ ଘଂଟା ନାଦସହ ସଂଧ୍ୟା ଆଳତୀରେ ସଂଜ ଛୁଏଁ ଆମ ଗାଁ ରାଧାମୋହନ ଦେବଙ୍କ ମଣ୍ଡପ। ଠାକୁରଙ୍କୁ ସଜ କରିବା ସହ ସଜ ହୁଅନ୍ତି ଗାଁ ଭେଣ୍ଡିଆ। ପରସ୍ପର ମଧ୍ୟରେ ପ୍ରତିଯୋଗିତା ଠାକୁରଙ୍କୁ ବୋହି ନେବାପାଇଁ। ଘଡ଼ିମାରି ଚାନ୍ଦ ଆକାଶ ଛୁଇଁଲା ବେଳକୁ ଗାଁର ଉତର ପଟୁ ଶୁଭେ ପଂଚୁପଲ୍ଲୀ ନୀଳକଣ୍ଠେଶ୍ୱରଦେବଙ୍କ ବିମାନ ବୋହି ନେଉଥିବା ଗୋପାଳମାନଙ୍କ ଡ଼ାକ। ସେ ଡ଼ାକ କର୍ଣ୍ଣଗୋଚର ହେବା ମାତ୍ରେ ଆରମ୍ଭ ହୁଏ ଆମ ଗାଁ ରାଧାମୋହନ ଦେବଙ୍କ ହରିରାଜପୁର ମେଳନକୁ ଯାତ୍ରା। ଘଂଟ, ଘଂଟ. ମୃଦଙ୍ଗ, କରତାଳ, ହରିବୋଳ, ହୁଳହୁଳି ଶବ୍ଦରେ ଗାଁ ଛାଡ଼ନ୍ତି ରାଧାମୋହନ ଦେବ। ବସନ୍ତରାର ମଶାଲ କଢାଇ ନିଏ ଠାକୁରଙ୍କୁ ବାଟ। ଗାଁ ଭେଣ୍ଡିଆଙ୍କ କାନ୍ଧରେ ରାଧାମୋହନ ଦେବଙ୍କ ଚଉଦୋଳ। ମଉଳା ଜହ୍ନର ଝାପ୍‌ସା ଆଲୁଅରେ ଚାହୁଁ ଚାହୁଁ ବିମାନ ପଂହଚି ଯାଏ ହରିରାଜପୁର ମେଳନ ପଡ଼ିଆରେ । ଅପେକ୍ଷା ନିମନ୍ତ୍ରିତ ଠାକୁରମାନଙ୍କର । କେତେବେଳେ ପ୍ରଭୁ ପଶ୍ଚିମାଶମ୍ଭୁ ଗହ୍ୱରା ଛାଡ଼ି ପାଟ ପଟୁଆର ନେଇ ବିଜେ କରିବେ ମେଳନ ପଡ଼ିଆରେ ନିଜ ପିଣ୍ଡିରେ। ଆଉ ତାପରେ ପିଣ୍ଡି ଲାଗି ହେବେ ନିୟନ୍ତ୍ରିତ ଅତିଥି ଠାକୁରମାନେ। ସମସ୍ତଙ୍କ ଭଳି ଆମ ଗାଁ ଠାକୁର ବି ଅପେକ୍ଷା କରିଥାନ୍ତି, ସେହି ଅପୂର୍ବ ମୂହୁର୍ତ୍ତକୁ।

ବାଣୁଆମାନେ ଯେମିତି ପ୍ରସ୍ତୁତ ହୋଇଥାନ୍ତି ଆକାଶବାଜିରେ ନିଜର କଳା କୌଶଳ ପ୍ରଦର୍ଶନ କରି ପ୍ରଭୁଙ୍କ ରୋଷଣୀକୁ ସ୍ୱାଗତ ଜଣାଇବା ପାଇଁ। ନାଗା, କଳା ଘୋଡ଼ା ଇତ୍ୟାଦି ପଟୁଆରରେ ଯୋଗ ଦେବାପାଇଁ ନିଜକୁ ପ୍ରସ୍ତୁତ କରିଥାନ୍ତି। ଭକ୍ତି ସଂଗୀତର ମୂର୍ଚ୍ଛନାରେ ଝୁମୁ ଥାନ୍ତି ଅଗଣିତ ଦର୍ଶକ। ସୁସଜ୍ଜିତ ବିପଣୀମାଳାରେ ଝଲ୍‌ସି ଉଠେ ମେଳନ ପଡ଼ିଆ।

ଚାହୁଁ ଚାହୁଁ ଉପନୀତ ହୁଏ ପ୍ରତିକ୍ଷିତ ମୂହୁର୍ତଟିଏ। ପାଟ ପଟୁଆର ନେଇ ଭକ୍ତଙ୍କ ମଧ୍ୟରେ ମନ୍ଦିରରୁ ମେଳନ ପଡ଼ିଆ ଅଭିମୂଖେ ଯାତ୍ରା ଆରମ୍ଭ କରିଥାନ୍ତି ପ୍ରଭୁ ପଶ୍ଚିମାଶମ୍ଭୁ। ମନ ମୁଗ୍‌ଧକର ରୋଷଣୀ ସାଂଗକୁ ଚିତାକର୍ଷକ ଆତାସବାଜୀ କମ୍ପି ଉଠେ ଚଉଦିଗ। ହଜାର ହଜାର ଭକ୍ତ ମଧ୍ୟରେ ପ୍ରଭୁ ପଶ୍ଚିମାଶମ୍ଭୁ ପଂହଚି ଥାନ୍ତି ମେଳନ ପଡ଼ିଆରେ। ତା ସହିତ ଦେଖାଯାଏ କୁଦିଆରୀ ପଟୁ ଆସେ ବୁଢ଼ାପଡ଼ା ସୋମନାଥ ପଟୁଆର।

ପ୍ରଭୁ ପଶ୍ଚିମାଶମ୍ଭୁଙ୍କ ପିଣ୍ଡି ଲାଗି ପରେ ଅନ୍ୟ ସମସ୍ତ ନିମନ୍ତ୍ରିତ ଠାକୁରମାନେ ପିଣ୍ଡି ଲାଗି ହୁଅନ୍ତି। ଏହି ମେଳଣକୁ ନେଇ ଅନେକ ଲୋକକଥା ଶୁଣିବାକୁ ମିଳିଥାଏ। ତା ମଧ୍ୟରୁ ଗୋଟିଏ ହେଲା ସବାଖିଆ କେଳା। ପ୍ରଭୁ ପଶ୍ଚିମାଶମ୍ଭୁଙ୍କ ରୋଷଣୀ ବେଳେ ଜନୈକ ବ୍ୟକ୍ତି ସବାଖିଆ କେଳା ରୂପ ଧରି ଏହି ରୋଷଣୀର ସାମିଲ ହୋଇଥାନ୍ତି। ଲୋକେ କୁହନ୍ତି ଏହି ବ୍ୟକ୍ତିଙ୍କର ପ୍ରଭୁ ପଶ୍ଚିମାଶମ୍ଭୁଙ୍କ ମନସ୍କାମନା ପୂର୍ଣ୍ଣ କରିଥିବା ହେତୁ ସେ ଯାଚଞ୍ଚା କରି ଏହି ବେଶଟି ମେଳଣରେ ପ୍ରତିବର୍ଷ ଧାରଣ କରିଥାନ୍ତି। ଦେଖୁ ଦେଖୁ ଆସି ପହଂଚି ଯାଇଥାଏ ସେହି ପ୍ରତୀକ୍ଷିତ ଦିବସ ମେଳଣର ଅନ୍ତିମ ପର୍ଯ୍ୟାୟ ବା ପୂର୍ଣ୍ଣାହୁତି ଦିନ, ବା ଯାହାକୁ କୁହାଯାଏ ଦିଅଁ ମେଳନ। ଐତିହାସିକ ତଥ୍ୟରୁ ଜଣାଯାଏ ସେ ଖୋର୍ଦ୍ଧାରେ ଶାସନ କରୁଥିବା ଗଜପତି ମହାରାଜ ନରସିଂହ ଦେବ (୧୬୨୧ ରୁ ୧୬୪୭)ଙ୍କ ସମୟରେ ହରିରାଜପୁରରେ ଦୋଳ ମେଳନ ହୋଇଥିଲା। ଏହି ଦୋଳ ଯାତ୍ରା ଚୈତ୍ର ପଂଚମୀ ଏବଂ ସ୍ଥାନୀୟ ପଂଚଦେବତାଙ୍କୁ ନେଇ କରାଯାଇଥିବାରୁ ଏହାର ନା ରଖାଗଲା ହରିରାଜପୁର ପଂଚୁଦୋଳ। ଏହି ପାଂଚ ଠାକୁର ହେଲେ ସ୍ଥାନାଧିପତି ଶ୍ରୀ ଶ୍ରୀ ସୋମନାଥ ଦେବ (ପଶ୍ଚିମାଶମ୍ଭୁ) ହରିରାଜପୁର; ଶ୍ରୀ ଶ୍ରୀ ସୋମନାଥ ଦେବ, ବୁଢାପଡ଼ା; ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, କନ୍ତିଆ; ନୀଳକଣ୍ଠେଶ୍ୱର ଦେବ, ଭଁସର ଏବଂ ଗତିଶ୍ୱର ଦେବ, କୁସୁମାଟି। ପ୍ରଥମେ ଠାକୁରମାନେ ଦୋଳ ବିମାନରେ ଆସି ଭଁସର ଗ୍ରାମଠାରେ ବିରାଜମାନ କରୁଥିଲେ ଏବଂ ସେଠାରେ ହିଁ ଦୋଳ ମେଳଣ ହେଉଥିଲା। ଏହା ଥିଲା ଭଁସରର ପୂର୍ବପଟ ପରେ ଠାକୁରମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ଘଟି ୭୮ରୁ ଉର୍ଦ୍ଧ୍ୱରେ ପଂହଚିଲାଣି। କିନ୍ତୁ ଲୌକିକ ମତରେ ହରିରାଜପୁର ମେଳଣ ନୂଆ ପଡ଼ିଆରେ ୧୯୫୦ଠାରୁ ଦୋଳ ମେଳନ ଅନୁଷ୍ଠିତ ହୋଇଆସୁଅଛି। ଏହି ମେଳଣ ଆଗରୁ ୪ ଦିନ ଧରି ଚାଲି ଆସୁଥିଲା। ଏବେ ଏହା ୫ଦିନ ଧରି ପ୍ରଦର୍ଶିତ ହେଉଅଛି। ଏହି ଦିଅଁ ମେଳନ ଦିନଟି ହରିରାଜପୁର ମେଳଣର ଏକ ମହତ୍ୱପୂର୍ଣ୍ଣ ଦିବସ ଅଟେ। କାହିଁ କେତେ ଦୂର ଦୂରାନ୍ତରୁ ଲୋକମାନଙ୍କର ସଭାଗମ ହୋଇଥାଏ ଏଠି। ଏହି ମେଳଣରେ ବିଭିନ୍ନ ରକମର ଚଉଦୋଳ ଦେଖିବାକୁ ମିଳିଥାଏ। ସାଧାରଣ ମଣିଷଟି ଏଠ ଚଉଦୋଳମାନଙ୍କରେ ଅବିର ବା ଫଗୁ ବିଂଚି ନିଜର ଆତ୍ମତୃପ୍ତି କରିଥାଏ ଓ କେହି କେହି ଛୋଟ ଛୋଟ ପିଲାମାନଙ୍କ କାନ୍ଧରେ ଯାଉଁଳି ନଡ଼ିଆ ଧରି ପଶ୍ଚିମାଶମ୍ଭୁଙ୍କ ଭୋଗ ଘରେ ପ୍ରଦାନ କରିବାର ଦେଖାଯାଏ। ଗତବର୍ଷ ଏହି ମେଳଣରେ ଏକ ପରିବର୍ତନ ଦେଖାଯାଇଥିଲା। ଅବିର ବଦଳରେ ଲୋକମାନେ ବିମାନମାନଙ୍କରେ ଫୁଲକୁ ଗୁଣ୍ଡ କରି ପକାଉଥିଲେ। ବିଶେଷକରି ଏହାର ଆଖପାଖ ଗାଁର ଦେଖଣାହାରୀମାନେ ଶଗଡ଼ଗାଡ଼ିରେ ମେଳଣକୁ ଆସିଥାନ୍ତି। ଯେହେତୁ ଆଖପାଖ ଗାଁର ଲୋକମାନେ ଆସିଥାନ୍ତି ସେଥିପାଇଁ ବନ୍ଧୁବାନ୍ଧବଙ୍କ ମଧ୍ୟରେ ଭେଟାଭେଟ ହୋଇଥାଏ। ପ୍ରତ୍ୟେକ ଶଗଡ଼ ନିକଟରେ ଚାଲିଥାଏ ରୋଷେଇ। ଚିଙ୍ଗୁଡ଼ି ପକା ଡ଼ାଲମା ଅତ୍ୟନ୍ତ ସ୍ୱାଦିଷ୍ଟ ଅଟେ। ଖିଆ ପିଆ ସାରି ସ୍ତ୍ରୀ ଲୋକମାନେ ଘରକରଣା, ଆସବାବପତ୍ର କିଣିଥାନ୍ତି। ହସ ଖୁସି ଆନନ୍ଦର ଭାବ ଦିଆନିଆ ଏହି ସ୍ଥାନଟ ଲାଗେ ଯେମିତି ମୈତ୍ରୀ ପ୍ରୀତିର ପ୍ରତୀକ ସ୍ୱରୂପ। ଯଦିଓ ଗାଡ଼ି ମଟରର ମାତ୍ରା ବଢିଛି ତଥାପି ଶଗଡ଼ର ମାତ୍ରା କମି ନାହିଁ। ଦିନ ସରି ସୂରୁଜ ଦେବତା ପଶ୍ଚିମ ଆକାଶ ଛୁଇଁଲା ବେଳକୁ ଆରମ୍ଭ ହୁଏ ପଶ୍ଚିମ ଶମ୍ଭୁଙ୍କ ଦିଅଁ ମେଳଣର ପର୍ବ। ତା ପୂର୍ବରୁ ପୋଲିସ ପ୍ରଶାସନ ସାହାଯ୍ୟରେ ଲୋକ ଭିଡ଼କୁ ନିୟନ୍ତ୍ରଣ କରି ପୂଜକମାନେ ପ୍ରତ୍ୟେକ ବିମାନ ନିକଟରେ ଭୋଗ ହାଣ୍ଡି ଲାଗି କରିଥାନ୍ତି। ଏହାପରେ ଆରମ୍ଭ ହୁଏ ଆତସବାଜି ପ୍ରଦର୍ଶନ। ହରିବୋଲ, ହୁଳହୁଳିରେ କମ୍ପି ଉଠେ ମେଳଣ ପଡ଼ିଆ। ପଶ୍ଚିମାଶମ୍ଭୁଙ୍କ ବିମାନ ସହ ଗୋଟି ଗୋଟି ଭେଟ ହୁଏ ନିମନ୍ତ୍ରିତ ଠାକୁରମାନଙ୍କ ବିମାନ। ଏହାକୁ "ହରିହର ଭେଟ'' କୁହାଯାଏ। ଭେଟ ସାରି ଯେ ଯାହା ଗ୍ରାମାଭିମୁଖେ ଯାତା କରିଥାନ୍ତି, ଲାଗେ ଯେମିତି ବନ୍ଧଙ୍କ ଯାତ୍ରାରୁ ନିଜ ଘରକୁ ଫେରିଲା ବେଳେ ଏମାନେ ପଶ୍ଚିମାଶମ୍ଭୁଙ୍କୁ କହିଥାନ୍ତ, ବନ୍ଧୁ ଆମେ ଆସୁଛୁ, ଆର ବର୍ଷକୁ ଆମକୁ ଡ଼ାକିବାକୁ ଭୂଲିବେ ନାହିଁ। ପଶ୍ଚିମାଶମ୍ଭୁ ମଧ୍ୟ ଫେରିଯାଉଥିବା ଅତିଥିମାନଙ୍କୁ ବିଦାୟ ଜଣାଇଥାନ୍ତି। ସତେ ଯେମିତି ଲାଗେ ଏହା ଲୌକିକ ଉପଚାର, ବନ୍ଧୁଟିଏ ବନ୍ଧୁ ଘରୁ ବିଦାୟ ନେଉଛି। ଆଉ ପଶ୍ଚିମାଶମ୍ଭୁ ବନ୍ଧମାନଙ୍କୁ ବିଦାୟ ଦେଇ ନିଜ ମନ୍ଦିରରେ ବିଶ୍ରାମ ନେବାପାଇଁ ଫେରିଯାଉଛନ୍ତି। ଅପେକ୍ଷା ଆର ବର୍ଷକୁ...।

*ସାନନୂଆଗାଁ, ପୋଷ୍ଟ : ରେତଙ୍ଗ, ଖୋର୍ଦ୍ଧା*
*ଦୂରଭାଷ : ୮୨୪୯୪୭୧୮୪୮*

# କେତେ ସୁଖ ତାହାର !



ପ୍ରୀତିପ୍ରଜ୍ଞା ପ୍ରଧାନ

"ଚାଷକାମ ଯାହାର
କେତେ ସୁଖ ତାହାର।
ସେହି ସିନା ଦୁନିଆକୁ
ଯୋଗାଉଛି ଆହାରା"

ପିଲାଦିନେ ପାଠବହିରେ ଏଇ କୁନି କବିତାଟି ପଢ଼ି, ତା' ସହ ଥିବା ହଳଲଙ୍ଗଳ କାନ୍ଧରେ ପକାଇଥିବା ହସହସ କୃଷକର ଛବିକୁ ଦେଖି ପିଲାମନ ମୋର ସେତେବେଳେ ଭାବୁଥିଲା, ସତରେ ଚାଷୀମାନେ ବୋଧେ ବହୁତ ସୁଖୀ ହୋଇଥିବେ(ହୁଏତ ଏତେ କଥା ଭାବି ବି ନଥାଇ ପାରେ ସେତେବେଳେ। ଖାଲି ଗୋଟେ ପିଲାଳିଆ ଧାରଣା ବି ହୋଇଥାଇ ପାରେ)। ଆଜି ବି ମୋ' ମନରେ ସେ ଧାରଣା ବଳବତ୍ତର ଅଛି। କାରଣ ମନସ୍ତତ୍ତ୍ୱ ଅନୁସାରେ ମଣିଷ ଯେତେବେଳେ କାହାକୁ ସାହାଯ୍ୟ କରେ ଅଥବା କାହାକୁ କିଛି ଦାନ କରେ ସେତେବେଳେ ତା' ମସ୍ତିଷ୍କରେ ଖୁସି ରଖୁଥିବା ହରମୋନ୍ କ୍ଷରଣ ହୁଏ ଆଉ ସେ ଆନନ୍ଦ ବୋଧ କରେ। ସେଇ ଦୃଷ୍ଟିରୁ ବିଚାର କଲେ କୃଷକ ମାନେ ତ ଚିର ସୁଖୀ ହେବା ସୁନିଶ୍ଚିତ। କାରଣ ସେମାନେ ଶ୍ରମ ଦାନ କରି, ଦିନରାତି ଏକ କରି ଲହୁଲୁହ ଢାଳି ନିଜ କ୍ଷେତରେ ଫସଲ ଉପୁଜାଇ ଥାନ୍ତି ଆଉ ସାରା ଦୁନିଆକୁ ଖାଦ୍ୟ ଯୋଗାଇ ଥାଆନ୍ତି। ସମଗ୍ର ବିଶ୍ୱର ଖାଦ୍ୟ ଶୃଙ୍ଖଳାରେ ତେଣୁ ଛୋଟରୁ ଛୋଟ ଜଣେ ଚାଷୀଙ୍କର ନିଶ୍ଚୟ ଅବଦାନ ଥାଏ। ଖାଲି ଖାଦ୍ୟ ନୁହେଁ, ଆମକୁ ବସ୍ତ୍ର ଓ ବାସଗୃହ ଯୋଗାଇବାରେ ମଧ କୃଷକ ମାନଙ୍କ ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ତେଣୁ ଆମ ଜୀବନ ପ୍ରବାହରେ ଏତେ ବଡ଼ ଦାତାର ଭୂମିକା ତୁଲାଇଥିବା କୃଷକ ତ ଆନନ୍ଦରେ ବୁଡ଼ି ରହିବା କଥା। ହେଲେ ବାସ୍ତବରେ ସେମିତି ହୁଏ କି ?

୨୦୨୩ ଡିସେମ୍ବର ମାସରେ ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ତଥ୍ୟକୁ ଲକ୍ଷ୍ୟ କଲେ କିନ୍ତୁ ଚାଷୀମାନେ ନିଜକୁ ସୁଖୀ ମଣୁଥିବା ନେଇ ଉପରୋକ୍ତ ଧାରଣାଟିରେ ସତ୍ୟତା ଥିବା ଭଳି ଆଦୌ ମନେ ହୁଏନାହିଁ। ଘଉଜଈର ତଥ୍ୟ ଅନୁଯାୟୀ ବର୍ଷ ୨୦୨୨ରେ ଆମ ଦେଶରେ କୃଷି ସହ ଜଡ଼ିତ ମୋଟ ପ୍ରାୟ ୧୧,୨୯୦ ଜଣ (୫,୨୦୭ ଜଣ କୃଷକ ଓ ୬,୦୮୩ ଜଣ କୃଷି ଶ୍ରମିକ) ଆତ୍ମହତ୍ୟା କରିଥିଲେ। ୨୦୨୨ରେ ବର୍ଷ ୨୦୨୧ (ସେଇ ବର୍ଷ କୃଷି କାର୍ଯ୍ୟ ସହ ଜଡ଼ିତ ୧୦,୮୮୧ ଜଣ ଆତ୍ମହତ୍ୟା କରିଥିଲେ) ତୁଳନାରେ କୃଷକ ମାନଙ୍କ ଆତ୍ମହତ୍ୟାରେ ୩.୭ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ୨୦୨୦ ତୁଳନାରେ ଏଥିରେ ୫.୭ ପ୍ରତିଶତ ବୃଦ୍ଧି ଘଟିଥିଲା। ଆଉ ୨୦୧୯ (ସେହି ବର୍ଷ ଏଭଳି ୧୦,୨୮୧ଟି ମାମଲା ଘଟିଥିଲା) ପରଠାରୁ ଏଭଳି ଚାଷୀ ଆତ୍ମହତ୍ୟା ମାମଲାରେ କ୍ରମାଗତ ବୃଦ୍ଧି ଘଟୁଥିବା ଦେଖାଯାଉଛି। ଏନସିଆରବିର ଏଇ ତଥ୍ୟ ଅନୁଯାୟୀ, ୨୦୨୨ ବର୍ଷରେ ଆମ ଦେଶରେ ପ୍ରତିଦିନ ଅନ୍ତତଃ ୧୫୪ ଜଣ କୃଷକ ଓ ଦିନ ମଜୁରିଆ ବିଭିନ୍ନ ପାରିବାରିକ ସମସ୍ୟା ତଥା ଅସୁସ୍ଥତା କାରଣରୁ ଆତ୍ମହତ୍ୟା କରିଛନ୍ତି(୨୦୨୧ରେ ଏଇ ସଂଖ୍ୟା ଥିଲା ୧୪୪)। ଅର୍ଥାତ୍ ଏହି ବର୍ଷ ପ୍ରତି ଘଣ୍ଟାରେ ଅନ୍ତତଃ ଜଣେ କୃଷକ ଆତ୍ମହତ୍ୟା କରିଥିଲେ।

ଯଦି ଆମ ଦେଶର ବିଭିନ୍ନ ରାଜ୍ୟ କଥା ବିଚାରକୁ ନିଆଯାଏ ତେବେ ମହାରାଷ୍ଟ୍ରରେ ସବୁଠାରୁ ଅଧିକ ସଂଖ୍ୟକ କୃଷକ ଆତ୍ମହତ୍ୟା ମାମଲା ରହିଥିବା ବେଳେ ଏହା ପଛକୁ ରହିଛି କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଛତିଶଗଡ଼, ତେଲେଙ୍ଗାନା ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ। ଝଶ୍ୱବଶ୍ୱର ଜରକ୍ଷସରଲ ବଭୟ ଜର-ଷବଭସକ୍ଷସଶ୍ୱବଶ୍ୱସକ୍ଟଭ ବିଭାଗ ପକ୍ଷରୁ ସଂଗୃହୀତ ତଥ୍ୟ ଅନୁଯାୟୀ, ବର୍ଷ ୨୦୨୩ରେ ମହାରାଷ୍ଟ୍ରରେ ମୋଟ ୨,୮୫୧ ଜଣ କୃଷକ ଆତ୍ମହତ୍ୟା କରିଥିଲେ। ଆଉ ବିଦର୍ଭ ଅଞ୍ଚଳରେ ଏଭଳି ସର୍ବାଧିକ ମାମଲା ଘଟିଥିଲା। ଏମିତି ଦେଖିଲେ ମହାରାଷ୍ଟ୍ରର ମରାଠୱାଡ଼ା, ଅମରାବତୀ ଓ ଯବତମାଲ ଆଦି ଅଞ୍ଚଳରେ ମଧ କୃଷକ ଆତ୍ମହତ୍ୟା ମାମଲା ବେଶ୍ ଚିନ୍ତାଜନକ ରହିଛି।

ତେବେ ଭାରତ ଭଳି ଏକ କୃଷିପ୍ରଧାନ ଦେଶ, ଯାହାର ପ୍ରାୟ ୭୦% ଜନସଂଖ୍ୟା ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଚାଷ ସହ ଜଡ଼ିତ, ସେଠାରେ କାହିଁକି ୨୦୧୩ ପରଠାରୁ ପ୍ରତିବର୍ଷ ପ୍ରାୟ ୧୨,୦୦୦ କୃଷକ ଓ କୃଷି ଶ୍ରମିକ ଆତ୍ମହତ୍ୟାର ବାଟ ଆପଣାଉଛନ୍ତି ? ସଂସାରର ଅନ୍ନଦାତା ବୋଲାଉଥିବା କୃଷକ ମାନେ କାହିଁକି ଏତେ ହତାଶାଜନକ ସ୍ଥିତିର ଶିକାର ହୁଅନ୍ତି ଯେ, ସେମାନେ ନିଜ ଜୀବନ ହାରିବାକୁ ବି ପଛାନ୍ତି ନାହିଁ ?

ବିଭିନ୍ନ ଗବେଷଣା ଓ ଅନୁସନ୍ଧାନରୁ କୃଷକ ଆତ୍ମହତ୍ୟାର ଯେଉଁ ମୁଖ୍ୟ କାରଣ ସବୁ ସାମ୍ନାକୁ ଆସିଛି, ସେସବୁ ହେଲା:

କୃଷିଭିତ୍ତିକ ଖର୍ଚ୍ଚ ବୃଦ୍ଧି: ଅଧ୍ୟୟନରୁ ଜଣାପଡିଛି ଯେ, ୨୦୦୫ ତୁଳନାରେ ଏ ଭିତରେ କୃଷି କ୍ଷେତ୍ରରେ ନିୟୋଜିତ ନିବେଶ ତଥା ସାମଗ୍ରୀ ଜନିତ ଖର୍ଚ୍ଚରେ ପ୍ରାୟ ୩ଗୁଣ ବୃଦ୍ଧି ଘଟିଛି। ତେବେ ଏଭଳି ଘଟିବା ପଛରେ ଯେଉଁ କାରଣ ଗୁଡ଼ିକ ରହିଛି ସେସବୁ ହେଲା- ଚାଷ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ପ୍ରକାରର ସାର, ଫସଲ ରକ୍ଷାକାରୀ ରସାୟନ ଓ ବିହନ ଇତ୍ୟାଦିର ମୂଲ୍ୟ ବୃଦ୍ଧି। ଏହାଛଡ଼ା ହଳ ଓ ଜଳସେଚନ ପାଇଁ ବ୍ୟବହୃତ ଟ୍ରାକ୍ଟର ଓ ସବମର୍ସିବଲ୍ ପମ୍ପ୍ ଭଳି ଅତି ଦାମିକିଆ ଉପକରଣ ଗୁଡ଼ିକର ବହୁଳ ବ୍ୟବହାର ମଧ ଖର୍ଚ୍ଚ ବୃଦ୍ଧିରେ ସହାୟକ ହୋଇଥାଏ। ଏସବୁ ମୂଲ୍ୟବାନ ଉପକରଣ ବ୍ୟବହାର କରିବାରେ ଅକ୍ଷମତା ଯୋଗୁଁ ଅତି ଛୋଟ ଓ ସ୍ୱଳ୍ପ ଜମି ଥିବା କୃଷକ ମାନେ ହତାଶ ବୋଧ କରିଥାନ୍ତି। ଖାଲି ସେତିକି ନୁହେଁ, କୃଷି ଶ୍ରମିକ ମାନଙ୍କ ପାଉଣା ଓ ଚାଷରେ ନିୟୋଜିତ ପଶୁ ସମ୍ପଦର ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ କୃଷିଭିତ୍ତିକ ଖର୍ଚ୍ଚ ବୃଦ୍ଧିରେ ସହାୟକ ହୋଇଥାଏ।

ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସବସିଡିରେ ହ୍ରାସ ମଧ ଅନେକ ସମୟରେ ଚାଷୀର ଆୟକୁ ସଙ୍କୁଚିତ କରିବା ସହ କୃଷିଭିତ୍ତିକ ଖର୍ଚ୍ଚ ବୃଦ୍ଧି କରାଇଥାଏ।

କୃଷିଭିତ୍ତିକ ଖର୍ଚ୍ଚ ବୃଦ୍ଧିର ଏକ କୁପରିଣାମ ହେଲା- ଗ୍ରାମ୍ୟ ଆୟରେ ହ୍ରାସ। ଏପରି ହେବା ଦ୍ୱାରା ସ୍ଥାନୀୟ କୃଷକ ମାନେ ବହୁତ କମ୍ ରୋଜଗାର କରିପାରନ୍ତି। ଫଳରେ ସେମାନେ ସହରରେ ଥିବା ବିଭିନ୍ନ ସରକାରୀ ମଣ୍ଡି ଓ ଅନ୍ୟ ଉଦ୍ୟୋଗ ଗୁଡ଼ିକରେ ନିଜ ଉତ୍ପାଦିତ ସାମଗ୍ରୀ ପହଞ୍ଚାଇବାକୁ ସକ୍ଷମ ହୋଇ ପାରନ୍ତି ନାହିଁ। ଏହା ଦ୍ୱାରା ସେମାନେ ନିଜ ପରିଶ୍ରମ ଓ ଫସଲର ଉପଯୁକ୍ତ ମୂଲ୍ୟ ମଧ ପାଇ ପାରନ୍ତି ନାହିଁ।

ପ୍ରାକୃତିକ ବିପର୍ଯ୍ୟୟ: କୃଷି କ୍ଷେତ୍ରରେ ଉତ୍ତମ ଅମଳ ଅନେକ ସମୟରେ ସମ୍ପୂର୍ଣ୍ଣ ରୂପେ ଉତ୍ତମ ପାଣିପାଗ ଉପରେ ନିର୍ଭରଶୀଳ ହୋଇଥାଏ। ତେବେ ବିଶ୍ୱ ତାପମାତ୍ରାରେ ବୃଦ୍ଧି ଓ ଜଙ୍ଗଲ ହ୍ରାସ ଇତ୍ୟାଦି କାରଣରୁ ପ୍ରାକୃତିକ ବିପର୍ଯ୍ୟୟରେ ଅହେତୁକ ବୃଦ୍ଧି କୃଷି କ୍ଷେତ୍ରକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି। ଦିନକୁଦିନ ପ୍ରବଳ ବର୍ଷା, ବନ୍ୟା, ଅନିୟମିତ ମୌସୁମୀ, ସ୍ୱଳ୍ପ ବୃଷ୍ଟିପାତ, ମରୁଡ଼ି ଓ ଭୀଷଣ ବାତ୍ୟା ଆଦିର ସଂଖ୍ୟା ବଢୁଥିବାରୁ ଚାଷରେ ଆବଶ୍ୟକ ଅମଳ ହୋଇପାରୁନାହିଁ ଓ ଚାଷୀଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହେବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ବ୍ୟତୀତ ଅନେକ ସମୟରେ ଅଗ୍ନି ବିପ୍ଳାତ ଭଳି ଦୁର୍ଘଟଣା ମଧ କୃଷକର ଆୟକୁ ପ୍ରଭାବିତ କରିଥାଏ।

ଶିକ୍ଷାର ଅଭାବ: ଆମ ଦେଶର ବହୁ ସଂଖ୍ୟକ କୃଷକଙ୍କ କ୍ଷେତ୍ରରେ ଉପଯୁକ୍ତ ଶିକ୍ଷାର ଅଭାବ ସେମାନଙ୍କ ବିକାଶ ଦିଗରେ ବାଧକ ସାଜି ଥାଏ। ସାକ୍ଷରତା ଓ ଶିକ୍ଷାର ଅଭାବରେ ସେମାନେ ବହୁ ସମୟରେ ଆବଶ୍ୟକ ହେଉଥିବା ଉପଯୁକ୍ତ ନିଷ୍ପତ୍ତି କିମ୍ବା ସଠିକ୍ ପଦକ୍ଷେପ ନେଇପାରନ୍ତି ନାହିଁ। ଏହା ଦ୍ୱାରା ସେମାନେ ପାରମ୍ପରିକ ଓ ରକ୍ଷଣଶୀଳ କୃଷି ପଦ୍ଧତି ଉପରେ ନିର୍ଭରଶୀଳ ହୋଇପଡନ୍ତି ଓ ଆବଶ୍ୟକ ଅମଳ କରିପାରନ୍ତି ନାହିଁ।

ଅସୁସ୍ଥତା ଓ ପାରିବାରିକ: ସ୍ୱଳ୍ପ ଆୟ କାରଣରୁ ଅନେକ ସମୟରେ ଜଣେ କୃଷକ ନିଜ ଶାରୀରିକ ସମସ୍ୟା ପାଇଁ ଉପଯୁକ୍ତ ଚିକିତ୍ସା କରାଇ ପାରନ୍ତି ନାହିଁ ଓ ଦୀର୍ଘକାଳୀନ ଅସୁସ୍ଥତା ଯୋଗୁଁ ହତାଶ ବୋଧ କରିଥାନ୍ତି। ଏହା କ୍ରମେ ତାଙ୍କୁ ଆତ୍ମହତ୍ୟା ପାଇଁ ମଧ ପ୍ରବର୍ତ୍ତାଇ ଥାଏ। ଆୟ ଅଭାବରୁ ପାରିବାରିକ ସମସ୍ୟା ବି ଲାଗିରହେ। ଆଉ ଏହା ପ୍ରକାରାନ୍ତରେ ଅଶାନ୍ତି ତଥା ଜୀବନ ହାନିର କାରଣ ମଧ ହୋଇଥାଏ।

ତେବେ ଉପୋରକ୍ତ କାରଣ ଗୁଡ଼ିକ ବ୍ୟତୀତ କୃଷକ ଆତ୍ମହତ୍ୟା ମାମଲାରେ ବୃଦ୍ଧି ପାଇଁ ଅନ୍ୟ ଯେଉଁ କାରଣଟିକୁ ମୁଖ୍ୟତଃ ଦାୟୀ କରାଯାଏ ତାହା ହେଲା-

ବଢୁଥିବା ଋଣଭାର: ବିଶ୍ଳେଷଣରୁ ଜଣା ପଡିଛି ଯେ, ଅନେକ ସମୟରେ କୃଷକ(ମୁଖ୍ୟତଃ ଛୋଟ) ମାନେ ବିଭିନ୍ନ କୃଷି ଉପକରଣ, ସାର ଓ ବିହନ ଆଦି ସାମଗ୍ରୀ କିଣିବା ପାଇଁ ବେସରକାରୀ ଋଣ ପ୍ରଦାନକାରୀଙ୍କ ଠାରୁ ଚଢା ସୁଧରେ ଋଣ ଆଣିଥାନ୍ତି, ଯାହାକୁ ସେମାନେ ବହୁ ସମୟରେ ପରିଶୋଧ କରିବାରେ ଅସମର୍ଥ ହୋଇଥାନ୍ତି। ଫଳରେ ଋଣ ପ୍ରଦାନକାରୀଙ୍କ ଅତ୍ୟାଚାରର ଶିକାର ହୋଇ ସେମାନେ ନିଜ ଜୀବନ ନେବାକୁ ମଧ ପଛାଇ ନଥାନ୍ତି। ଖାଲି ବେସରକାରୀ ନୁହେଁ, ଆର୍ଥିକ ଦୁଃସ୍ଥିତି ଯୋଗୁଁ ବହୁ ସମୟରେ କୃଷକ ମାନେ ସରକାରୀ ଋଣ ମଧ ପରିଶୋଧ କରିପାରନ୍ତି ନାହିଁ। ଆଉ ଋଣ ପରିଶୋଧ ନ କରିପାରି ସେମାନେ ଆତ୍ମହତ୍ୟାର ବାଟ ଆପଣାଇ ଥାନ୍ତି। ଉଦାହରଣ ସ୍ୱରୂପ ଏଇ ତଥ୍ୟକୁ ଲକ୍ଷ୍ୟ କରନ୍ତୁ- ୨୦୧୫-୧୬ ଆର୍ଥିକ ବର୍ଷରେ ଦେଶର ବିଭିନ୍ନ କମର୍ସିଆଲ୍ ବ୍ୟାଙ୍କରୁ ନିଆଯାଇଥିବା କୃଷି ଋଣର ପରିମାଣ ୧୨ଲକ୍ଷ କୋଟି ଟଙ୍କା ଥିଲା ବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇଥିଲା ୧୮.୪ ଲକ୍ଷ କୋଟି ଟଙ୍କାକୁ। ସେହିପରି ଉକ୍ତ ସମୟକାଳ ମଧରେ ଏଭଳି ଋଣ ନେଇଥିବା କୃଷକ ମାନଙ୍କ ସଂଖ୍ୟା ମଧ ୬.୯ କୋଟିରୁ ବଢ଼ି ୧୦କୋଟିରୁ ଅଧିକ ହୋଇଯାଇଥିଲା।

ତେବେ କ'ଣ କରାଯାଇପାରେ କୃଷି କ୍ଷେତ୍ରରେ ନୈରାଶ୍ୟଜନକ ପରିସ୍ଥିତି ଦୂର କରିବା ପାଇଁ ? କ'ଣ ପଦକ୍ଷେପ ନିଆଯାଇପାରେ କୃଷକ ଆତ୍ମହତ୍ୟା ରୋକିବାକୁ? ୧. ପ୍ରକୃତିର ଦୟା ଉପରେ ନିର୍ଭରଶୀଳତା ହ୍ରାସ କରି ଜଳ ସମ୍ପଦର ସୁବିନିଯୋଗ ତଥା ଫସଲହାନି ରୋକିବା ପାଇଁ ବୈଜ୍ଞାନିକ ପଦ୍ଧତିର ଉପଯୋଗ ଦ୍ୱାରା ଉତ୍ତମ ଅମଳ ଓ ଏହା ଦ୍ୱାରା କୃଷକଙ୍କ ଆୟରେ ବୃଦ୍ଧି ଘଟିପାରେ। ୨.ଚାଷରେ ଆର୍ଥିକ ଦୃଷ୍ଟିରୁ ଫଳପ୍ରଦ ଓ ସ୍ୱଳ୍ପ ସମୟ ମିଆଦୀ ପଦ୍ଧତିର ଉପଯୋଗକୁ ନେଇ କୃଷକ ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ଅମଳ ବୃଦ୍ଧି ହୋଇପାରେ। ୩. ସେହିପରି କୃଷକ, ଖାସ୍ କରି ଅତି ଛୋଟ ଓ ସ୍ୱଳ୍ପ ଜମି ସମ୍ପନ୍ନ ଚାଷୀମାନଙ୍କ ପାଇଁ ସରକାରଙ୍କ ତରଫରୁ ଯଥେଷ୍ଟ ଇନଷ୍ଟିଚ୍ୟୁସନାଲ୍ ଫଣ୍ଡିଙ୍ଗ (ସଂସ୍ଥାଗତ ବିତ୍ତ ପୋଷଣ)ର ବ୍ୟବସ୍ଥା କରାଯିବା ସହ ଏହାର ଉପଯୁକ୍ତ ମନିଟରିଙ୍ଗ ମଧ ଆବଶ୍ୟକ, ଯାହା ଦ୍ୱାରା ବେସରକାରୀ ଋଣ ପ୍ରଦାନକାରୀଙ୍କ ଉପରେ ଚାଷୀ ମାନଙ୍କ ନିର୍ଭରଶୀଳତା ହ୍ରାସ ପାଇବ ଓ ସେମାନେ ସ୍ୱଳ୍ପ ସୁଧରେ ଋଣ ପାଇଁ ପାରିବେ।

୪. ସରକାରଙ୍କ ତରଫରୁ ଅତି ଛୋଟ ଛୋଟ ଜମି ଥିବା ଚାଷୀମାନଙ୍କ ଚାଷଜମିକୁ ଏକାଠି କରି ବଡ଼ ଚାଷୋପଯୋଗୀ ଜମିରେ ପରିଣତ କରାଯିବା ନେଇ ପଦକ୍ଷେପ ନିଆଯିବା ଆବଶ୍ୟକ। ତା' ଛଡ଼ା ଏଭଳି ଚାଷୀ ମାନଙ୍କୁ ଆୟର ବିକଳ୍ପ ପନ୍ଥାକୁ ନେଇ ପ୍ରଶିକ୍ଷଣ ଓ ପରାମର୍ଶ ଦିଆଯିବା ଉଚିତ।

୫. ସରକାରଙ୍କ ପକ୍ଷରୁ ଫସଲ ବିବିଧୀକରଣ ଦିଗରେ କୃଷକ ମାନଙ୍କୁ ପ୍ରୋତ୍ସାହିତ କରାଯିବା ଉଚିତ। ଏହା ଫସଲହାନିର ବିପଦକୁ ହ୍ରାସ କରିଥାଏ। ଏହା ଛଡା ଦୀର୍ଘକାଳୀନ ଭିତ୍ତିରେ କିଭଳି ଫସଲକୁ ସୁରକ୍ଷିତ ରଖିହେବ ସେ ଦିଗରେ ପ୍ରଯୁକ୍ତି କୌଶଳର ବ୍ୟବହାର ଓ ଟ୍ରେନିଂ ତଥା ପାଣିପାଗ ସମ୍ବନ୍ଧୀୟ ସଠିକ୍ ସୂଚନାର ଉପଲବ୍ଧି ମଧ ଚାଷୀମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବା ସହ ସେମାନଙ୍କ ଜୀବନ ହାନି ରୋକିବା ଦିଗରେ ସାହାଯ୍ୟ କରିପାରିବ।

ଏସବୁ ବ୍ୟତୀତ ଚାଷୀ ଆତ୍ମହତ୍ୟା ରୋକିବା ଦିଗରେ ଅନ୍ୟ ଯେଉଁ ଉପାୟଟି ସହାୟକ ହୋଇପାରିବ ତାହା ହେଲା- ୬. କୃଷକ ମାନଙ୍କ ମାନସିକ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ପଦକ୍ଷେପ ନିଆଯିବା। ସେମାନଙ୍କ ଶିକ୍ଷାର ବିକାଶ ଓ ଆର୍ଥିକ ବିକାଶ ସହ ସେମାନେ କିଭଳି ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ଦୃଢ଼ତାର ସହ ସାମ୍ନା କରିପାରିବେ ସେଥିପାଇଁ ସେମାନଙ୍କ ନିମନ୍ତେ କାଉନସେଲିଂ ଇତ୍ୟାଦିର ବ୍ୟବସ୍ଥା ରହିବା ଆବଶ୍ୟକ।

ଯଦିଓ ଭାରତରେ ଚାଷୀ ଆତ୍ମହତ୍ୟା ରୋକିବା ଦିଗରେ 'ପ୍ରଧାନମନ୍ତ୍ରୀ କୃଷକ ବୀମା ଯୋଜନା' ଭଳି ଅନେକ ଯୋଜନା ହାତକୁ ନିଆଯାଇଛି ତଥାପି ଏ ଦିଗରେ ଆହୁରି ବ୍ୟାପକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ନିକଟରେ ଖବରକାଗଜରେ ଭାରତ ସମେତ ବିଶ୍ୱର ପ୍ରାୟ ୬୫ଟି ଦେଶ (ଏଥିରେ ଏସିଆ ମହାଦେଶର ପାକିସ୍ତାନ, ନେପାଳ, ଶ୍ରୀଲଙ୍କା ଓ ବାଂଲାଦେଶ ଆଦି ଅନ୍ତର୍ଭୁକ୍ତ)ରେ କୃଷକ ମାନେ ସେମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ବର୍ତ୍ତମାନ ସମୟରେ ଆନ୍ଦୋଳନ ଚଳାଇଥିବା ସମ୍ପର୍କିତ ଏକ ଖବର ପ୍ରକାଶିତ ହୋଇଥିଲା। ଏଭଳି କି ୨୦୨୩ ଜାନୁଆରୀରୁ ଦକ୍ଷିଣ ଆମେରିକା ଅନ୍ତର୍ଗତ ୬୭% ଦେଶର କୃଷକ ନିଜର ବିଭିନ୍ନ ସମସ୍ୟାକୁ ନେଇ ବିରୋଧ ପ୍ରଦର୍ଶନ କରିଆସୁଥିବା ନେଇ ମଧ ସେଥିରେ ଉଲ୍ଲେଖ ଥିଲା। ତେବେ ସମଗ୍ର ବିଶ୍ୱକୁ ନିଜ ଅକ୍ଳାନ୍ତ ପରିଶ୍ରମର ପ୍ରତିବଦଳରେ ଆହାର ଯୋଗାଉଥିବା ଆମ ଏଇ କୃଷକ ବନ୍ଧୁ ମାନଙ୍କୁ ଜୀବନର ନିରାପତ୍ତା ଯୋଗାଇ ଦେବା କ'ଣ ସମସ୍ତଙ୍କ କର୍ତ୍ତବ୍ୟ ନୁହେଁ ?

**ଭୁବନେଶ୍ୱର**

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



ପୁଷ୍ପାରାଣୀ ପଟେଲ

ଭାଗ-୭

*ପ୍ରତ୍ୟେକଟି ଲେଖକର ପରିଚୟ, ଗର୍ବ ତଥା ଗୌରବ ହେଲା ତା'ର ଲେଖନୀ। କେବଳ ସେତିକି ନୁହେଁ, ଏହା ମଧ ହେଲା ତାର ନିଜସ୍ୱ ଦୁଃଖଙ୍କ କବଳରୁ ମୁକୁଳି ଆସିବାର ଏକ ଚିରଞ୍ଜିବି ସାହସ। ଫକୀର ମୋହନଙ୍କ 'ରେବତୀ'କୁ ଯଦି ଆମେ ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ଦେଉ, ତେବେ ତାର ପୃଷ୍ଠଭୂମି ଥିଲା ମହାମାରୀ ହଇଜାର କରାଳ ରୂପ। ସେ ସମୟ କଣ କମ ବ୍ୟଥିତ କରିଥିବ କି ଫକୀର ମୋହନଙ୍କ ସାହିତ୍ୟିକ ଦରଦୀ ପ୍ରାଣଟିକୁ? କେମିତି ବିତିଥିବ ତାଙ୍କର ସେଇ ବିନିଦ୍ର ରାତିସବୁ? ସେ ସମୟରେ ତାଙ୍କୁ ଏ ଯନ୍ତ୍ରଣାରୁ ମୁକ୍ତ କରିବା ପାଇଁ ଆସିଥିବେ କି ବାସୁ, ରେବତୀ, ଶ୍ୟାମାବନ୍ଧୁ ମହାନ୍ତି, ଜେଜୀମା ପରି ଭିନ୍ନ ଭିନ୍ନ ଚରିତ୍ରମାନେ ଯିଏକି ଜଣେ ଜଣେ ପ୍ରତୀକ ସେ ସମୟର ବିଧି ବ୍ୟବସ୍ଥାର। ସେମାନଙ୍କୁ ଜୀବନ୍ୟାସ ଦେଇ ମୁକୁଳି ଆସିଥିବେ କି ଫକୀର ମୋହନ ନିଜର ଅବ୍ୟକ୍ତ ଦୁଃଖ, ଯନ୍ତ୍ରଣା ଦାୟରୁ! ଆଜି ପୁଣି ସେଇ ମହାମାରୀ ଭୋଗୁଛି ବିଂଶ ଶତାବ୍ଦୀର ଉନ୍ନତ ପୃଥିବୀ। ହଇଜା ବଦଳରେ ଦେଖୁଛି ନଗଣ୍ୟ ଭୂତାଣୁ କରୋନାର ପ୍ରକୋପ ଓ ଥରି ଉଠୁଛି ଭୟରେ ଏଇ ନିଡର ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ଅତ୍ୟାଧୁନିକ ମଣିଷ। ସେତିକିବେଳେ ମୁଁ ଦୁର୍ବଳ ହୃଦୟଧାରି ଅସହାୟ ଲେଖକଟିଏ ଖୋଜିଛି ବାଟ, ମୋ ଅସହାୟତା ତଥା କଷ୍ଟ ମାନଙ୍କ କବଳରୁ ମୁକୁଳି ଆସିବା ପାଇଁ। ମୋ' ଆଶ୍ରା ତ ମୋ'ର କଲମ। ସେଇ ସମୟରେ ମୋର ଚିନ୍ତା, ଚେତନା ତଥା ସମାଜ ଓ ସମାଜରେ ମୁଁ ଦେଖିଥିବା କିଛି ନିକଟ ଚରିତ୍ରଙ୍କର ପ୍ରତିଫଳନ ହେଉଛି ଏଇ ମୋର କଲମ ମୁନରେ ଉତୁରି ଆସିଥିବା ମୋର ପ୍ରଥମ ଉପନ୍ୟାସ 'ମୌନ ଯୋଗୀ'। ଆଶା, ଆପଣମାନଙ୍କୁ ଛୁଇଁବ ନିଶ୍ଚେ.......*

*(ପୂର୍ବପ୍ରକାଶ ଉତ୍ତାରୁ)*

ଏଇ ଯେ ଦେଖୁଛ ଶହ ଶହ ସାଧାରଣ ମଣିଷ, ସେମାନଙ୍କ ଭିତର ନୁହଁନ୍ତି ସେ ପୂରବୀ। ସେ ଖୁବ୍ ଭିନ୍ନ ସମସ୍ତଙ୍କ ଠାରୁ। ସଂସାରର ଭିତରେ ବି ସନ୍ୟାସୀଟିଏ।

'ପରମ ସନ୍ୟାସୀ। ଯୋଗୀ ମଣିଷ।'

ମୋ ଜୀବନର ଏଇ ଦୀର୍ଘ ରାସ୍ତାରେ, ଏଯାଏଁ ମୁଁ ଭେଟି ସାରିଛି ଅନେକ ମଣିଷ ଓ ବହୁତ ପୁରୁଷ ମଧ୍ୟ। ଖୁବ୍ ଭଲ ଭାବରେ ବୁଝିଛି ବି ସେମାନଙ୍କର ମନସ୍ତତ୍ତ୍ୱ। ସେମାନଙ୍କର ଶରୀର ଦେଇ ତାଙ୍କ ହୃଦୟ ଭିତରର ଘୃଣିତ ମାନସିକତାର ବାସ୍ନାକୁ ଶୁଙ୍ଘିଛି ମଧ୍ୟ। ସମାଜର ଦ୍ୱାହିରେ ସେ ଦୁର୍ଗନ୍ଧ ସବୁକୁ ସହ୍ୟ ମଧ କରିଛି।

ସେଇ ଯେଉଁ ସନ୍ୟାସୀଙ୍କୁ ଥରେ ଭେଟିବା ସନ୍ଧାନରେ ବିତିସାରିଥିଲା ଏତେ ବେଶୀ ଆୟୁକାଳ, ତାଙ୍କୁ ଚିହ୍ନିବା କ'ଣ ମୋ' ପାଇଁ କଷ୍ଟକର ଥିଲା?

ନା ... ନଥିଲା କେବେହେଲେ!

ତାଙ୍କ ପ୍ରଥମ ଡାକରେ ହିଁ ମୋ' ଆତ୍ମା ଇତସ୍ତତଃ ହେଲା। ଅବୁଝା ହେଲା। ସବୁ ବନ୍ଧନକୁ ଛିଣ୍ଡାଇ ଦେଇ ତାଙ୍କ ପାଖରେ ଶରଣ ନେବାକୁ ଇଚ୍ଛା ହେଲା। ପାଗଳ ପରି ହେଲା ତାଙ୍କ ପାଦତଳେ ନିଜକୁ ସମର୍ପି ଦେବା ପାଇଁ। ଇଚ୍ଛା ହେଲା... ଏଇ ଲୁହରେ ପଖାଳି ଦିଅନ୍ତି ତାଙ୍କ ପାଦ।

ତେବେ .....।

(ପୁଣି ଶୁଭିଲା ସ୍ନିଗ୍ଧାର ଲୁହର ସ୍ୱର)

ସେ କାନ୍ଦର ଲହରୀରେ ଭାସିଗଲା ପୁଣିଥରେ ପୂରବୀ।

କହିଲା - 'ମୋ'ତେ ଥରେ ଖୋଲି କୁହ ସ୍ନିଗ୍ଧା। ତୁମର ଅତୀତ। ତୁମର ବର୍ତ୍ତମାନ! ତୁମର ଅନୁଭବ। ପ୍ରତୀକ୍ଷା। ତିତିକ୍ଷା। ସବୁକିଛି। ଯାହାବି ଭୋଗିଛ ତୁମେ, ତୁମର ପ୍ରତ୍ୟେକଟି କଥାକୁ ଖୋଲିଦିଅ ମୋ' ସାମ୍ନାରେ। ଯଦି ମୁଁ ନ ଅନୁଭବିବି ସେସବୁକୁ, ତେବେ ସାମଜକୁ, ଏ ମଣିଷ ମାନଙ୍କୁ ବୁଝାଇବାର ଆସ୍ପର୍ଦ୍ଧା ପୁଣି କରିବା ବା କେମିତି?

ତୁମେ ଥରୁଟିଏ ପାଇଁ ନିଜକୁ ମୋ' ପାଖରେ ଖୋଲିଦେଇ ଦେଖ। ତୁମକୁ, ତୁମ ପ୍ରେମକୁ ନ୍ୟାୟ ଦେବା ଦାୟିତ୍ୱ ମୋ'ର!!

।।୭।।

କ'ଣ ବା କହିବି?

ତୁମେ କହୁଛ, କହିବା ପାଇଁ ସେଇ ଛୋଟ ସ୍ନିଗ୍ଧାଟିର କଥା। ସମସ୍ତଙ୍କ ପରି ସେ ବି ଖୁବ୍ ସାଧାରଣ ଝିଅଟିଏ ଥିଲା। ତେବେ ଏକଥା ବି ସତ ଯେ ପୂରବୀ - ସେ ବୋଧେ ଅନ୍ୟମାନଙ୍କ ଠାରୁ କିଛି ଭିନ୍ନ ବି ଥିଲା।

ଥିଲା ତୁଳା ପରି ନରମ। ଦେହରୁ ଓ ମନରୁ। ତା' ଆଖି ଦୁଇଟିରେ ଛଳ ଛଳ ବାରି ହେଇ ପଡୁଥିଲା ତା' ଆତ୍ମାର ନିର୍ମଳତା। ଆହୁରିବି ଦିଶି ଯାଉଥିଲା ମନ ଭିତରେ ତା'ର ପରସ୍ତ ପରସ୍ତ ହେଇ ଜମାଟ ବାନ୍ଧୁଥିବା ଭୟ।

ଏତେ ଭୟ ନେଇ ସେ ଏ ଭୟଙ୍କର



ସମାଜକୁ ସାମ୍ନା କେମିତି କରିବ କେଜାଣି?

ତେବେ ତା'କୁ ଦୋଷ ଦେଇ ଲାଭ ବା' କ'ଣ! ସେ ତ ବଢ଼ିଆସିଥିଲା ଛୋଟଟି ବେଳୁ ସେଇଭଳି ଏକ ପରିବେଶରେ।

ତା' ବାପାଙ୍କୁ ସେ ଦେଖିଛି ଛୋଟବେଳୁ, ତା'କୁ ନେଇ ସେ ଖୁବ୍ ବେଶୀ ସଜାଗ!

'ସବୁ ବାପା ମାନେ ଏମିତି, ନା ତା' ବାପା ହିଁ?' - ଏ ପ୍ରଶ୍ନକୁ ନେଇ ସେ ଅନେକ ଦ୍ୱନ୍ଦ୍ୱ ଭୋଗିଲା। ଅନେକ ଦିନ ଯାଏଁ ଘାଣ୍ଟି ହେଲା ନିଜ ଉତ୍ତରରେ ସନ୍ତୁଷ୍ଟ ନହେଇ।

ବାଲି ଖେଳରେ ମାଟି ସମୟ କାଟୁଥିବା ବୟସ ଯାଏଁ ସେ ଭାବିଲା ବାପା ଖୁବ୍ ଗେହ୍ଲା କରନ୍ତି ତା'କୁ। ସେଇଥିପାଇଁ ଆଖିରୁ ଆଡୁଆଳ ହେବାକୁ ଦିଅନ୍ତିନି ପରା! ଦରକାର ବୋଲି କହିବା ଆଗରୁ ସବୁ ହାଜର୍।

'ତେବେ ଭଲ ପାଠ ପଢୁଥିବା ଝିଅଟିଏକୁ ଦୂର ସହରକୁ ପଠାଯିବ ନାହିଁ। ଭଲ କଲେଜ୍‌ରେ ପଢ଼ିବା ପାଇଁ ଯଦି ଦୂର ସହରକୁ ଯିବାକୁ ପଡେ, ତେବେ ଥାଉ। ସେ ବରଂ ଗାଁ ପାଖ କଲେଜରେ ପଢୁ।' - ଏପରି ଅନେକ ନିଷ୍ପତ୍ତି ତା' ସାମ୍ନାରେ ପାହାଡ ପରି ଠିଆହେଲେ। ଖାଲି କ'ଣ ଠିଆ ହେଲେ ବରଂ ତା' କାନେ କାନେ କହିଲେ -

"ଏଇ ଯେ ତୁ ମନେ ମନେ ନିଜକୁ ବାପାଙ୍କର ଗେହ୍ଲା ଝିଅ ଭାବି ଫୁଟାଣି ମାରୁଛୁ, ସେ ଗେହ୍ଲେଇ ନା ଆଉ କିଛି, ବରଂ କହି ଅବିଶ୍ୱାସ। ଅବିଶ୍ୱାସ କରନ୍ତି ତୋତେ ତୋ' ବାପା! ବୁଝିଲୁ!!"

ମୁଁ କି ମାନେ, ଏଇ ଯେ ମନର କଥାକୁ ମାନିଲିନି, ପୂରବୀ। ନିଜକୁ ଢାଳିଦେଲି ମନ ପ୍ରାଣ ଦେଇ ସେଇ ପାଠ ବହି ମାନଙ୍କ ଭିତରେ। ଭଲ ପାଠ ପାଇଁ କ'ଣ ଲୋଡା ବଡ କଲେଜ? ଦୂର ସହର? ଅଧିକ ଟଙ୍କାର ଟ୍ୟୁସନ୍?

'ବାପା ଯଦିବା ଅବିଶ୍ୱାସ କରନ୍ତି ମୋ'ତେ, ତେବେ ତାଙ୍କର ପ୍ରତିଟି ଅବିଶ୍ୱାସକୁ ବଦଳିଦେବି ବିଶ୍ୱାସରେ' ... ଏଇ ପଣ କରିଥିଲି ନିଜ ପାଖରେ।

ନିଜ ଜିଦ୍ ଆଗରେ ହାର୍ ମାନୁନଥିବା ଜିଦ୍‌ଖୋର ଝିଅଟିଏ ମୁଁ ପୂରୀବ। ବୁଝିଲ ନା? ଯେଉଁଦିନ ସେଇ ଛୋଟ କଲେଜରୁ କଳା ସ୍ନାତକରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କଲି, ଭାବିଲି ଆଜି ବାପାଙ୍କର ସବୁ ଅବିଶ୍ୱାସକୁ ଜିତିଗଲି ମୁଁ। ସାରା ଗାଁରେ ସମସ୍ତେ ଉଦାହରଣ ଦେଲେ, ସ୍ନିଗ୍ଧା ପରି ଝିଅଟିଏ ଭାଗ୍ୟରେ ଥିଲେ ମିଳେ। ଖାଲି କ'ଣ ପାଠରେ? ଆଚାର, ବ୍ୟବହାର କେଉଁଥିରେ ଖୁଣିବାକୁ ନାହିଁ।

ଏକଥା ଶୁଣି - ବାପା ବି ଗର୍ବ କଲେ ଖୁବ୍। ମୁଁ ଭାବିଲି, ଜିତିଗଲି ମୁଁ। ଏବେ ବାକି ଜୀବନଟା ମୋ'ର, ବଞ୍ଚିବି ମୋ' ହିସାବରେ। ଆହୁରି ପଢ଼ିବି ଆଗକୁ। ଖୁବ୍ ଆଗକୁ ନେବି ବାପାଙ୍କର ନାଆଁ। ଯେଉଁ ଅନାବିଳ ସ୍ନେହ ଢ଼ାଳିଦେଇ ମୋ'ତେ ସେ ବଡ କରିଛନ୍ତି .... ଏଇ ଆସିଗଲା ତା'ର ପ୍ରତିଦାନ ଦେବାର ପାଳି।

*(କ୍ରମଶଃ)*



## ପଛକଥା

**କିରଣ ମନୀଷା ମହାନ୍ତି**

ସ୍ମୃତିର ଦହନରେ
ଦରପୋଡା ମୋ ଦେହ

ଖୁବ ପୋଡୁଛି ଜଳା ଘା ସବୁ
ହଜିଗଲାଣି ସପନ
ବତୀଖୁଣ୍ଟ ପରି ଠିଆ ମୁଁ ଏବେ
ଡହଳ ବିକଳ ଅସଜଡ଼ା ମୁହୂର୍ତ୍ତସବୁ
ନିଜକୁ ଟିକେ ପରିବର୍ତ୍ତନ କରି
ପୋଡା ଦେହକୁ ଶିତଳେଇବାକୁ ଯାଇ
ଅଣନିଶ୍ୱାସୀ ଏ ସମୁଦ୍ର ପାଣିରେ

ଖୁବ ଘାଇଲା ସମୟର ଶକ୍ତ କୁଡାରି ଚୋଟରେ
କି ବିଷାକ୍ତ ପ୍ରେମରେ ଜାଣେନା .....।
ସାରାରାତି ଗୋଟେ ଦୁସ୍ୱପ୍ନ
ଅପାସୋରା ସେ ଦିନ ଆଲୁଅରେ
ଭୟ ଖୁବ ଲାଗୁଛି
ଯନ୍ତ୍ରଣା ଦେଉଛି ତୁମ ସ୍ମୃତି ସବୁ

ତୁମକୁ ହରେଇ ସାରିବା ପରେବି
କାହିଁ କେଜାଣି ତୁମ ଦମ୍ଭିଲା
ଛାତିକୁ ଖୋଜୁଛି
ଟିକିଏ ଆଉଜି ଆଖି ଲୁହ ନିଗାଡ଼ି ବାକୁ

ଆହାତ ମୋ ଅଭିଳାଷ
ପ୍ରେମ ଏବେ ସ୍ମୃତିର ଆଖିରେ
ଜିଉଛି ଭିଜି ଭିଜି
ଛାତି ନୁହେଁ
ଭାଗ୍ୟରେ ତ ଖଣ୍ଡେ ପଥର
ନିଅତି ଲଦୀଛି ...।

*ପୁରୀ*

## ସମୟର ସିମ୍ଫୋନି

**ଦୀପିକା ଦାଶ**



ଏବେ ବି ଦେହରେ ମୋର ନାଚିଉଠେ
ତୁମ ପ୍ରିୟ ଘନମେଘୀ ନୀଳ ରଙ୍ଗର
ଫର୍ମାଲ୍ ସାର୍ଟ୍ ସହ ୟାର୍ଡ୍'ଲେ
କ୍ଲାସିକ୍'ର ପରଫ୍ୟୁମ୍।
ସବୁଥର ପରି ହାତରେ ମୋର
ତୁମ ପ୍ରିୟ ଅମାବାସ୍ୟାର ଚନ୍ଦ୍ର
ଶୁଣାଇବା ପାଇଁ ମୋ ଓଠରେ
କେବେଠାରୁ ଆତ୍ମସ୍ଥ ହୋଇସାରିଥିବା
କାଉଲର ସଂଳାପ।


କେତେବେଳୁ ମୋ ଆଖି
ତୁମେ ଶେଷ ଥର ପାଇଁ ଠିକଣା ହରାଇଥିବା
ସେହି ସ୍ଥାନରେ ଅଟକିଛି ଯେ ଅଟକିଛି।
ଶ୍ୱାସରୁଦ୍ଧ ପବନ ସହ କାହିଁ
କେତେ ଦୂରୁ ଉଡିବୁଲୁଛି
ଟ୍ରେନ ରିଟର୍ଣ୍ଣ ଟିକେଟର ଖଣ୍ଡ ଖଣ୍ଡ ଦେହ

ଏବେ ବି ମୋ ୱାଲେଟ୍'ରେ
ଆତ୍ମଗୋପନ କରି
ଚାରି ଭଙ୍ଗା ହୋଇ ସାଇତା ରହିଛି
ତୁମ ଗୋଲାପୀ କୁର୍ତ୍ତା ପିନ୍ଧା ଫୋଟୋ।

ତଫାତ ତ ଏତିକି
ନିର୍ଜନତା ସହ ସେଇଠି
ଆଉ କେହି ମିଳିଲେ ନାହିଁ।
ମୋତେ ରାଣ ଦେଇ ପଚାରିବାକୁ
'ଦେଖି ...!
ତୁମ ପର୍ସ୍'ରେ ମୋ ଫୋଟୋ କାହିଁ?'

*ବ୍ରହ୍ମପୁର*

## ପିଲାଙ୍କ ଦୁନିଆ







**ଶ୍ରୀଭାଲି ରଥ**
ଷ୍ଟାଣ୍ଡାର୍ଡ - ୨
**ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
ଦେଉଳବେଡା, କଳିଆରୀ
ତାଳଚେର

## ପୋତାନଈ



**ମନୋଜ ମହାନ୍ତି**



ହେଇ ଅନାନି ଆଡିକୁ! ସେଇ ଯୁ ହାଡଗିଳା ନଈ, କିଏ କହୁଥିଲା ହାଡୁଆ ନଈ; ଜଟାଧାର ମୁହାଣକୁ ସଂଯୋଗ କରୁଥିଲା। ସେ ନଈର ପ୍ରଖର ସୁଅ ଥିଲା କାଳେ! ଏବକୁ ଜମି ହିଡ ମୁଣ୍ଡରୁ ବାହାରି ଆସିଥିବା ଯୋର ଟାଏ ଭଳି ପ୍ରତେ ହଉଚି।

ଶୁଣ ସରକାର ଠୁଁ ଆଠ କୋଟିର ସହାୟତାରେ କୁଆଡେ ତାର ପୁନରୁଦ୍ଧାର ହେବା ସମ୍ଭବ କି? ହେଇ ପା! ଜେ.ସି.ବି. ଲଗାଇ ଖୋଳା ଆରମ୍ଭ ହେଲାଣି।

ଆଉ ସତ କହିଲେ ସେଇ ଯୁ ଗାଁ ଟା 'ପୋତାନଈ' କାଳେ ନଈ ଧାର ପୋତା ହେଇ, କି ପୋତିହୋଇ ହେଇଥିଲା କହିପାରିବିନି। କାଇଁ ଗାଁ ଟା ପାଁ ଶହ ବର୍ଷ ତଳର। ତିଆରୀ ଥିଲେ ସ୍ୱାଇଁ ପରିବାର, ଦାସ ପରିବାର। ନାଁ ଦେଇଥିଲେ 'ପୋତାନଈ'!

-ହଁ ନଈରେ କ'ଣ କମ ମାଛ ପଡୁଥିଲେ। ବର୍ଷାଦିନେ ଗଡନ୍ତା ପାଣିରୁ ପା ବାଲଟି ବାଲଟି ମାଛ ଶୁଖେଇ ରଖୁଥିଲେ ଗାଁ ମଣିଷ।

ମୁଁ ପଚାରିଲି, କାଇଁ ନଇ ତ ଦୃଶ୍ୟ ହଉନି। ସେ କହିଲା ଧେତ୍ ତୁ ପାହାଡି, ଏରିଆ ମଣିଷ କାହୁଁ ଚିହ୍ନି ପାରିବୁ ବିଲ ଭିତରୁ ନଈର ହୁଂକାର! ତୋତେ ମିଛ ମୋତେ ସତ ରାଣ ଖାଇ କହୁଛି ଏଇଠି ନଇଟା ନିର୍ଘାତ ଅରଣା ପ୍ରାୟେ ବୋହୁଥିଲା। ପୁନେଇ ରାତିରେ ଜୁଆର ଆସିଲେ ହାଡଗିଳା ନଈରେ ପା ମଣିଷ ବୁଡା ପାଣି।

ଛାଡ୍ ତୋତେ ମିଛି ମୋତେ ସତ! ମୋରି ଗାଁ ପା ... ମୁଁ ପା ରାଧୁ ସ୍ୱାଇଁ ନାତି। ତିନି ପିଢ଼ିର କାହାଣୀ ଭିତରେ ମୁଁ ଏବେ ପୋତି ହେଇ ପରୀଚୟ ପହରାଇଲିଣିରେ ଭାଇ!

ହେଇ ଏଇ ହିଡ଼ ମୁଣ୍ଡେ ବସ୍। ଶୁଣ କାହାଣୀ ନୁହଁରେ ପୋତାନଈ ଗାଁ ତିନିପିଢିର କଥା।

ଏବେ ଯେଉଁ ବେଣା ଉର୍ତ୍ତି ବିଲ ଦେଖୁଚୁନା, ସେମିତି ନଥିଲାରେ ଭାଇ। ଏଗୁଡା ପା ସୁଦୁ ଧାନବିଲ ଗୁଡ଼ା। ରାଧୁ ସ୍ୱାଇଁ ପାଞ୍ଚ ଭାଇ। ହୁଁ ଏବେ ପରି ଉଗାରୀ ନଥିଲେ ରେ ପାଞ୍ଚ ଭାଇରେ ରାଧୁ ସ୍ୱାଇଁ ତଳୁ ତିନି ନମ୍ବର। ହେଲେ ସବୁ ଭାଇଁଠୁଁ ପାରନ୍ତା। ଛଅ ଫୁଟର ଡେଙ୍ଗା ଚଉଡା ମର୍ଦ୍ଦ। କାଇଁ ଏ ପାଖ ପାଞ୍ଚଖଣ୍ଡ ଗାଁରେ ଥିଲେନା ତା ପରି ଜଣେ ଆକାଶେ ଉଚ୍ଚା ମଣିଷ! ଧାନବିଲ କୁ ପା କେଇ ପାହୁଣ୍ଡରେ ଡେଇଁ ଯାଉଥିଲା ।

ତା ପଞ୍ଜା ଦେଖିନୁ ତୁ! ଏଇ ସେ ଗିନାରେ ତର୍କାରୀ ଖାଏ ନାହିଁ। ଗୋଟେ କଂସା ଭର୍ତ୍ତି ଡାଲମା ନାଇତ ତର୍କାରୀ। ଭାଉଜ ମାନେ ଭରସୀ ପାଖ ମାଡ଼ନ୍ତି ନାହିଁ। ଖାଇବାରେ ଜେମିତି ତାର ମନ ଉଣା ନହୁଏ, ଜଗିଥିଲେ ଭାଇବୋହୁ ଠୁଁ ଭାଉଜ।

ସେଇ ବିଲଚଷେ ଆଉ ଭାଇମାନେ ସହଯୋଗୀ। ସାନଟା ଅମାର ହାଲ ହିସାବ ରଖେ। ପାଞ୍ଚ ଖଣ୍ଡ ଗାଁରେ ଧାନକରଜ ଲାଗେ। ସେଇ ସାନଟା ଗୁମାସ୍ତା। ଖାତା ଖତିଆନ ଖର୍ଚ୍ଚବାର୍ଚ୍ଚ ସେହିଁ ବୁଝେ। ସେ ବେଳର ସପ୍ତମ ପାସ୍ ପା..।

ଧାନ ଫଳେ ମାନେ? ଅମାର କ'ଣ ଜାଣିଛୁ? ଗୋଟେ ଗୋଟେ ଅମାର ମାନେ ଦଶଟା ଟ୍ରକ୍‌ର ଧାନ ତା ଭିତରେ ସମ୍ପୂର୍ଣ୍ଣ ଗାଏବ୍। ନୂଆ ଅମଳ ଧାନ କିଏ ଆଉଥିଲା କହିଲୁ? ଦୁଇବର୍ଷର ଅମାର ଧାନ ନାଇତ ଖଣିର ଧାନ ଦୋ ଉସୁଆଁ ହେଇ ଖିଆ ହେଉଥିଲା କାଣ୍ଡି ବୋଳ ଚାଉଳ।

କାଣ୍ଡି କ'ଣ ଜାଣିଛୁ? ହେଇବା ତୁ ଟା ପକ୍କା ସହରୀ ମଣିଷ ପ୍ରାୟେ କଥା କହୁଛୁ! କାଣ୍ଡି ଜାଣିମୁ ତ ଶଳା ତୋ ଛାତିରେ ଦମ୍ କାଇଁ ଚଷାପୁଅ କହିବାକୁ?

ଏବକୁ ଅବଶ୍ୟ ଆଉ କାଣ୍ଡି କେଉଁଠି ଦୃଶ୍ୟ ହେଉ ନାହିଁ। ଗୋଡରେ ମାଡିମକଚି ପାଳରେ ହାଁ ତିନି ମାହାଲ ଉଚ୍ଚା ଗମ୍ବୁଜ ପରିକା ତିଆରି ହଉଥିଲା ପାଳଘର। ତାରି ଭିତରେ କେଇ ଟ୍ରକର ଧାନ ପଶିଯିବ! ଧେତ୍ ବର୍ଷା, ବାତ୍ୟା କୁ କେଉଁ ଡରୁଥିଲାକି କାଣ୍ଡିଘର। ଧୁ ଧୁ ବର୍ଷାରେ ଟୋପେ ପାଣି ପସିପାରେ ନି। ସେମିତି ପ୍ରକୃତିର ଦାନ ପାଳକୁଟାରେ ଧାନ ଆରାମରେ ରହୁଥିଲା। ବଡ ଜେଜେ ପା ସିଡି ଲଗାଇ କାଣ୍ଡିର ମଥାନ ଭାଙ୍ଗି ଧାନ କାଢ଼ି ପୁଣି ମଥାନ ଭିଡୁଥିଲେ। ହଁ ଏତ ଗଲା ଅମାର ଘର, କାଣ୍ଡିଘର କଥା। ତା ବାଦବି ଯଦି ଭଲ ଅମଳ ହୋଇ ବଳି ପଡୁଥିଲା ଧାନ ତ ଅଗଣା ନାଇତ ଦାଣ୍ଡରେ ଖଣି ଖୋଳାହୋଇ ସେହି ପାଳରେ ତିଆରି ହଉଥିଲା ଧାନ ସୁରକ୍ଷାର ବଳୟ ମାଟି ଭିତରେ। ଆଃ ପୁରୁଣା ଖଣି ଧାନର ଯେଉଁ ଚାଉଳ ଆଉ ତା ପଖାଳ! ସେ ବାସ୍ନା ଆଉ କାହିଁ? ହେଇ ପା ଚିରୁଡାଏ ଶୁଖୁଆ ପୋଡାରେ ଦୁଇ କଂସା ପଖାଳ ପେଟକୁ ଶୁନ୍ୟରେ ଟାଣି ନଉ ଥିଲା।

ଏବେ ହେଇ ଦେଖ୍ ଛତରଖିଆ ପରି ଆମେ ବଜାର ଚାଉଳ ଖାଉଛୁ। କୁହ ତୃପ୍ତି ଅଛି? ବାସି ପଖାଳ ପା ଗନ୍ଧଉଛି। ଶଢ଼ିଗଲା ମୁଷା ପ୍ରାୟ ଗନ୍ଧ। ଛି ଛି........।

ହଁ ତତେ କହୁଁ ନଥିଲି ପୋତାନଈ ମାନେ ସ୍ୱାଇଁ ପରିବାର ନାମ ଡାକ। ବ୍ରାହ୍ମଣ, ବାରିକ ପାଖ ଗାଁର ବର୍ଷିକିଆ ଲଗାଣ ରେ ବେଳ ଅବେଳରେ କାମକୁ, ନାଇତ ପୁରା ଖଣ୍ଡେଇତ ଗାଁ ଟା ପା ଆଉ ସମସ୍ତେ ଚାଷି।

ହଁ ଶୁଣ, ଏଇ ରାଧୁ ସ୍ୱାଇଁ ପାଂଚ ଭାଇକୁ ପାଂଚ ମାଇପେ। ପୁଲେ ଛୁଆପିଲା। ପାତର ଅନ୍ତର ନାହିଁ ମନୋମାଳିନ୍ୟ ନଥିଲା। ରାଧୁ ସ୍ୱାଇଁ ଜାହା କହିବ ସେଇଟା ବେଦର ଗାର। ଝିଅ ବାହା ଘର ହେଉକି ପୁଅ ବାହାଘର ହେଉ ନାଇତ ବ୍ରତ ଘର ସବୁଠି ସାନ ହାତରେ ଚାବିକାଠି। କେଉଁଠି କାର ମନ ଉଣା ନଥିଲା। ବଡଙ୍କୁ ମାନ୍ୟ ଥିଲା ଆଉ ସାନଙ୍କୁ ସ୍ନେହ ଓ ଶାସନ।

ହଁ ତତେ କହୁଁ ନଥିଲି ରାଧୁ ସ୍ୱାଇଁ ଘର ଅମାର ଭର୍ତ୍ତି ଧାନ। ପାଖ ଗାଁରେ କରଜ ଦିଆ ହୁଏ। ଆର ସନ୍ କୁ ସୁଧମୁଳ ମିଶାଇ ସାନ ଆଉ ସବା ବଡ ଭାଇ ଅସୁଲି ଆଣନ୍ତି। କେଉଁଠି କେଁ ବାହାରିଲେ ପାଞ୍ଚ ହାତିଆ ଠେଙ୍ଗା ଉଁଚାଇ ଧାଇଁ ଯାଏ ରାଧୁ ସ୍ୱାଇଁ। ସେ କଣ ଶଗଡ ଚଢୁଥିଲା କି! ସେଇ ବିଲେ ବିଲେ ଧାଉଁଥିଲା ଯେମନ୍ତ ଗୋଟେ ଝଡ ନାଇତ ପାରଦୀପ ସମୁଦ୍ର ଆଡୁ ମାଡି ଆସୁଥିବା ଅରଣା ମଇଁଷି ପ୍ରାୟେ କଳା ମେଘ।

ହେଇ ଶୁଣ- ହେଇ ସେଇ ଯେଉଁଟା ବେଂଟ ପୋଖରୀ ଥିଲା କଳା ଘୁମର ପାଣି, ତାରି ପାଖକୁ ଲାଗି ଗାଁ ଟାଏ ।ରହ ରହ ଗାଁ ନାଁଟା ପାଟିରେ ପଇଟୁ ନାହିଁ। ସେଇ ଚଷା ଗାଁ। ତିନି ବର୍ଷର କରଜ ଧାନ ଶୁଝିଲେ ନାହିଁ। ସେଦିନ ସାନ ଭାଇ ଯାଇ ଫେରି ଆସିଲା। କହିଲା - ସେମାନେ ମେଳି କରି ଭଗାଇ ଦେଲେ। ଧାଇଁ ଆସୁଥିଲେ ମାଡ ମାରିବାକୁ।

ରାଧୁ ସ୍ୱାଇଁ ଖାଇ ବସିଥିଲା ବାରଣ୍ଡାରେ। ହାଁ ଟାଏ କରି ବେଲାଟାକୁ ଫୋପାଡିଲା ଦୁଆରକୁ। ହୁଁକାର ଛାଡିଲା ମୋ ଭାଇ ଉପରେ ହାତ ଉଠାଇ ଧାଇଁ ଆସିବାର ସାହାସ କଲା କିଏ ବେ? ଆମେ ପା ପାଂଚଞ୍ଚ ଭାଇ ନାଗଫେଣି କଂଟାର ଗଛ। କୁହ ବେ କିଏ ହାତ ଲଗାଇଲା?

ତା ଆର ଦିନ ସୁରୁଜ ଉଇଁଛି କି ନାଇ ବଳଦ ଯୋଚି ଶଗଡ ଗଡିଲା। ତିନି ଭାଇ ଶଗଡରେ ଅଖା ନେଇକି ବାହାରିଗଲେ ଆଉ ବିଲରେ ଠେଙ୍ଗା ଧରି ଧାଇଁଲା ରାଧୁ ସ୍ୱାଇଁ।

ହେଲେ ସେଇ ଜାଣ ଗୋଟେ ବିପଦ ଯେମିତି ଠିଆ ହେଇଥିଲା ବିଲରେ। କରଜଖିଆ ଜଗି ରହିଥିଲେ। ସେମାନେ ଜାଣନ୍ତି ରାଧୁ ସ୍ୱାଇଁ ଗଡିବତ ବିଲହୁଡା ଦେଇ। ଲଗାଇ ଦେଲେ ଶାବଳରେ ଗୋଟେ ପାହାର ମୁଣ୍ଡକୁ।

ସେତେବେଳକୁ ଧାନ ଅମଳ ସମୟ। ପାଞ୍ଚଭାଇଙ୍କ ପାରିଲାପୁଅ, ଚାକର ବାକର ହେଇ ଅଠର ହେଲେଣି ପା। ଧାଇଁ ଆସି ଉଠାଇ ନେଲେ ଛ ଫୁଟର ବପୁବାନ ମଣିଷକୁ। ବାରଣ୍ଡାରେ ଅଚେତ୍ ଶୋଇଥିଲା ରାଧୁ ସ୍ୱାଇଁ। ରକ୍ତ ଯେ ରକ୍ତ ଯେମିତି ଘରଟା ଫାଟି ପଡୁଥିଲା ଆଇଁଷ ଗନ୍ଧରେ। *(କ୍ରମଶଃ)*

## ସାଧାରଣ ନିର୍ବାଚନ -୨୦୨୪

# ସୁବର୍ଣ୍ଣପୁରରେ ରାଜନୀତି ମାହୋଲ ସରଗରମ

**ସୁବର୍ଣ୍ଣପୁର,(ଉଗ୍ରସେନ କର୍ମୀ):** ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଏବେ ସରଗରମ ରାଜ୍ୟ ରାଜନୀତି। ଏହାସହ ବଲାଙ୍ଗିର ଲୋକସଭା ଅଧୀନରେ ଥିବା ସୁବର୍ଣ୍ଣପୁର ଜିଲ୍ଲାର ରାଜନୀତି ମଧ୍ୟ ବେଶ ସରଗରମ। ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଓ ବୀରମହାରାଜପୁର ଦୁଇଟି ବିଧାନସଭା ଆସନରେ ହେବ ନିର୍ବାଚନ। ରାଜ୍ୟରେ ନିର୍ବାଚନ ତାରିଖ ଘୋଷଣା ହେବାପରେ ମେ ୨୦ ତାରିଖରେ ହେବ ବଲାଙ୍ଗିର ଲୋକସଭା ନିର୍ବାଚନ ସହ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନ। ତେବେ ଏବେ ନିର୍ବାଚନ ଚର୍ଚ୍ଚା ତା ଛତିରୁ ପରିବା ବଜାର ଯାଏ ବେଶ ଜୋର ଧରୁଛି। କିଏ ହେବେ କେଉଁ ଦଳର ପ୍ରାର୍ଥୀ। କାହାକୁ ଲୋକେ ପ୍ରିୟ ଜନପ୍ରତିନିଧି ଭାବେ ପସନ୍ଦ କରିବେ। କେଉଁ ଦଳ ଏଥର ଯୁବନେତାଙ୍କୁ ଟିକେଟ ଦେବ। କିଏ କେଉଁ ପ୍ରସଙ୍ଗ ନେଇ ରାଜନୀତି ମଇଦାନରେ ଓହ୍ଲାଇବେ। କିଏ କେଉଁ ପ୍ରସଙ୍ଗ ନେଇ ଭୋଟର ପାଖକୁ ଯିବେ ଏହାକୁ ନେଇ ବେଶ ଚର୍ଚ୍ଚା। ତେବେ ଶୁଣାଯାଏ ଏଥର ବଦଳିବ ସୋନପୁର ରାଜନୀତିର ଚିତ୍ର। ମୈଦାନରେ ପ୍ରସ୍ତୁତ ହେଉଛନ୍ତି ଯୁବନେତା। ସୁବର୍ଣ୍ଣପୁରର ଦୁଇଟି ନିର୍ବାଚନ ମଣ୍ଡଳୀରେ ଅନେକ ସ୍ଥାନରେ ଯୁବନେତା ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବାର ଚିତ୍ର ସାମ୍ନାକୁ ଆସିଲାଣି। ରୋଜଗାର ଓ କୃଷି ଭଳି ମୁଦ୍ଦାକୁ ନେଇ ନିର୍ବାଚନ ମୈଦାନକୁ ଓହ୍ଲେଇବା ପାଇଁ ପ୍ରସ୍ତୁତ ହେଉଛନ୍ତି ମହିଳା ନେତ୍ରୀ ସୋନାଲି ବିଶି। ୨୦୦୯ରୁ ସୋନପୁର ନିର୍ବାଚନ ମଣ୍ଡଳୀରୁ ଲଗାତାର ବିଧାୟକ ରହି ଲୋକଙ୍କ ସେବାରେ ଅନେକ ଜନହିତକର କାର୍ଯ୍ୟ କରି ଲୋକଙ୍କ ମନୋବଳ ଜିତିଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ବିଜେଡି ପକ୍ଷରୁ ଏଥର ଟିକଟ ପାଇ ପୁଣି ମଇଦାନକୁ ଓହ୍ଲାଇବା ସୁନିଶ୍ଚିତ ବୋଲି ଶୁଣାଯାଏ। ସେହିପରି ବିଜେପିରୁ ପ୍ରମୋଦ ମହାପାତ୍ର, ଅଶୋକ ପୁଝାରୀ, ସାନନ୍ଦ ମେହେର ଆଶାୟୀ ପ୍ରାର୍ଥୀ ଥିବାବେଳେ କଂଗ୍ରେସରୁ ଯୁବ ନେତା ପ୍ରିୟବ୍ରତ ସାହୁ ପ୍ରାର୍ଥୀ ହେଉ ଥିବା ଶୁଣିବାକୁ ମିଳେ। ସେହିପରି ଜିଲ୍ଲାର ବୀରମହାରାଜପୁର ବିଧାନସଭା ଆସନରେ ୨୦୦୯ରୁ ପଦ୍ମନାଭ ବେହେରା ବିଜେଡି ବିଧାୟକ ରହି ଆସିଥିବା ବେଳେ ଏବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ବିଜେଡି ଟିକଟ ପାଇଁ ଆଶାୟୀ ଭାବେ ସଂଗଠନକୁ ମଜଭୁତ କରୁଥିବା ଶୁଣାଯାଏ। ସେହିପରି ବିଜେପିରୁ ଆଶାୟୀ ପ୍ରାର୍ଥୀ ଭାବେ ରଘୁନାଥ ଜଗଦଲା, ଆନନ୍ଦ ବାରିକ, ବଳରାମ ସୁନା ପ୍ରମୁଖ ନିଜ ନିଜ ଗଡ଼ ସଜାଡ଼ିବାରେ ବ୍ୟସ୍ତ ରହିବା ସହ କଂଗ୍ରେସରୁ ବିନୋଦ ପାତ୍ର କଂଗ୍ରେସ ପ୍ରାର୍ଥୀ ଭାବେ ଆଗଧାଡ଼ିରେ ରହିଥିବା ଶୁଣିବାକୁ ମିଳେ। ତେବେ ଦେଖିବାକୁ ବାକି ରହିଲା ଉଭୟ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ କେଉଁ ଦଳ କାହାକୁ ଟିକେଟ ଦେଉଛି ଓ ପ୍ରାର୍ଥୀ ମାନେ କେଉଁ ଭଳି ରାଜନୀତି ମଇଦାନକୁ ଓହ୍ଲାଇବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରମ୍ଭରୁ ...

ପରିଚାଳନା କରିବାକୁ ସହଜ ଆପ୍ଲିକେସନ୍, ଯାହା ସଚେତନ ନାଗରିକମାନଙ୍କୁ ଜିଲ୍ଲା ନିୟନ୍ତ୍ରଣ କକ୍ଷ, ରିଟର୍ଣ୍ଣିଂ ଅଫିସର ଏବଂ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ସହିତ ସଂଯୋଗ କରେ। ଏହି ଆପ୍ ବ୍ୟବହାର କରି ନାଗରିକମାନେ କିଛି ମିନିଟ୍ ମଧ୍ୟରେ ଏବଂ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନଯାଇ ରାଜନୈତିକ ଅସଦାଚରଣ ଘଟଣା ସମ୍ପର୍କରେ ତୁରନ୍ତ ରିପୋର୍ଟ କରିପାରିବେ। ସିଭିଜିଲ୍ ଆପ୍‌ରେ ଅଭିଯୋଗ ପଠାଯିବା ମାତ୍ରେ ଅଭିଯୋଗକାରୀଙ୍କୁ ଏକ ୟୁନିକ୍ ଆଇଡି ମିଳିବ, ଯାହା ଜରିଆରେ ବ୍ୟକ୍ତି ଜଣକ ନିଜ ମୋବାଇଲରେ ଅଭିଯୋଗ ଟ୍ରାକ୍ କରିପାରିବେ। ଏକାସାଙ୍ଗରେ କାର୍ଯ୍ୟ କରୁଥିବା କାରକଗୁଡ଼ିକର ଏକ ତ୍ରିକୋଣ ସିଭିଜିଲକୁ ସଫଳ କରିଥାଏ। ଉପଭୋକ୍ତାମାନେ ରିୟଲ ଟାଇମରେ ଅଡିଓ, ଫଟୋ କିମ୍ବା ଭିଡିଓ ସଂଗ୍ରହ କରନ୍ତି ଏବଂ ଅଭିଯୋଗର ସମୟବଦ୍ଧ ପ୍ରତିକ୍ରିୟା ପାଇଁ "୧୦୦ ମିନିଟ୍" କାଉଣ୍ଟଡାଉନ୍ ସୁନିଶ୍ଚିତ କରାଯାଏ। ଆଚରଣ ବିଧି ଉଲ୍ଲଂଘନ ବିଷୟରେ ଜଣାଇବା ପାଇଁ ଉପଭୋକ୍ତା ସିଭିଜିଲରେ ସେମାନଙ୍କ କ୍ୟାମେରା ଅନ୍ କରିବା ମାତ୍ରେ ଏହି ଆପ୍ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ଜିଓ-ଟ୍ୟାଗିଂ ଫିଚର୍ ସକ୍ଷମ କରିଥାଏ। ଏହାର ଅର୍ଥ ହେଉଛି ଫ୍ଲାଇଂ ସ୍କ୍ୱାଡ୍ ରିପୋର୍ଟ ହୋଇଥିବା ଉଲ୍ଲଂଘନର ସଠିକ ସ୍ଥାନ ଜାଣିପାରିବ ଏବଂ ନାଗରିକଙ୍କ ଦ୍ୱାରା ନିଆଯାଇଥିବା ଫଟୋକୁ ଅଦାଲତରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ। ନାଗରିକମାନେ ବେନାମୀ ଭାବେ ମଧ୍ୟ ଅଭିଯୋଗ ଜଣାଇପାରିବେ। ପ୍ରଯୁକ୍ତିର ଉପଯୋଗ କରିବା ଏବଂ ଭୋଟର ଏବଂ ରାଜନୈତିକ ଦଳଗୁଡ଼ିକର ସୁବିଧା ପାଇଁ ଆୟୋଗ ଦ୍ୱାରା ନିର୍ମିତ ଆପ୍ ଗୁଡ଼ିକ ମଧ୍ୟରୁ ଏହି ଆପ୍ ଅନ୍ୟତମ।

### ଜୀବନ ...

ଏଥିପାଇଁ ଦାୟୀ। ଏହାସହ ଆଜିକାଲି ଅଧିକାଂଶ ଲୋକ ଶାରୀରିକ ପରିଶ୍ରମ କରୁନାହାନ୍ତି। ଯାହା ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଯେଉଁ ବ୍ୟକ୍ତିର ରକ୍ତଚାପ ସିଷ୍ଟୋଲିକ୍ ପ୍ରେସର୍ ୧୩୦ରୁ ୧୩୯ ଓ ଡାୟୋଷ୍ଟୋଲିକ୍ ପ୍ରେସର୍ ୮୦ରୁ ୮୯ ଭିତରେ ରହୁଛି। ସେ ପ୍ରାକ୍ ହାଇପରଟେନ୍ସନରେ ପୀଡ଼ିତ। ଏହାସହିତ ବରା, ପିଆଜି, ଫାଷ୍ଟଫୁଡ, ସୋଡିୟମ କ୍ଲୋରାଇଡ ଯୁକ୍ତ ପ୍ରକ୍ରିୟାକୃତ ଖାଦ୍ୟ ଏସବୁ ରୋଗର କାରଣ ବନୁଛି। ସୁସ୍ଥ ଜୀବନ ପାଇଁ ଜଣେ ବ୍ୟକ୍ତି ଦିନ ଭିତରେ ମାତ୍ର ୫ ମିଲିଗ୍ରାମ ବା ଗୋଟିଏ ଚା ଚାମୁଚ ପରିମାଣର ଲୁଣ ଖାଇବା ଦରକାର। କିନ୍ତୁ ଆଜିକାଲି ଦିନ ଭିତରେ ୧୫ ମଲିଗ୍ରାମ ଲୁଣ ଲୋକେ ଖାଉଛନ୍ତି। ଯେଉଁଥିପାଇଁ ସାମାନ୍ୟ ମାନସିକ ଚାପଗ୍ରସ୍ତ ହେଲେ ରକ୍ତଚାପରେ ପୀଡ଼ିତ ହେଉଛନ୍ତି। ଏପରି ଲାଇଫଷ୍ଟାଇଲ୍‌କୁ ବଦଳାଇବାକୁ ପଡ଼ିବ। ସ୍କୁଲ ପିଲାମାନେ ବାହାରକୁ ଆସିଲେ ଆଜିନୋମୋଟୋ ମିଶ୍ରିତ ଖାଦ୍ୟ ସହିତ ବଜାରରେ ମିଳୁଥିବା ଅସନ୍ତୁଳିତ ଖାଦ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି। ଏସବୁ ଖାଦ୍ୟ ଶରୀରରେ କୋମରବିଡିଟି ବୃଦ୍ଧି କରିବାରେ ସହାୟକ ହେଉଛି। ରକ୍ତଚାପ ସହିତ ଭାରତରେ ଦିନକୁ ଦିନ ବଢ଼ୁଛି ମଧୁମେହ ରୋଗୀଙ୍କ ସଂଖ୍ୟା। ଗୋଟିଏ ପରିସଂଖ୍ୟାନରୁ ଜଣାପଡ଼ିଛି ଦେଶର ୭୦ ପ୍ରତିଶତ ଲୋକ ଏହି ରୋଗରେ ପୀଡ଼ିତ। ଯାହାକି ସ୍ଲୋ ପଏଜନ୍ ପରି ଜୀବନ ନେଉଛି।

### ପାଣ୍ଡିଆନଙ୍କ ...

୩ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ଓସା ଆବାହକ ପ୍ରକାଶ ଦାସ। କେବଳ ଏତିକି ନୁହେଁ, ରାଜ୍ୟରେ ବେଆଇନ୍ ଭାବେ ମୁଷ୍ଟିମେୟ ଅଧିକାରୀଙ୍କ ଦ୍ୱାରା ଚାଟାର୍ଜ ଫ୍ଲାଇଟ୍ ବା ପ୍ରାଇଭେଟ ଜେଟର ବ୍ୟାପକ ଅପବ୍ୟବହାର ହୋଇଥିବା ଏବଂ ଏଥିଯୋଗୁଁ ୫୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ଅଭିଯୋଗ କରିଛି ରାଜ୍ୟ ସୂଚନା ଅଧିକାର ଅଭିଯାନ। ସଂସଦୀୟ ବ୍ୟାପାର ବିଭାଗର ତଥ୍ୟ ଅନୁଯାୟୀ, ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ହେଲିକପ୍ଟର ଭଡ଼ା ବାବଦରେ ୫୨ କୋଟି ୧୮ ଲକ୍ଷ ୩୪ ହଜାର ୫୨୯ ଟଙ୍କା ଖର୍ଚ୍ଚ ହୋଇଛି। ଏଥିସହ ଚାଟାର୍ଡ ଫ୍ଲାଇଟ୍ ଭଡ଼ାରେ ଯୋଗାଉଥିବା ସଂସ୍ଥା ୨୦୧୯ ଠାରୁ ଏବେ ସୁଦ୍ଧା ୫୦ କୋଟି ୯୫ ଲକ୍ଷ ୨୧ ହଜାର ୪୫୦ ଟଙ୍କା ନେଇଛନ୍ତି। କେଉଁ ଅଧିକାରୀ କେଉଁ କାର୍ଯ୍ୟ ପାଇଁ ହେଲିକପ୍ଟର ଓ ଚାଟାର୍ଡ ଫ୍ଲାଇଟର ବ୍ୟବହାର କରିଛନ୍ତି, ସର୍ବସାଧାରଣରେ ତାହାର ତଥ୍ୟ ପ୍ରକାଶ କରାଯାଉ ବୋଲି ଦାବି କରିଛି ଓଡ଼ିଶା ସୂଚନା ଅଧିକାର ଅଭିଯାନ।

### ଭୋଟ୍ ପୂର୍ବରୁ ...

ଏପରିକି ସୁପ୍ରିମକୋର୍ଟ ମଧ୍ୟ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏବଂ ଏହି ଦାବିକୁ ପ୍ରମାଣିତ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ନିର୍ଣ୍ଣାୟକ ପ୍ରମାଣ ସାମ୍ନାକୁ ଆସିନାହିଁ। କିନ୍ତୁ ଭାରତରେ ଏପ୍ରିଲ ୧୯ରୁ ଆରମ୍ଭ ହେବାକୁ ଥିବା ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ରାହୁଲ ଗାନ୍ଧୀ ନିର୍ବାଚନ ଜାଲିଆତିର ସମ୍ଭାବନାକୁ ଗୁରୁତ୍ୱ ଦେଇଛନ୍ତି। ଦୀର୍ଘ ପଦଯାତ୍ରାରେ ଥିବା କଂଗ୍ରେସ ନେତା ଦାବି କରୁଛନ୍ତି ଯେ ୧୯୯୦ ଦଶକର ଶେଷ ଭାଗ ପର୍ଯ୍ୟନ୍ତ ନିର୍ବାଚନରେ ବ୍ୟବହୃତ ହେଉଥିବା କାଗଜ ବାଲଟକୁ ଭାରତକୁ ଫେରାଇ ଅଣାଯାଉ। ସେହି ଦାବିକୁ ଗତ ସପ୍ତାହରେ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଥିଲେ। ନିର୍ବାଚନ ଆୟୋଗ ଏହାକୁ ଏକ ପଛୁଆ ପ୍ରସ୍ତାବ ବୋଲି କହିଛନ୍ତି। ତଥାପି କଂଗ୍ରେସ ଏବଂ ଏହାର ସମର୍ଥକଙ୍କ ଦାବି ଦୂର ହେଉନାହିଁ। କଂଗ୍ରେସ ନେତା ଦିଗବିଜୟ ସିଂହ ମେସିନ୍ ବିରୋଧରେ ନିରନ୍ତର ଅଭିଯାନ ଚଳାଇଛନ୍ତି। କାଗଜ ବାଲାଟକୁ ଫେରାଇ ଆଣିବା ପାଇଁ ଦାବି କରୁଥିବା ଦେଶର ବିରୋଧୀ ଦଳ ଏବଂ ଅଣଲାଭକାରୀ ସଂସ୍ଥାଗୁଡ଼ିକର ସମାଲୋଚକଙ୍କ ଏକ ଗୋଷ୍ଠୀର ସେ ନେତୃତ୍ୱ ନେଉଛନ୍ତି। ସେହିପରି ଯୁବ ଦଳିତ ଶିକ୍ଷାବିତ୍ ରିତୁ ସିଂହ ୟୁଟ୍ୟୁବ୍, ଏକ୍ସ ଏବଂ ଇନଷ୍ଟାଗ୍ରାମରେ ନିଜର ମନ୍ତବ୍ୟ, ଭାଷଣ ଏବଂ ଭିଡିଓ ମାଧ୍ୟମରେ ଭାଇରାଲ ହେବାରେ ଲାଗିଛନ୍ତି, ଯେଉଁଥିରେ ସେ ଅଭିଯୋଗ କରିଛନ୍ତି ଯେ ଇଭିଏମ୍ ଦ୍ୱାରା ଭାରତୀୟ ଗଣତନ୍ତ୍ର ବିପଦରେ ପଡ଼ିଛି। ଝାଡ଼ଖଣ୍ଡର ଗ୍ରୀଗୋରି ଏକ୍କା କହିଛନ୍ତି, ଆମେ ସମସ୍ତେ କଂଗ୍ରେସକୁ ଭୋଟ୍ ଦେଇଥାଉ, କିନ୍ତୁ ଆମର ଭୋଟ୍ କୁଆଡ଼େ ଯାଉଛି ତାହା ଆମେ ଜାଣିନାହୁଁ। ଇଭିଏମ୍ ନ ଯିବା ପର୍ଯ୍ୟନ୍ତ ବିଜେପି କ୍ଷମତାରେ ରହିବ। ଇଭିଏମ୍ ଉପରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ନିର୍ବାଚନ ଆୟୋଗ ୨୦୧୩ରେ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ ବା ଭିଭିପିଏଟି ପ୍ରଚଳନ କରିଥିଲେ, ଯାହା ଏକ କାଗଜର ସ୍ଲିପ୍ ଯାହା ଭୋଟରଙ୍କୁ ୭ ସେକେଣ୍ଡ ପର୍ଯ୍ୟନ୍ତ ଦୃଶ୍ୟମାନ ହୁଏ ଏବଂ ଏହା ଭୋଟିଂ ମେସିନ୍ ପାଖରେ ରଖାଯାଇଥିବା ବକ୍ସରେ ରହିଯାଏ। କାଗଜପତ୍ରରେ ଜଣେ ଭୋଟର ଯାଞ୍ଚ କରିପାରିବେ ଯେ ତାଙ୍କର ମତଦାନ ସଠିକ୍ ଭାବେ ରେକର୍ଡ ହୋଇଛି କି ନାହିଁ। ୨୦୧୭ ମସିହାରେ ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଥିଲେ ଯେ, ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ହାତଗଣତି ମତଦାନ କେନ୍ଦ୍ରରେ ଭିଭିପିଏଟି ସ୍ଲିପରେ ଭୋଟ୍ ଗଣତି କରାଯିବ। କଂଗ୍ରେସ ଓ ଅନ୍ୟ କେତେକ ବିରୋଧୀ ଦଳ ଏବେ ଦେଶର ସମସ୍ତ ମତଦାନ କେନ୍ଦ୍ରରେ ଭିଭିପିଏଟି ସ୍ଲିପ୍ ଗଣତି କରିବାକୁ ଦାବି କରୁଛନ୍ତି। କିନ୍ତୁ ବରିଷ୍ଠ ନିର୍ବାଚନ ଅଧିକାରୀ ଏବଂ ସ୍ୱାଧୀନ ବିଶ୍ଳେଷକମାନେ କହିଛନ୍ତି ଯେ ଇଭିଏମର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇବାରେ ବିରୋଧୀ ଭୁଲ କରୁଛନ୍ତି। ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସୱାଇ କୁରେଶୀ କହିଛନ୍ତି ଯେ ସେ ନିଶ୍ଚିତ ଯେ କୌଣସି ନିର୍ବାଚନରେ ଜାଲିଆତି "ଇଭିଏମ ମାଧ୍ୟମରେ" ହୋଇପାରିବ ନାହିଁ। ନିର୍ବାଚନ ଆୟୋଜନ କରୁଥିବା ଏକ ସ୍ୱାଧୀନ ସଂସ୍ଥା ଭାବରେ ନିର୍ବାଚନ କମିଶନଙ୍କ ଉପରେ ବିଶ୍ୱାସ ପୁନଃ ସ୍ଥାପନ କରିବା ପାଇଁ ସେ ଭିଭିପିଏଟି ସ୍ଲିପ୍ ଗଣନାକୁ ସମର୍ଥନ କରନ୍ତି ବୋଲି ସେ କହିଛନ୍ତି। ଏପରିକି ଯଦି ଇଭିଏମ୍ ଗଣତି ସହ ମେଳ ଖାଇବା ପାଇଁ ଏହି ଭିଭିପିଏଟି ସ୍ଲିପ୍ ଗଣନା କରିବାକୁ ଅଧିକ ଦିନ ଲାଗିଯାଏ, ତେବେ ଏହା କରାଯିବା ଉଚିତ।

### ଅକାଳ ...

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ.ସତ୍ୟ ନନ୍ଦଙ୍କ କହିବା କଥା, ବାଲିବନ୍ଧା, ବୀଣାଖଣ୍ଡୀ ଓ ସଡ଼କଘାଟ ଠାରେ ମହାନଦୀରେ ସିଧାସଳଖ ମିଶୁଛି ଆବର୍ଜନା ପାଣି। ହୀରାକୁଦ ଡ୍ୟାମରେ ମିଶୁଛି ଶିଳ୍ପାନୁଷ୍ଠାନର ପ୍ରଦୂଷିତ ଜଳ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ନଦୀଧାର ସଙ୍କୁଚିତ ହେବା ସହ ପ୍ରଦୂଷଣ ସ୍ଥିତି ଆହୁରି ସଙ୍ଗୀନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଖାଲି ସମ୍ବଲପୁର କାହିଁକି, ବୌଦ୍ଧର ଚିତ୍ର ବି କିଛି କମ୍ ବିକଳ ନୁହେଁ। ନଦୀ କୂଳରେ କୁଢ଼ କୁଢ଼ ଆବର୍ଜନା। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁ ମହାନଦୀ ପ୍ରତି ବିପଦ ସୃଷ୍ଟି କରିଛି। ବୌଦ୍ଧ ସହରର ନର୍ଦ୍ଦମା ପାଣି ନଦୀକୁ ନିଷ୍କାସନ ହେବା ଫଳରେ ପ୍ରଦୂଷଣର ମାତ୍ରା ଗମ୍ଭୀର ହେବାରେ ଲାଗିଥିବା ଅଭିଯୋଗ ହୋଇଛି। ମାଛ ଓ ଚିଙ୍ଗୁଡ଼ି ମାରିବା ପାଇଁ ମହାନଦୀରେ ନିୟମିତ ବ୍ଲାଷ୍ଟିଂ ଓ କୀଟନାଶକ ବ୍ୟବହାର ଫଳରେ ବହୁ ପ୍ରଜାତିର ମାଛ ଲୋପ ପାଇବାକୁ ବସିଲେଣି।

### ଦେଶରେ ...

ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଥାଉ କି, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍‌ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍‌ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍‌ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍‌ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍‌ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

### 'ପାପ ଶକ୍ତି ...

ଓଡ଼ିଆଙ୍କ ଅସ୍ମିତା କ'ଣ? ଅସ୍ମିତା ହେଉଛି ଆମେ ଯାହାକୁ ନେଇ ଗର୍ବ ଅନୁଭବ କରିବା କଥା। ଯେଉଁଠି ଉତ୍କଳ କେଶରୀ ହରେକୃଷ୍ଣ ମହାତବଙ୍କୁ ହରେକୃଷ୍ଣ ମହାନ୍ତି କୁହାଯାଉଛି, ସେଠି ଆଉ କେତେ କେତେ ଜଣଙ୍କ ନାଁ କହିବି? ତା'ହେଲେ ସେ ଭାଷା ସମ୍ମିଳନୀର ମାନେ କ'ଣ ଅଛି? ଯେଉଁଠି ଭାଷଣ ପଢ଼ିଲା ବେଳେ 'କାନ୍ତକବି' 'କଣ୍ଟକବି' ହେଇଯାଉଛି। ସେହି ସବୁ ସମ୍ମିଳନୀର ଉଦ୍ଦେଶ୍ୟ କ'ଣ? ଆମର ମନିଷୀ ଓ ସାହିତ୍ୟିକଙ୍କୁ କ'ଣ ତାଚ୍ଛଲ୍ୟ କରିବା? ଦୁଇ ଦିନ ତଳେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ-ବେସିକ ସାଇନ୍ସ ରାସ୍ତାରେ ଗଲା ବେଳେ ଦେଖିଲି କିଛି ପ୍ରତିମୂର୍ତ୍ତି। ସେହି ପ୍ରତିମୂର୍ତ୍ତି ଚାରି ପାର୍ଶ୍ୱ ଅଳିଆ ଆବର୍ଜନା ଓ ଘାସରେ ଭର୍ତ୍ତି ହୋଇଛି। ମୂର୍ତ୍ତି ବସାଇଦେଇ ତା' ତଳେ ନିଜ ନାଁ ଲେଖି ଦେବାଟା କ'ଣ ଓଡ଼ିଆ ଅସ୍ମିତା? ଏସବୁ ପୁଞ୍ଜିଭୂତ କ୍ରୋଧ ଓଡ଼ିଶାବାସୀଙ୍କ ମନରେ ରହିଛି ବୋଲି ଶ୍ରୀ ମହତାବ କହିଛନ୍ତି। ସେ ପୁଣି ଥରେ ବିଜେଡି ବିରୋଧରେ ଗର୍ଜିଛନ୍ତି। ଭର୍ତ୍ତୃହରି ମହତାବ କହିଛନ୍ତି, ଗୋଟିଏ ଆଞ୍ଚଳିକ ଦଳ ସାମୁହିକ ଉତ୍ତର ଦାୟିତ୍ୱରେ ଚାଲୁଥିଲା। ୨୦୦୪ ପରଠାରୁ ତାହା ଦୁଇ ଜଣଙ୍କ ଭିତରେ ସୀମିତ ହୋଇଗଲା। ୨୦୧୯ରେ ଯିଏ ନେତା ଥିଲେ, ସିଏ ନେତା ହୋଇ ଆଉ ଦଳ ସଞ୍ଚାଳନ କଲେନି। ଆଜି ନିଷ୍ପତ୍ତି ଆଉ ଜଣେ ତାଙ୍କର କା' ହିସାବରେ କରୁଛନ୍ତି। ସେଠି ଆଉ ଦଳ କାହିଁ? ସେଇଟା ଜଣତନ୍ତ୍ର ହୋଇଗଲା। ଜଣତନ୍ତ୍ରରେ ମତ ପ୍ରକାଶ କରିବାର କୌଣସି ସୁଯୋଗ ନାହିଁ। ଭିନ୍ନ ମତର କୌଣସି ସମ୍ମାନ ନାହିଁ। ଆଉ ତା'ହେଲେ ଗଣତନ୍ତ୍ର କ'ଣ? କେବଳ କିଛି ଟଙ୍କା ଫୋପାଡି, ଯିଏ ଭାବୁଛନ୍ତି ଆମର ସଂଖ୍ୟା ବଢୁଛି, ତାର ପରୀକ୍ଷା ଏହି ନିର୍ବାଚନରେ ହୋଇଯିବ ବୋଲି ମହତାବ କହିଛନ୍ତି।


### ନଚେତ୍ ...

ସମସ୍ତ ପ୍ରକାର ଯାବତୀୟ କାର୍ଯ୍ୟ ପାଇଁ କାଣିଗୁମା ଗ୍ରାମ ପଞ୍ଚାୟତ ଉପରେ ନିର୍ଭର କରିବାକୁ ପଡିଥାଏ। ଯେତେବେଳେ କି ଏହି ଗୁଞ୍ଜିଗୁଡା ଗ୍ରାମ ଠାରୁ ମାତ୍ର ୩କ:ମି ଦୂରରେ ଗୋପାଳପୁର ଗ୍ରାମ ପଞ୍ଚାୟତ ଅବସ୍ଥିତ। ଫଳରେ ସମସ୍ତ ପ୍ରକାର ଯୋଜନାର ହିତାଧିକାରୀ ମାନେ ଖରା ବର୍ଷା କାକର ସହି କାଣିଗୁମାକୁ ଯାତାୟତ କରିବାକୁ ବହୁତ ଅସୁବିଧାର ସମ୍ମୁଖିନ ହୋଇ ଥାଆନ୍ତି। ଗ୍ରାମବାସୀ ଜିଲ୍ଲା ଅଧିକାରୀ ତଥା ପ୍ରଶାସକକୁ ବାରମ୍ବାର ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାରଙ୍କୁ ଆବେଦନ କରିଛନ୍ତି। ଗ୍ରାମବାସୀ ଦାବି କରିଛନ୍ତି ଯେ, ତାଙ୍କ ଗ୍ରାମ ଗୁଞ୍ଜିଗୁଡା କୁ କାଣିଗୁମା ଠାରୁ ବିଛିନ୍ନ କରି ୩କି:ମି ଦୂରତାରେ ଥିବା ଗୋପାଳପୁର ପଞ୍ଚାୟତ ସହିତ ସଂଲଗ୍ନ କରି ସମସ୍ତ ପ୍ରକାର ଯୋଜନାର ସୁବିଧା ଯୋଗାଇ ଦେବାକୁ। ଯଦି ଏଥିରେ ସରକାର ଓ ଜିଲ୍ଲା ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଆଗାମୀ ସାଧାରଣ ନିର୍ବାଚନକୁ ଗ୍ରାମବାସୀ ବର୍ଜନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀ ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ଦାବିପତ୍ର ଦେଇଥିଲେ ତାହାର ଜବାବ୍ ମୁଖ୍ୟମନ୍ତ୍ରୀଙ୍କ ଚିଠି ନଂ ୪୫୯୯/ ୧୨.୩.୨୦୨୪ରେ ଦେଇଛନ୍ତି। ତାକୁ ନେଇ ଗ୍ରାମବାସୀ ମଧ୍ୟରେ ପ୍ରତିକ୍ରିୟା ଦେଖାଯାଇଛି। ଗ୍ରାମବାସୀ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଗୁଞ୍ଜିଗୁଡା ଗ୍ରାମବାସୀଙ୍କ ଦାବି ପ୍ରସଙ୍ଗକୁ ସମ୍ବେଦନଶୀଳ ମନେ କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଗଣତନ୍ତ୍ରର ...

ଯୁବଗୋଷ୍ଠୀ ଓ ଦିବ୍ୟାଙ୍ଗମାନେ ପରିଚାଳନା କରିବେ। ସେହିପରି ଅନ୍ୟୁନ ୧୦% ସଖୀ ବୁଥ୍ ପ୍ରତିଷ୍ଠା କରାଯିବ, ଯାହାକୁ କେବଳ ମହିଳା କର୍ମଚାରୀମାନେ ପରିଚାଳନା କରିବେ। ଆଗାମୀ ନିର୍ବାଚନରେ ମହିଳା ଭୋଟର୍ମାନେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିବା ବେଳେ ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ଉତ୍ସାହଜନକ ରହିଛି। ରାଜ୍ୟରେ କ୍ରମାଗତ ଭାବେ ପୁରୁଷ-ମହିଳା ଭୋଟର ତାରତମ୍ୟ ହ୍ରାସ ପାଇବାରେ ଲାଗିଛି। ୨୦୨୪ ଭୋଟର ତାଲିକା ଅନୁସାରେ ରାଜ୍ୟରେ ପ୍ରତି ୧ ହଜାର ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟର୍ଙ୍କ ସଂଖ୍ୟା ହେଉଛି ୯୭୨। ୨୦୨୩ରେ ଏହି ସଂଖ୍ୟା ୯୬୧ ଥିବା ବେଳେ ୨୦୧୯ରେ ୯୪୬ ଓ ୨୦୧୪ରେ ୯୨୨ ରହିଥିଲା। ୨୦୨୯ ଓ ୨୦୨୪ ମଧ୍ୟରେ ଲିଙ୍ଗଗତ ତାରତମ୍ୟ ୩୬ ପଏଣ୍ଟ ହ୍ରାସ ପାଇଛି। ତେବେ ନୂଆ ଭୋଟର୍ ତାଲିକା ଅନୁସାରେ, ରାଜ୍ୟର ୪୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ରାଜ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧.୬୮କୋଟି ଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ହେଉଛି ୧.୬୪ କୋଟି। ୧୮-୧୯ ବର୍ଷ ମଧ୍ୟରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୭.୫୫ ଲକ୍ଷ ଥିବା ବେଳେ ସେଥିରୁ ମହିଳାଙ୍କ ସଂଖ୍ୟା ହେଉଛି ୩.୪ ଲକ୍ଷ। ଗତବର୍ଷ ଅକ୍ଟୋବର ୨୭ ତାରିଖ ପରେ ଓଡ଼ିଶାରେ ୧୮-୧୯ବର୍ଷ ମଧ୍ୟରେ ୪.୭ଲକ୍ଷ ନୂଆ ଭୋଟର୍ ଯୋଡ଼ି ହୋଇଛନ୍ତି। ଏହି ବର୍ଗର ଭୋଟରଙ୍କ ମଧ୍ୟରେ ପୁରୁଷ ଓ ମହିଳା ଅନୁପାତ ୭୩୯ରୁ ୮୩୭କୁ ବୃଦ୍ଧି ପାଇଛି।

# 'କଳାକାର ଥିବା ଯାଏ ମଞ୍ଚ ବଞ୍ଚିଥିବ'



**ନବରଙ୍ଗପୁର :** ନବରଙ୍ଗପୁର ସହର ସ୍ଥିତ ସାଇ କଲ୍ୟାଣ ମଣ୍ଡପ ଠାରେ ତ୍ରିଧାରା ନାଟ୍ୟ ସଂଘ ଦ୍ୱାରା ବିଶ୍ୱ ନାଟ୍ୟ ଦିବସ -୨୦୨୪ ବଡ ଉତ୍ସାହ ସହକାରେ ପାଳନ ହୋଇ ଯାଇଛି। ନାଟ୍ୟ ସଂଘ ସଂପାଦକ ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକର ପ୍ରାରମ୍ଭରେ ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ଗଜାନନଙ୍କ ମୂର୍ତ୍ତୀ ନିକଟରେ ପୂଜାର୍ଚ୍ଚନା କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଓଡ଼ିଶା ରାଜସ୍ୱ ଅମଲା ସଂଘ ର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଯୋଗଦାନ ପୂର୍ବକ କହିଥିଲେ ଯେ କଳାକାର ବଞ୍ଚିଥିବା ଯାଏ ମଞ୍ଚ ବଞ୍ଚି ରହିଥିବ। ମଞ୍ଚ ଓ କଳାକାର ପରସ୍ପର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କେବେ ବି ଦୁହେଁ ଅଲଗା ହୋଇ ପାରିବେ ନାହିଁ। କେବଳ ମଞ୍ଚ ରେ ନିଖୁଣ ଅଭିନୟ ପ୍ରଦର୍ଶନ କରିଦେଲେ ଜଣେ ସଫଳ କଳାକାର ହୋଇପାରିବ ନାହିଁ, ବରଂ ଯଦି ଜଣେ ସଫଳ କଳାକାର ହେବାକୁ ହେଲେ ନିଜ ଅଭିନୟ ସହିତ ସାଥି କଳାକାର ଏବଂ ନାଟକ ସହିତ ନାଟକର ଆନୁସଙ୍ଗିକ ବ୍ୟବସ୍ଥା ସହିତ ଓତଃପ୍ରୋତ ଭାବେ ଜଡିତ ହେଲେ ହିଁ ଗୋଟିଏ ନାଟକ ସଫଳ ହେବ ବୋଲି ମତବ୍ୟକ୍ତ କରିଥିଲେ। ଆଲୋଚକ ଏବଂ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଦିଲ୍ଲୀପ ହୋତା ଉପସ୍ଥିତ ରହି ଏକ ସଫଳ କଳାକାରର ବହୁ ମୁଖି ପ୍ରତିଭା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନାଟ୍ୟକାର ଗୋକୁଳ ଖାଡଙ୍ଗା ଅନ୍ୟତମ ଆଲୋଚକ ଭାବେ ମଞ୍ଚାସିନ ହୋଇ ମଞ୍ଚକୁ ଯୁବ କଳାକାରଙ୍କ ଆବଶ୍ୟକତା ଉପରେ ଆଲୋଚନା ପୂର୍ବକ ଧ୍ୟାନ ଆକର୍ଷଣ କରିଥିଲେ। ଅନ୍ୟତମ ବରିଷ୍ଠ ମଞ୍ଚ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁରେଶ ମହାନ୍ତି ତାଙ୍କ ଆଲୋଚନା ରେ କଳାକାର ହେଉଛନ୍ତି ଶାନ୍ତିର ପ୍ରତୀକ। ଶାନ୍ତି ରଖିବାରେ କଳାକାର ମୁଖ୍ୟ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। କଣ୍ଠଶିଳ୍ପୀ ମନୋଜ ମହାରଣା, ଆକାଶବାଣୀ ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ସୁରେଶ ମିଶ୍ର, ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଲକ୍ଷ୍ମୀ ସିଂ, ପ୍ରଭାସିନୀ ମହାନ୍ତି, ଜିଲ୍ଲା ଜରୁରୀକାଳୀନ ବିଭାଗ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ ପ୍ରମୁଖ ମଞ୍ଚ ଏବଂ ମଞ୍ଚ ନାଟକକୁ ବଞ୍ଚାଇ ରଖିବା ପାଇଁ ଅନେକ ଉପାଦେୟ ବାର୍ତ୍ତା ରଖିବା ସହିତ ନିୟମିତ ଅଭ୍ୟାସ ସହ ଯୁବବର୍ଗଙ୍କୁ ସାମିଲ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଅଭିନେତ୍ରୀ ପ୍ରକାଶିନି ଚୌଧୁରୀଙ୍କ ଏକକ ଅଭିନୟ ସଭାସ୍ଥଳ କୁ ସ୍ତବ୍ଧ କରିଦେଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ପାଢି, ରଘୁନାଥ ରଥ, ନିରଞ୍ଜନ ବିଶ୍ୱାଳ, ସଂଜିବ ସିଂ, ଟେଲି ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ରିତେଶ ପୂଜାରୀ, ରାମକୃଷ୍ଣ ପାତ୍ର, ହିମାଂଶୁ ସିଂ, ନାରାୟଣ ମିଶ୍ର , ମିନି ପାଢ଼ୀ ସହିତ ଅନେକ କଳାକାର ଏକତ୍ରିତ ହୋଇଥିଲେ। ଦେବି ପ୍ରସାଦ ତ୍ରିପାଠୀ ମଞ୍ଚ ପରି ଚାଳନା କରିଥିବା ବେଳେ ଶିବ ଶଙ୍କର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋଳଯାତ୍ରା, ହୋଲିପର୍ବ ସହିତ ମା'ମଙ୍ଗଳାଙ୍କ ପାଳି ଯାତ୍ରା ଆରମ୍ଭ



**ଅସ୍ତରଙ୍ଗ:** ଫଗୁ ଦଶମୀରୁ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ। ଶାସ୍ତ୍ର ମତରେ ଏହାକୁ ବସନ୍ତୋତ୍ସବ, ମଦନୋତ୍ସବ ଓ ଦୋଳୋତ୍ସବ ମଧ୍ୟ କୁହାଯାଏ।ଠାକୁର ସିଂହାସନରୁ ଆସି ଘର ଘର ବୁଲି ଭୋଗ ଖାଉଥିବାରୁ ଏହାକୁ ଦ୍ୱାରୀଭୋଗ କୁହାଯାଏ। ସାଧାରଣତଃ ଓଡ଼ିଶାରେ ପୂର୍ଣ୍ଣିମା ପରଦିନ ହୋଲି ଉତ୍ସବ ପାଳନ କରାଯାଏ। କାଁ ଭାଁ କେତେକ ସ୍ଥାନରେ ଛୋଟକାଟିଆ ଗଣ୍ଡଗୋଳ ଓ ଅଘଟଣକୁ ଛାଡିଦେଲେ କାକଟପୁର ଥାନା ଅଞ୍ଚଳରେ ପୋଲିସ ପ୍ରଶାସନର ସତର୍କତା ଯୋଗୁଁ ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ହୋଲି ପର୍ବ ପାଳିତ ହୋଇଯାଇଛି। ଚଳିତ ବର୍ଷ କାକଟପୁର ମା'ମଙ୍ଗଳାଙ୍କ ଚୈତ୍ର ପର୍ବ ପ୍ରଥମ ମଙ୍ଗଳବାର ହୋଲି ପଡୁଥିବାରୁ ଏହି ପାଳିଯାତ୍ରାର ବିଶେଷତ୍ୱ ବଢ଼ିଯାଇଛି। ସୋମବାର ରାତ୍ର ୧.୩୦ମି.ରୁ ମା'ଙ୍କ ନୀତି କାନ୍ତି ଆରମ୍ଭ ହୋଇ ମଙ୍ଗଳବାର ଭୋର ୫.୩୦ ମି.ରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ସାହାଣମେଳା ଆରମ୍ଭ ହୋଇଥିବା ମନ୍ଦିର ପରିଚାଳନା କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶଙ୍କ ଠାରୁ ପ୍ରକାଶ। ଯେଉଁ ଶ୍ରଦ୍ଧାଳୁମାନେ ମା'ଙ୍କ ପାଞ୍ଚପାଳି ବ୍ରତ ପାଳନ କରନ୍ତି, ସେମାନେ ହୋଲି ରଙ୍ଗରୁ ନିଜକୁ ଦୂରେଇ ରଖିବା ପାଇଁ ରାତି ୪ଘ.ରୁ ଆସି ମା'ଙ୍କ ଦର୍ଶନ ପାଇଁ ଧାଡ଼ିରେ ଠିଆ ହୋଇଥିବାର ଦେଖିବାକୁ ମିଳିଥିଲା। ସହସ୍ରାଧିକ ଭକ୍ତଙ୍କ ସମାଗମ ହେବାର ପୂର୍ବାନୁମାନକୁ ଦେଖି ମନ୍ଦିର ପ୍ରଶାସନ ସେବକ ସମିତି, ଟ୍ରଷ୍ଟ ବୋର୍ଡ ଓ କାକଟପୁର ପୋଲିସ ପକ୍ଷରୁ ଆଇନଶୃଙ୍ଖଳାକୁ କଡାକଡି କରିଥିଲେ। ମନ୍ଦିର ମଧ୍ୟରେ କିନ୍ତୁ ପ୍ରସ୍ତୁତି ବୈଠକରେ ନିଆଯାଇଥିବା କେତେକ ନିଷ୍ପତ୍ତିର ଖିଲାପ ହେବା ଫଳରେ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ହୋଲି ଯୋଗୁଁ ମଧ୍ୟାହ୍ନ ସମୟରେ ଶ୍ରଦ୍ଧାଳୁଙ୍କ ଭିଡ ପ୍ରାୟ ପରିଲକ୍ଷିତ ହୋଇ ନଥିବା ବେଳେ ଅପରାହ୍ନରେ ଦର୍ଶନ ପାଇଁ ପ୍ରବଳ ଭାବରେ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟା ସମୟରେ ମଙ୍ଗଳା ଛକରେ ଟ୍ରାଫିକ କଂଟ୍ରୋଲ କରିବାରେ ପୋଲିସର ବିଫଳତା ନିଜସ୍ୱ ଯାନରେ ଦୂରଦୁରାନ୍ତରୁ ଆସିଥିବା ଭକ୍ତ ମାନଙ୍କୁ ବ୍ୟଥିତ କରିଥିଲା।

# ଆମ ଆଦମି ପାର୍ଟି ପକ୍ଷରୁ ସାମୂହିକ ଉପବାସ ପ୍ରତିବାଦ



**ସୁବର୍ଣ୍ଣପୁର :** ଗତ ଗୁରୁବାର ଦିନ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ମୁଖ୍ୟ ଛକରେ ଏକ ଦିବସୀୟ ସାମୁହିକ ଉପବାସ ଧାରଣା ଦିଆଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଆମ ଆଦମୀ ପାର୍ଟି ର ବୀରମହାରାଜପୁର ବିଧାନସଭା ମଣ୍ଡଳୀ ତରଫରୁ ଏକଦିବସୀୟ ସାମୁହିକ ଉପବାସ ସହ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଭାରତ ବର୍ଷରେ ମୋଦି ସରକାର ସମ୍ବିଧାନ ଏବଂ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଧୂଳିସାତ କରି ବିରୋଧି ଦଳର ନେତାମାନଙ୍କୁ ମିଥ୍ୟା କେସରେ ସିବିଆଇ, ଇଡି, ଆଇଟି ସଂସ୍ଥାଗୁଡିକ ଦ୍ୱାରା ଜେଲ୍ ପଠାଇ ନିରଙ୍କୁଶ ଭାବରେ ଶାସନ କରିବାକୁ ଚାହୁଁ ଅଛି। ବିଜେପି ଶାସିତ ରାଜ୍ୟ, ବିଜେପିର ମିତ୍ର ଦଳ ଦ୍ୱାରା ଶାସିତ ରାଜ୍ୟ ଏବଂ କେନ୍ଦ୍ରର ମୋଦି ସରକାର ବ୍ୟାପକ ଦୁର୍ନିତୀ ଏବଂ ଅନ୍ୟାୟରେ ଲିପ୍ତ ଥିବାର ପ୍ରମାଣ ଥିଲେ ମଧ୍ୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଆଖି ବନ୍ଦ କରି ଦେଉଛି। ମାତ୍ର ବିରୋଧି ଦଳ ଶାସିତ ରାଜ୍ୟ ଏବଂ ବିରୋଧୀ ଦଳର ନେତାମାନଙ୍କ ଉପରେ ମୋଦି ସରକାର ଆଇନର ଦୁରୁପଯୋଗ କରି ଆତଙ୍କରାଜ ଚଳାଇଛନ୍ତି। ସବୁଠାରୁ ବଡ଼ ବିରୋଧୀ ଦଳ କଂଗ୍ରେସର ନିର୍ବାଚନ ସମୟରେ ବ୍ୟାଙ୍କ ଖାତାକୁ ଜବତ କରିବା, ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଦିଲ୍ଲୀର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ନିର୍ବାଚନୀ ପ୍ରଚାରରୁ ବଞ୍ଚିତ କରିବା ପାଇଁ ମିଥ୍ୟା ଅଭିଯୋଗରେ ଜେଲ୍ ପଠାଇବା, ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ସଞ୍ଜୟ ସିଂ, ଉପମୁଖ୍ୟ ମନ୍ତ୍ରୀ ମନିଷ ସିଶୋଦିଆ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍‌ୟେନ୍ଦ୍ର ଜେନ୍‌ଙ୍କୁ ଇଡି ମାଧ୍ୟମରେ ଗିରଫ କରିବା, ରାଜ୍ୟପାଳଙ୍କ ମାଧ୍ୟମରେ ପଞ୍ଜାବ, ତାମିଲନାଡୁ, କେରଳ ଓ କର୍ଣ୍ଣାଟକରେ ନିର୍ବାଚିତ ସରକାର ଦ୍ୱାରା ପାରିତ ବିଲଗୁଡିକୁ ସ୍ୱୀକୃତି ନଦେବା, ନିର୍ବାଚନ ଆୟୋଗ ନିଯୁକ୍ତି ପ୍ରକ୍ରିୟାକୁ ସରକାରଙ୍କ ଅଧିନରେ ରଖିବା ଏବଂ ଏହାକୁ ନିରପେକ୍ଷ ହେବାରୁ ବଞ୍ଚିତ କରିବା ଦିଲ୍ଲୀ ଏବଂ ଚଣ୍ଡିଗଡ ମେୟର ନିର୍ବାଚନରେ ଖୋଲାଖୋଲି ଭାବରେ ବିଜେପିକୁ ଜିତାଇବା ପାଇଁ ପ୍ରଶାସନିକ ଷଡ଼ଯନ୍ତ୍ର କରିବା, ସର୍ବୋପରି ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଚାନ୍ଦା ଆଦାୟ କରିବା ଆଦି ଉଭୟ ସମ୍ବିଧାନ ଓ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିଛି। ତେଣୁ ସମ୍ବିଧାନର ସୁରକ୍ଷା ପାଇଁ, ଗଣତାନ୍ତ୍ରକୁ ବଞ୍ଚାଇବା ପାଇଁ ଏବଂ ଅରବିନ୍ଦ କେଜ୍ରିୱାଲଙ୍କୁ ମିଥ୍ୟା ମାମଲାରେ ଜେଲ୍ ପଠାଇବାକୁ ବିରୋଧ କରି ଆପ୍‌ର ସଦସ୍ୟ, ସମର୍ଥକ ଏବଂ ଗଣତନ୍ତ୍ର ପ୍ରେମୀ ଜନସାଧାରଣ ଏହି ସାମୁହିକ ଉପବାସ ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଜିଲ୍ଲା ସଭାପତି ସୁରେଶ କଲତା, ଉପ ସଭାପତି ପୃଥ୍ୱୀରାଜ ଜଗଦଲା, ଜିଲ୍ଲା ସମ୍ପାଦକ ରଞ୍ଜନ ବଗର୍ତ୍ତୀ, ମାଧବ ମହାକୁର, ଘନଶ୍ୟାମ ଭୋଇ, ସୁଦାମ କୁଅର ପ୍ରମୁଖ ଯୋଗଦେଇଥିଲେ।

# ଆଦିବାସୀଙ୍କ ଭାତହାଣ୍ଡି 'ମହୁଲ'



ପ୍ରେମାନନ୍ଦ ପାଣିଗ୍ରାହୀ





ଜଙ୍ଗଲର ପ୍ରାକୃତିକ ପରିବେଶରେ ବସବାସ କରୁଥିବା ଓଡିଶାର ପ୍ରାୟ ୬୨ ପ୍ରକାର ଆଦିବାସୀ ଶହଶହ ବର୍ଷ ଧରି ସେମାନଙ୍କର ଜୀବନଧାରଣ ପାଇଁ ଆବଶ୍ୟକୀୟ ଉପାଦାନ ଜଙ୍ଗଲରୁ ହିଁ ସଂଗ୍ରହ କରିଥାନ୍ତି। ଜଙ୍ଗଲରୁ ମିଳୁଥିବା ଋତୁକାଳୀନ ଶସ୍ୟ ଓ ଫଳ ସେମାନଙ୍କ ଆତ୍ମ ନିର୍ଭରଶୀଳତାର ପ୍ରମୁଖ ମାଧ୍ୟମ। ବଣଜଙ୍ଗଲରୁ ଝୁଣା, ଲାଖ, ମହୁ, ଆମ୍ବ, ପଣସ, ତେନ୍ତୁଳି, ଟସର, କେନ୍ଦୁ, ଶାଳପତ୍ର, ବାହାଡା, ହରିଡା, ଅଁଳା, କୁସୁମ,ଚାର ପ୍ରଭୃତି ଦ୍ରବ୍ୟକୁ ବ୍ୟବହାର ଓ ବିକ୍ରି କରି ସେମାନେ ସାଧାରଣ ଜୀବନଯାପନ କରିଥାନ୍ତି। ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟଗୁଡିକ ମଧ୍ୟରେ ମହୁଲ ଫୁଲ ଆଦିବାସୀଙ୍କର ଏକ ପ୍ରମୁଖ ବନଜାତ ଦ୍ରବ୍ୟ। ସେମାନଙ୍କ ଜୀବନ କହିଲେ ମହୁଲ। ମହୁଲ ଗଛ ସହିତ ଆଦିବାସୀ ଜୀବନର ସମ୍ପର୍କ ଯୁଗଯୁଗର। ମହୁଲର ଫୁଲ, ଫଳ, ମଞ୍ଜି, ସବୁ କାମରେ ଆସେ। ମହୁଲ ଗଛରୁ ସଂଗୃହିତ କାଠକୁ ଜାଳେଣି ଅଭାବ ଦୂର କରନ୍ତି ସେମାନେ। ମହୁଲର ଅନ୍ୟ ନାମ ହେଉଛି ମହୁଆ। ଉଦ୍ଭିଦ ବିଜ୍ଞାନରେ ମହୁଲକୁ ମଧୁକାଲୋଙ୍ଗି ଫୋଲିଆ କୁହାଯାଇଥାଏ। ଇଂରାଜୀରେ ଏହାକୁ ହନି ଟ୍ରି, ହିନ୍ଦିରେ ମହୁଆ କୁହାଯାଏ। ଓଡିଶା, ଛତିଶଗଡ, ମଧ୍ୟପ୍ରଦେଶ, ଝାଡଖଣ୍ଡ, ବିହାର, କେରଳ, ଗୁଜୁରାଟ, ଉତ୍ତରପ୍ରଦେଶ ଆଦି ରାଜ୍ୟର ଜଙ୍ଗଲରେ ମହୁଲ ଗଛ ଦେଖିବାକୁ ମିଳିଥାଏ। ରାଜ୍ୟର ପଶ୍ଚିମ, ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପଶ୍ଚିମ ଓଡିଶାରେ ଗରୀବଙ୍କ ମୁଖ୍ୟ ଆୟ ମହୁଲ ଫୁଲ।

ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ, ବିବାହ ଠାରୁ ଶବ ସତ୍କାର ପର୍ଯ୍ୟନ୍ତ ମହୁଲର ପ୍ରତିଟି ଉତ୍ପାଦ ଆଦିବାସୀ ପରମ୍ପରାରେ ଆବଶ୍ୟକ ହୋଇଥାଏ। ମହୁଲ ଗଛକୁ ଦେବୀ ଦୁର୍ଗାଙ୍କ ସ୍ୱରୂପ ଭାବରେ ଦେବୀ ଭାଗବତରେ ବର୍ଣ୍ଣନା କରାଯାଇଛି। ବାର ମାସରେ ବିଶେଷ ପ୍ରକାର ଭୋଗ ଅର୍ପଣ କରି ମହୁଲ ଗଛକୁ ପୂଜା କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ କରାଯାଏ। ବୈଶାଖ ମାସରେ ମହୁଲ ଗଛ ମୂଳରେ ଗୁଡ,ଜ୍ୟେଷ୍ଠ ମାସରେ ମହୁ,ଆଷାଢ ମାସରେ ଲହୁଣି, ଭାଦ୍ରବ ମାସରେ ଖିରି, କାର୍ତ୍ତିକରେ ଦୁଗ୍ଧ, ମାର୍ଗଶୀରରେ ଫେଣି, ପୌଷ ମାସରେ ଲସି, ମାଘ ମାସରେ ଗୋଘୃତ, ଫାଲଗୁନରେ ନଡିଆ ଓ ଚୈତ୍ର ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିରେ ପାଞ୍ଚ ପ୍ରକାର ବ୍ୟଞ୍ଜନ ଭୋଗ ଲଗାଇ ବାର ମାସ ପୂଜା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି।

ମହୁଲ ଗଛ ତିନି ବର୍ଷର ହେଲେ ଫୁଲ ଫୁଟିବା ଆରମ୍ଭ କରିଥାଏ। ଫୁଲ ଫୁଟିବା ପୂର୍ବରୁ ପ୍ରତି ବର୍ଷ ଫେବୃଆରୀ ଠାରୁ ଅପ୍ରେଲ ମଧ୍ୟରେ ପୁରୁଣା ପତ୍ରସବୁ ଝଡିଯାଏ ଓ ମହୁଲ ଗଛରେ ଫୁଲ ଫୁଟେ। ପାହାନ୍ତା ପହରରେ ଗଛରୁ ଟପ୍‌ଟପ୍ ମହୁଲ ପଡିବା ଆରମ୍ଭ କରେ। ମହୁଲ ଫୁଲର ମତୁଆଲା ବାସ୍ନାରେ ବଣମୂଳକ ପୂରି ଉଠେ। ଖରା ଟାଣ ହେଉହେଉ ମହୁଲ ଫୁଲ ପଡି ସବୁଜ ଭୂଇଁ ବି ଧବଳ ବର୍ଣ୍ଣ ଧାରଣ କରିଥାଏ। ଏହି ଫୁଲକୁ ଗୋଟାଇବା ପାଇଁ ଆଦିବାସୀ ଯୁବକ, ଯୁବତୀ, ବୁଢାବୁଢୀ ସହଳ ସହଳ ଉଠି ଡାଲା,ଟୋକେଇ ଧରି ଚାଲିଯାଆନ୍ତି ମହୁଲ ଗଛ ମୂଳକୁ। ପିଲାମାନେ ମଧ୍ୟ ମା,ବାପାଙ୍କ ସହ ଜଙ୍ଗଲକୁ ଯାଇ ମହୁଲ ସଂଗ୍ରହ କରନ୍ତି। ଜଙ୍ଗଲରେ ଥିବା ମହୁଲ ଗଛଗୁଡିକ କାହାର ତାହା ପୂର୍ବ ପୁରୁଷରୁ ନିର୍ଦ୍ଧାରିତ ହୋଇଥାଏ। କେତେକ ସାରା ଦିନ ପାଇଁ ଖାଇବା ଦ୍ରବ୍ୟ ନେଇ ପରିବାର ସହ ମହୂଲ ସଂଗ୍ରହ କରନ୍ତି।

ମହୁଲ ଫୁଲକୁ ଖରାରେ କିଛିଦିନ ଶୁଖାଇ ବିକ୍ରି ଯୋଗ୍ୟ କରାଯାଏ। କେତେକ ଅଞ୍ଚଳରେ ମହୁଲ ସିଝା ଓ ମହୁଲ ଭଜା ଖାଦ୍ୟ ଭାବେ ବ୍ୟବହୃତ ହୁଏ। ଘରୋଇ ବ୍ୟବହାର ପାଇଁ କିଛି ମହୁଲ ଘରେ ସାଇତି ରଖି ଆଦିବାସୀମାନେ ଅବଶିଷ୍ଟ ମହୁଲ ଫୁଲକୁ ତେଲ,ଲୁଣ ସଂସାର ପାଇଁ ବିକ୍ରି କରିଥାନ୍ତି। ମହୁଲ ଗଛର ଫଳକୁ ଟୋଲ କୁହାଯାଏ। ଏହା କଞ୍ଚା ଅବସ୍ଥାରେ ତରକାରୀ ଭାବେ ବ୍ୟବହାର କରାଯାଏ। ଜୁନ ବେଳକୁ ଟୋଲ ପାଚେ। ସେଥିରୁ ବଡବଡ ମଞ୍ଜି ବାହାରେ। ମଞ୍ଜିଗୁଡିକ ଫାଳ କରି ଖରାରେ ଶୁଖାଇ ତଥା ଘଣାରେ ପେଡି ତେଲ ବାହାର କରାଯାଏ। ଏହି ତେଲ ବେଶ ସୁସ୍ୱାଦୁ ଓ ରନ୍ଧନ ଉପଯୋଗୀ ହୋଇଥାଏ। ପିଡିଆକୁ ଗୋଖାଦ୍ୟ ଓ ଜାଳେଣି ଭାବେ ବ୍ୟବହାର କରାଯାଏ। ଗ୍ରାମାଞ୍ଚଳର ତୃଣମୂଳ ସ୍ତରରେ ଅର୍ଥନୈତିକ ପୁଞ୍ଜି ପାଇଁ ମହୁଲର ଭୂମିକା ସ୍ୱତନ୍ତ୍ର। ମହୁଲରୁ କମ୍ ଆୟ ହେଉଥିଲେ ମଧ୍ୟ ଏହା ପରିବାର ପୋଷଣରେ ସହାୟକ ହୋଇଥାଏ। ଯଦି ଜଣକ ବାଡିରେ ଚାରି ପାଞ୍ଚଟା ମହୁଲ ଗଛ ଥାଏ ତେବେ ସେ ଆଦିବାସୀ ଗାଁର ଜଣେ ସ୍ୱଚ୍ଛଳ ବ୍ୟକ୍ତି ବୋଲି ବିବେଚିତ ହୁଏ।

ମହୁଲ ଫୁଲ କେବଳ ଫୁଲନୁହେଁ; ଏହା ଆଦିବାସୀଙ୍କ ବଞ୍ଚିବାର ସାହାରା। ଦିନରାତି ଲାଗି ପଡି ଯାହା ମହୁଲ ଗୋଟାନ୍ତି ତାକୁ ବିକ୍ରି କରି ପେଟ ପୋଷନ୍ତି। ପ୍ରାୟ ୧୮ଟି ବନଜାତ ସାମଗ୍ରୀ ଯଥା ମହୁଲ, କେନ୍ଦୁପତ୍ର, ଶାଳମନ୍ଦି, ବାଉଁଶ, ଝୁଣା, ଲାଖ, କେନ୍ଦୁ, କରଞ୍ଜ ମଞ୍ଜି, ଗୁଗୁଳ,ପଳାଶ ଫୁଲ ଏବଂ ଝାଡୁ ତିଆରି ପାଇଁ ବୟବହୃତ ହେଉଥିବା ଖାଡି ଉପରେ ସ୍ଥାନୀୟ ଆଦିବାସୀଙ୍କ ଅଧିକାର ରହିଛି। ଲଘୁ ବନଜାତ ଦ୍ରବ୍ୟ ଭାବରେ ମହୁଲ ହେଉଛି ଆମ ଅର୍ଥନୀତିର ପ୍ରମୁଖ ଅଂଶ। ରାଜ୍ୟର ସମୁଦାୟ ଆୟରେ ଏକ ବଡ ଯୋଗଦାନ ରହିଛି ମହୁଲର। ସଂଗ୍ରହକାରୀଙ୍କ ଶ୍ରମ ଓ ଦାନ ଏଥିରେ ଥାଏ। ତେବେ ରାଜ୍ୟର ଏକ ପ୍ରମୁଖ ଲଘୁବନଜାତ ଦ୍ରବ୍ୟ ଭାବେ ଜଣାଶୁଣା ମହୁଲ ଏବେ ଅଭାବ ବିକ୍ରି ସମସ୍ୟାରେ ସମ୍ମୁଖୀନ ହୁଏ। ମହୁଲ ପାଇଁ ସ୍ୱତନ୍ତ୍ର ବଜାର କି ମଣ୍ଡିର ବ୍ୟବସ୍ଥା ନଥିବା ବେଳେ ସରକାର ବି ଏହାର ମୂଲ୍ୟ ଧାର୍ଯ୍ୟ କରୁନଥିବାରୁ ଅଭାବୀ ବିକ୍ରି ସୃଷ୍ଟି ହୋଇଥାଏ। ପୂର୍ବରୁ ଏହାକୁ ରାଜ୍ୟ ଆଦିବାସୀ ଉନ୍ନୟନ ନିଗମ କିଣି ନେଉଥିଲା। ରାଜ୍ୟ ସରକାର ୨୦୦୦ ମସିହାରେ ମହୁଲ ବ୍ୟବସାୟର ନିୟନ୍ତ୍ରଣ ଜଙ୍ଗଲ ବିଭାଗରୁ କାଢି ଆଣି ପଞ୍ଚାୟତମାନଙ୍କୁ ଅର୍ପଣ କରିବା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିରେ ସାମିଲ କରିଛନ୍ତି। ୬୮ଟି ବନ୍ୟଜାତ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ପଞ୍ଚାୟତମାନଙ୍କୁ ହସ୍ତାନ୍ତର କରାଯାଇଛି। ମହୁଲ ଫୁଲ କେଜି ପ୍ରତି ସରକାରଙ୍କର ନିର୍ଦ୍ଦିଷ୍ଟ ସର୍ବନିମ୍ନ ମୂଲ୍ୟ ନଥିବାରୁ ଏହା ପଞ୍ଚାୟତ ଦ୍ୱାରା ପ୍ରତ୍ୟେକ ବର୍ଷ ନିର୍ଦ୍ଧାରଣ ହୋଇଥାଏ। ଫଳରେ ପ୍ରତ୍ୟେକ ବର୍ଷ ପଞ୍ଚାୟତର ଅବହେଳା ଓ ମନମାନି ଯୋଗୁଁ ସଂଗ୍ରହକାରୀ ଧାର୍ଯ୍ୟ ଦରରେ ମହୁଲ ବିକ୍ରୟ କରିନପାରି ଶାଗମାଛ ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହୋଇଥାନ୍ତି। ବଜାର ବ୍ୟବସ୍ଥା ନଥିବାରୁ ଆଦିବାସୀମାନେ ବହୁ କଷ୍ଟରେ ସଂଗ୍ରହ କରିଥିବା ମହୁଲର ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ଦଲାଲମାନେ କମ ଟଙ୍କାରେ ଏହାକୁ ସଂଗ୍ରହ କରି ଦୁଇତିନି ଗୁଣା ଉଚ୍ଚ ଦରରେ ବ୍ୟବସାୟୀମାନଙ୍କୁ ବିକ୍ରି କରି ବେଶ୍ ଲାଭବାନ ହେଉଛନ୍ତି। ବାଜରା,ମାଣ୍ଡିଆ ମିଲେଟ ପରି ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ଲଘୁବନଜାତ ଦ୍ରବ୍ୟ ମହୁଲକୁ ସ୍ୱତନ୍ତ୍ର ଭାବେ ବ୍ରାଣ୍ଡିଂ କରାଯାନ୍ତା ତେବେ ଆଦିବାସୀମାନେ ଆର୍ଥିକ ସ୍ୱଚ୍ଛଳ ହୋଇପାରନ୍ତେ। ମାଣ୍ଡିଆ ପରି ସାଧାରଣ ଲୋକଙ୍କ ଖାଦ୍ୟ ତାଲିକାରେ ଏହା ସ୍ଥାନ ପାଇ ପାରନ୍ତା।







ଭୁବନ,ଢେଙ୍କାନାଳ
ଦୂରଭାଷ : ୯୪୩୭୭୨୯୩୮୪









ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କୁ 'କଥା କଳିକା' ପ୍ରଦତ୍ତ ସମ୍ମାନଜନକ 'କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର' ପ୍ରଦାନ।

# 'ମୋଦୀ ଓ ନବୀନ ସରକାରରେ ମହିଳା ଅତ୍ୟାଚାରିତ, ଉପେକ୍ଷିତ ଓ ଅବହେଳିତ'

**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତିଯେ ନବୀନ ଓ ମୋଦୀ ସରକାରରେ ମହିଳା ସଂପୂର୍ଣ୍ଣ ଉପେକ୍ଷିତ, ଅତ୍ୟାଚାରିତ ଓ ଅବହେଳିତ। କଂଗ୍ରେସ ନାରୀର ଅଧିକାର ପାଇଁ ଲଢ଼େଇ ଜାରି ରଖିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମା'କୁ ସମ୍ମାନ ଏକ ଶ୍ଳୋଗାନ ମାତ୍ର। ଏଥିରେ ବାସ୍ତବତା କିଛି ନାହିଁ। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦୀଙ୍କର "ବେଟୀ ବଚାଓ, ବେଟି ପଢ଼ାଓ" ଶ୍ଳୋଗାନ ମଧ୍ୟ ନିରର୍ଥକ। କଂଗ୍ରେସ ଦଳ ନାରୀର ଅଧିକାର ପ୍ରାପ୍ତି ପାଇଁ ପ୍ରତିଶ୍ରୁତି ବଦ୍ଧ। ସେଥିପାଇଁ ଜନନାୟକ ରାହୁଲ ଗାନ୍ଧୀ "ନାରୀ ନ୍ୟାୟ ଗ୍ୟାରେଂଟି" ଘୋଷଣା କରିଛନ୍ତି। ଏହି ଘୋଷଣା କଂଗ୍ରେସ ଦଳର ତଥା କଂଗ୍ରେସ ସଭାପତି ସମ୍ମାନନୀୟ ମଲିକାର୍ଜୁନ ଖାଡ଼ଗେଙ୍କର ନିର୍ଭର ପ୍ରତିଶ୍ରୁତି। ଏହି ଘୋଷଣାକୁ ପୁରପଲ୍ଲୀରେ ପହଂଚାଇବାପାଇଁ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଆମକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତର ଠାରୁ ବୁଥ ସ୍ତର ପର୍ଯ୍ୟନ୍ତ ମହିଳା କଂଗ୍ରେସରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତା ଓ କର୍ମୀମାନେ ନିଷ୍ଠାର ସହ କଂଗ୍ରେସର ଏହି ପ୍ରତିଶ୍ରୁତି ଘରେ ଘରେ ପହଂଚାଇବେ। ପ୍ରତ୍ୟେକ ଗରିବ ପରିବାରର ଜଣେ ମହିଳାଙ୍କୁ ମହାଲକ୍ଷ୍ମୀ ଯୋଜନାରେ ନିଜର କର୍ମସଂସ୍ଥାନ କରିବାପାଇଁ ବର୍ଷକୁ ୧ ଲକ୍ଷ ଟଙ୍କା ଦିଆଯିବ। କେନ୍ଦ୍ର ସରକାରଙ୍କର ନୂତନ ନିଯୁକ୍ତିରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖାଯିବ। ପ୍ରତି ପଂଚାୟତରେ "ଅଧିକାର ମୈତ୍ରୀ"ଙ୍କୁ ନିଯୁକ୍ତି ଦିଆଯିବ ଯେଉଁମାନେକି ମହିଳାମାନଙ୍କୁ ନିଜର ନ୍ୟାୟ ସମ୍ମତ ଅଧିକାର ପ୍ରାପ୍ତି ପାଇଁ ସାହାଯ୍ୟ କରିବେ। ଆଶା, ଅଙ୍ଗନୱାଡ଼ି ଏବଂ ମଧ୍ୟାହ୍ନ ଭୋଜନରେ କାର୍ଯ୍ୟରତ ମହିଳାଙ୍କର ବେତନ ଦ୍ୱିଗୁଣିତ କରିବାପାଇଁ କେନ୍ଦ୍ର ବଜେଟରେ ବ୍ୟବସ୍ଥା କରାଯିବ। ସାବିତ୍ରୀ ବାଇ ଫୁଲେ ହସ୍ଟେଲର ସଂଖ୍ୟାକୁ ଦ୍ୱିଗୁଣିତ କରାଯିବ। ପ୍ରତି ଜିଲ୍ଲାରେ ଅତିକମରେ ଗୋଟିଏ ମହିଳା ହଷ୍ଟେଲ ଖୋଲାଯିବ। ଯଦି କଂଗ୍ରେସ କ୍ଷମତାକୁ ଆସେ ମହିଳା ସଂରକ୍ଷଣ ଆଇନ ତୁରନ୍ତ ଲାଗୁ କରାଯିବ। ଯାହାଦ୍ୱାରାକି ୩୩ ପ୍ରତିଶତ ମହିଳା ଉଭୟ ବିଧାନସଭା ଓ ସଂସଦରେ ପ୍ରତିନିଧିତ୍ୱ କରିବାରେ ସୁଯୋଗ ପାଇବେ। ବିଜେପି ଓ ବିଜେଡ଼ି ମହିଳା ଆଇନ ଆଣିଛନ୍ତି ବୋଲି ଦାବି କରୁଛନ୍ତି ତାକୁ କାହିଁକି କାର୍ଯ୍ୟକାରୀ କଲେ ନାହିଁ? ଏଥିପାଇଁ କିଏ ବାଧା ସୃଷ୍ଟି କରିଛି ଏହାର ଉତର ରଖନ୍ତୁ। ୭୦ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀରେ ସାମିଲ ହୋଇଛନ୍ତି ବୋଲି ସରକାର ଆତ୍ମ ପ୍ରଶଂସା କରୁଛନ୍ତି। ସେମାନଙ୍କର ଆର୍ଥିକ ବିକାଶ ହୋଇଛି ବୋଲି ଦାବି କରୁଛନ୍ତି କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନଙ୍କର ଜଣେ ସ୍ୱୟଂସହାୟକ ମହିଳାର ଆୟ ମାତ୍ର ୧୬ଟଙ୍କା ୬୭ ପଇସା। ଓଡ଼ିଶା ପ୍ରଦେଶ କଂଗ୍ରେସ ରାଜ୍ୟରେ ସରକାର ଗଠନ କଲେ ଗୃହଲକ୍ଷ୍ମୀ ଯୋଜନାରେ ମହିଳାମାନଙ୍କୁ ୫ଶହ ଟଙ୍କାରେ ରନ୍ଧନଗ୍ୟାସ ସିଲିଣ୍ଡର। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ। ମହିଳାଙ୍କୁ ମାସିକ ଭତା ୨୦୦୦ ଏବଂ ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ଭତା ୩୦୦୦ ଟଙ୍କା। ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସବୁ ବ୍ୟାଙ୍କ ଋଣ ଛାଡ଼।

# ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ଗିରିରାଜ ଭୋଇ !

**ବଲାଙ୍ଗୀର :** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ତିନି ଗୋଟି ବ୍ଲକ ପାଟଣାଗଡ଼, ବେଲପଡା ଓ ଖପ୍ରାଖୋଲକୁ ନେଇ ଗଠିତ। ଉପଖଣ୍ଡରେ ବହୁଳ ପରିମାଣରେ ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ବସବାସ କରନ୍ତି। ଏଠାରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ ସହରା (ଶବର), ଗଣ୍ଡ, ବିଂଝାଲ, ମିର୍ଧା, ଦଳ, କନ୍ଧ ଜାତିର ଜନସାଧାରଣ ଅଛନ୍ତି। ଆଦିବାସୀ ଜନସଂଖ୍ୟା ୩୪ ଶତକଡା ବସବାସ କରୁଥିବାବେଳେ ସେହି ହିସାବରେ ଏକ ଲକ୍ଷ ଆଦିବାସୀ ଭୋଟର ମଧ୍ୟ ତାଙ୍କର ଭୋଟ ମତଦାନ ସାବ୍ୟସ୍ତ କରିଥାନ୍ତି। ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ଏତେ ସଂଖ୍ୟାରେ ଆଦିବାସୀ ବସବାସ କରୁଥିବାବେଳେ ବିଗତ ନିର୍ବାଚନ ବର୍ଷରେ କେବଳ ତିନି ଥର ଆଦିବାସୀ ବିଧାୟକ ପ୍ରାର୍ଥୀ ପାଇଁ ସ୍ଥାନ ସଂରକ୍ଷଣ ଥିଲା। ବିଗତ ନିର୍ବାଚନ ମାନଙ୍କରେ ସ୍ୱର୍ଗତ ଗଣେଶ ରାମ ବରିହା, ସ୍ୱର୍ଗତ ଆଶାରାମ ଭୋଇ ଏବଂ ସ୍ୱର୍ଗତ ରମେଶ ଚନ୍ଦ୍ର ସିଂ ଭୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କାଳକ୍ରମେ ରାଜନୀତିର ପାଶାପାଳିରେ ପେଷି ଦେଇ ଶାସନ ଗାଦିରେ ବସିଥିବା ରାଜନେତା ମାନେ ସମ୍ବିଧାନର ଦୁରୁପଯୋଗ କରି ଏହି ନିର୍ବାଚନ ମଣ୍ଡଳୀକୁ ବିଧାୟକ ଆସନ ସାଧାରଣ ବର୍ଗଙ୍କ ପାଇଁ କରିଛନ୍ତି। ଆଦିବାସୀ ମାନେ ତାଙ୍କର ରାଜନୈତିକ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ଅଛନ୍ତି। ଏହି ନିର୍ବାଚନ ମଣ୍ଡଳୀକୁ କ୍ରମାନ୍ୱୟରେ ଆସନ ପରିବର୍ତ୍ତନ କରିବା ପାଇଁ ଦୀର୍ଘ ବର୍ଷରୁ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଦାବୀ କରି ଆସୁଥିଲେ ସୁଦ୍ଧା ଶାସକ ଦଳ ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ଆଦିବାସୀ ମାନଙ୍କୁ ଅଣଦେଖା କରୁଛନ୍ତି, ଯଦ୍ଦ୍ୱାରା ଆଦିବାସୀ ମାନେ ରାଜନୈତିକ ଅଧିକାରରୁ ବଞ୍ଚିତ ଅଛନ୍ତି। ସରକାର ଆଦିବାସୀ ମାନଙ୍କୁ ଭଲ ପାଉଛୁ କହି, ଆଦିବାସୀ ମାନଙ୍କ ସାମୁହିକ ବିକାଶ କରୁଛୁ କହି କେବଳ ଡିଣ୍ଡିମ ପିଟୁଛନ୍ତି। କେଉଁ ସ୍ୱାର୍ଥ ଯୋଗୁଁ ବିଧାନସଭା ବିଧାୟକ ଆସନ ପର୍ଯ୍ୟାୟ କ୍ରମେ ପରିବର୍ତ୍ତନ କରାଯାଉନାହିଁ ବୋଲି ଆଦିବାସୀ ମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ଯଦି ସରକାର ଆଦିବାସୀ ମାନଙ୍କ ସାମୁହିକ ବିକାଶ କରିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାହେଲେ ରାଜନୈତିକ କ୍ଷେତ୍ରରେ କାହିଁକି ବଞ୍ଚିତ କରାଯାଇଛି। ପାଟଣାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷଣ କରିବା ପାଇଁ ଗତ ୧.୦୩.୨୪ରେ ପାଟଣାଗଡ଼ ଗଡଭିତର ସ୍ଥିତ ପାଟଣେଶ୍ୱରୀ ଉତ୍ସବ ଭବନରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ପରିବର୍ତନ ସହ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ଆସନ ଆଦିବାସୀଙ୍କ ପାଇଁ ସଂରକ୍ଷଣ କରିବା ପାଇଁ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରାଯାଇଥିଲା। ଆଦିବାସୀଙ୍କ ଦାବିକୁ ସବୁ କ୍ଷେତ୍ରରେ ଅଣଦେଖା, ଅବହେଳା କରାଯାଉଥିବାରୁ ଚଳିତ ସାଧାରଣ ନିର୍ବାଚନରେ ଆଦିବାସୀ ଜନସାଧାରଣଙ୍କ ସ୍ୱରକୁ ଶାଣିତ କରିବା ପାଇଁ ନୂଆ ଯୁବ ଚେହେରା, ଯୁବ ଆଦିବାସୀ ନେତା ଗିରିରାଜ ଭୋଇ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ଛିଡ଼ା ହେବା ପାଇଁ ସ୍ଥିର କରିଛନ୍ତି। ଶ୍ରୀ ଭୋଇ ଦୀର୍ଘ ବର୍ଷରୁ ସମାଜସେବା କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରିବା ସହ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଆଦିବାସୀ ମାନଙ୍କ ହକ ଅଧିକାର ପାଇବା ପାଇଁ କେତେବେଳେ ରାସ୍ତାରୋକ ଆନ୍ଦୋଳନ, କେତେବେଳେ ବ୍ଲକ କାର୍ଯ୍ୟାଳୟ, କେତେବେଳେ ଉପଜିଲ୍ଲାପାଳ କାର୍ଯ୍ୟାଳୟ,



କେତେବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ, କେତେବେଳେ ଥାନା ଘେରାଓ, କେତେବେଳେ ଆରକ୍ଷୀ ଅଧିକାରୀ କାର୍ଯ୍ୟାଳୟ ଘେରାଓ କରି ପ୍ରଶାସନକୁ ନାକେଦମ କରିଥାନ୍ତି। ଚାଷୀ ଆନ୍ଦୋଳନ ହେଉ ବା ବଲାଙ୍ଗୀର ଠାରୁ ନୂଆପଡ଼ା ଭାୟା ପାଟଣାଗଡ଼ ନୂଆଁ ରେଳ ଲାଇନ ଆନ୍ଦୋଳନରେ ଆଗଧାଡିରେ ରହି ଆନ୍ଦୋଳନକୁ ଶକ୍ତିଶାଳୀ କରିଥାନ୍ତି। ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ଅନେକ ପଦଯାତ୍ରା, କରୋନା ସମୟରେ ଦାଦନ ଶ୍ରମିକ ମାନଙ୍କୁ ସୁରକ୍ଷିତ ଭାବେ ଫେରେଇବା ଦାବୀରେ ଗ୍ରୀଷ୍ମର ୪୫° ସେଲସିଅସରେ ପଦଯାତ୍ରା କରିବା, ସେତୁ ନିର୍ମାଣ ପାଇଁ ଅନେକ ଜଳସତ୍ୟାଗ୍ରହ କରି ଲୋକପ୍ରିୟତା ହାସଲ କରି ପାରିଛନ୍ତି। ସେହିପରି କରୋନା ସମୟରେ ଡାକ୍ତରଖାନାରେ ରୋଗୀ ଓ ରୋଗୀ ପରିଜନ ମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ, କରୋନା ମୁକାବିଲା କରିବା ପାଇଁ ସଚେତନ, କରୋନା ସମୟରେ ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ, ଶୀତ ଦିନରେ ବୃଦ୍ଧ ବୃଦ୍ଧା ଅସହାୟ ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରି ଜନସାଧାରଣଙ୍କ ହୃଦୟ ଜିଣି ପାରିଛନ୍ତି। ଶତାଧିକ ଅସହାୟ ଶବ ସତ୍କାର କରି ସମାଜକୁ ସଚେତନ ବାର୍ତ୍ତା ଦେବାରେ ଆଗଭର ହେଇଥାନ୍ତି। କରୋନାରେ ମୃତକ ଶବକୁ ସତ୍କାର କରିବାରେ କେବେ ପଛ ଘୁଞ୍ଚା ଦେଇନଥାନ୍ତି। ଅସହାୟ ରୋଗୀ ମାନଙ୍କ ପାଇଁ ରକ୍ତ ଯୋଗାଡ଼ ଓ ସାହାଯ୍ୟ ସହଯୋଗର ହାତ ବଢେଇବା ଦୈନନ୍ଦିନ କାର୍ଯ୍ୟ। ଶିକ୍ଷା କ୍ଷେତ୍ରରେ ଆଦିବାସୀ ମାନଙ୍କୁ ଆଗେଇ ନେବା ପାଇଁ ସଚେତନ କରି ଗରିବ ଆଦିବାସୀ ପିଲା ଛୁଆଙ୍କର ନାମ ଲେଖେଇବାରେ ସହଯୋଗର ହାତ ବଢ଼େଇଥାନ୍ତି। ଗିରିରାଜ ଭୋଇ ସଦାସର୍ବଦା ଦୁଃଖିଙ୍କ ଦୁଃଖ ସମୟରେ ଛିଡ଼ା ହୋଇ ଆସୁଥିବା ବେଳେ ଅନେକ ଦିନ ହେବ ଗାଁ ଗାଁ ବୁଲି ଆଦିବାସୀ ମାନଙ୍କୁ ସଚେତନ ଏଂବ ସମର୍ଥନ କରି ନିର୍ବାଚନ ରେ ସହଯୋଗ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଶ୍ରୀ ଭୋଇ ବର୍ତ୍ତମାନ ରାଜ୍ୟସଭା ସାଂସଦ ଥିବା ନିରଞ୍ଜନ ବିଶିଙ୍କ ମଧ୍ୟ ପାଖ ଲୋକ ହୋଇଥିବାରୁ ଏବଂ ସମାଜସେବା କ୍ଷେତ୍ରରେ ଦୀର୍ଘ ବର୍ଷରୁ କାର୍ଯ୍ୟ କରି ଆସୁଥିବାରୁ ଶ୍ରୀ ଭୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହେଲେ ନିଶ୍ଚିତ ଭାବେ ଆଦିବାସୀ ଭୋଟକୁ ପ୍ରଭାବିତ କରିବେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି। ଦେଖାଯାଉ ଚଳିତ ସାଧାରଣ ନିର୍ବାଚନରେ ଜଣେ ଆଦିବାସୀ ଶିକ୍ଷିତ ଯୁବ ଉଦୀୟମାନ ନେତାଙ୍କୁ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ଆଦିବାସୀ ତଥା ଜନସାଧାରଣ କେତେ ସଂଖ୍ୟାରେ ମତଦାନ ସାବ୍ୟସ୍ତ କରୁଛନ୍ତି।


# କ୍ଷମତାର ଅପବ୍ୟବହାର କରୁଛି ବିଜେଡି : ପ୍ରଦୀପ ପାଣିଗ୍ରାହୀ

**ଭୁବନେଶ୍ୱର/ବ୍ରହ୍ମପୁର :** ଓଡ଼ିଶାରେ ଦୀର୍ଘ ୨୪ବର୍ଷ ବିଜୁ ଜନତା ଦଳ ସରକାର ନିର୍ବାଚନ ଜିତିବା ପାଇଁ କ୍ଷମତା ଅପବ୍ୟବହାର କରୁଛି। ବିଡିଓ, ପୋଲିସ ଅଧିକାରୀ ତଥା ବଡ ବଡ ପୋଲିସ ଅଫିସରମାନଙ୍କୁ ବିଜେଡି ନିଜର ଦଳୀୟ କାର୍ଯ୍ୟରେ ଲଗାଉଛି। ନିର୍ବାଚନ ଆସିଲେ ପ୍ରଶାସନ ଅଧିକାରୀମାନେ ବିଜେଡିର କର୍ମୀଭଳି କାର୍ଯ୍ୟ କରନ୍ତି ଓ ନିର୍ବାଚନ ସରିଲେ ସେମାନଙ୍କୁ ଅନ୍ୟ ଜାଗାକୁ ବଦଳି କରାଯାଏ। ଏହି ଘଟଣା କିଛି ନୂଆ ନୁହଁ ବରଂ ଦୀର୍ଘ ବର୍ଷ ଧରି ଶାସନରେ ଥିବା ଶାସକ ବିଜେଡି ଏଭଳି ହୀନକାର୍ଯ୍ୟ କରୁଛି। ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ, ଭୟମୁକ୍ତ ଓ ନିରପେକ୍ଷ କରିବା ନିତ୍ୟାନ୍ତ ଆବଶ୍ୟକ। କିନ୍ତୁ ବିଜେଡି ତାହା ନକରି ପୋଲିସ ଓ ପ୍ରଶାସନକୁ ବ୍ୟବହାର କରି ଜନତାଙ୍କୁ ଧମକାଇ ଭୋଟ ହାତେଇବାର ଅପଚେଷ୍ଟା କରୁଛି। ଚଳିତ ନିର୍ବାଚନ ପାଇଁ ମଧ୍ୟ ଏଭଳି ହୀନ କୌଶଳ ଆରମ୍ଭ କରାଯାଇଛି। ଗଞ୍ଜାମ ଜିଲ୍ଲା ସମେତ ଅନ୍ୟାନ୍ୟ ଅଂଚଳରେ ବିଜେପି ନେତା ଓ କର୍ମୀଙ୍କୁ



ପୂର୍ବତନ ଦକ୍ଷିଣାଂଚଳ ପୋଲିସ ଆଇଜି ଧମକ ଦେବା ସହ ଭୟଭୀତ କରୁଛନ୍ତି। ଏହଭଳି ହୀନ କାର୍ଯ୍ୟକୁ ଘୋର ନିନ୍ଦା କରୁଛି, ଏ ସଂପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯିବା ସହିତ ଆବଶ୍ୟକ ପଡିଲେ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ମଧ୍ୟ ଅବଗତ କରାଯିବ ବୋଲି ବିଧାୟକ ତଥା ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି। ବିଜେଡିର ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟ ସରକାର ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କିଛି ପୁରୁଖା ଅଫିସରଙ୍କୁ ବାରମ୍ବାର ପୋଷ୍ଟିଂ କରନ୍ତି। ନିର୍ବାଚନ ପରେ ସେମାନଙ୍କୁ "ପ୍ରାଇଜ ପୋଷ୍ଟିଂ" ଦେଇ ବଦଳି କରାଯାଏ। ସରକାରୀ ଅଧିକାରୀମାନେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଭୁଲିଯାଇ ଶାସକ ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରିବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଅଣସାମ୍ବିଧାନିକ। ସାଧାରଣ ନିର୍ବାଚନ କିଭଳି ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ହେବ ସେ ନେଇ ସିଇଓ ଓ ଇସିଆଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

# ମିଥ୍ୟା ପ୍ରଗତିର ଅଭିନବ ପ୍ରଚାରକ ନବୀନ ସରକାର: ସଜ୍ଜନ ଶର୍ମା


**ଭୁବନେଶ୍ୱର :** ରାଜସ୍ୱ ବଳକା ରାଜ୍ୟର ଡିଣ୍ଡିମ ପିଟୁଥିବା ନବୀନ ଶାସନରେ ଓଡ଼ିଶାର ଶ୍ରମିକ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସର୍ବନିମ୍ନ ମଜୁରୀ ପାଇବାକୁ କାହିଁକି ବାଧ୍ୟ ହେଉଛି? ଗୋଆ ଭଳି ଛୋଟିଆ ରାଜ୍ୟର ଶ୍ରମିକ ଦୈନିକ ୩୫୭ଟଙ୍କା ମଜୁରୀ ପାଉଥିବାବେଳେ ଓଡ଼ିଆ ଶ୍ରମିକଙ୍କୁ ୨୫୪ଟଙ୍କା ମଜୁରୀ 'ଶ୍ରମିକ ସମାଜ'କୁ ଅତ୍ୟନ୍ତ ପୀଡା ଦେଉଛି। ଯଥେଷ୍ଟ କାର୍ଯ୍ୟ ଓ ମଜୁରୀ ଅଭାବରେ ସେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛି। ଫଳତଃ ଆବଣ୍ଟିତ ଅର୍ଥକୁ ବିନିଯୋଗ ନାଁରେ ମେସିନ ଜରିଆରେ କାର୍ଯ୍ୟ କରାଇ କାର୍ଡଧାରୀଙ୍କୁ ହାତଗୁଞ୍ଜା ଦେଇ କର୍ମ ସଂସ୍କୃତିକୁ ନଷ୍ଟ କରିବାର ଚିତ୍ର ସର୍ବତ୍ର



ଦେଖାଯାଉଛି ବୋଲି ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ କର୍ମ ଯୋଗାଣରେ ବିଫଳ ହୋଇଛନ୍ତି। ଆମ ରାଜ୍ୟରେ ଯେତେ ପରିମାଣରେ କର୍ମ ଯୋଗାଣ ହେଉଛି, ତାଠାରୁ ଢେର ଅଧିକ ଅନ୍ୟ ରାଜ୍ୟମାନଙ୍କରେ ହେଉଛି ଏବଂ ସେଠାକାର ରାଜ୍ୟ ସରକାରମାନେ ଓଡ଼ିଶା ଠାରୁ ଅଧିକ ମଜୁରୀ ବୃଦ୍ଧି କରିଛନ୍ତି। ଏବେ ଓଡ଼ିଶାରେ ଶ୍ରମିକ ସର୍ବନିମ୍ନ ୨୫୪ଟଙ୍କା ପାଇବା ଅତ୍ୟନ୍ତ ପୀଡାଦାୟକ। କମ୍ ମଜୁରୀ କାରଣରୁ ହଜାର ହଜାର ଶ୍ରମିକ ତଥା ଓଡ଼ିଆ ଯୁବକମାନେ ଦାଦନ ଖଟିବାକୁ ବାହର ରାଜ୍ୟକୁ ଯାଉଛନ୍ତି। ରାଜ୍ୟ ସରକାର ଶ୍ରମିକମାରଣ ଆଭିମୁଖ୍ୟରେ ପରିବର୍ତନ କରି ନିଜ ପକ୍ଷରୁ ମଜୁରୀ ବୃଦ୍ଧି କରନ୍ତୁ। ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ୩ଶହ ଟଙ୍କା ଦିଆଯାଉ ବୋଲି ଶ୍ରୀ ଶର୍ମା ଦାବୀ କରିଛନ୍ତି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ଓଡ଼ିଶାରେ ଚାଲିଛି ଅଣ ଓଡ଼ିଆଙ୍କ ସରକାର: କଂଗ୍ରେସ

**ଭୁବନେଶ୍ୱର :** ଓଡ଼ିଶାରେ ଅଣ ଓଡ଼ିଆଙ୍କ ଦ୍ୱାରା ସରକାର ଚାଲିଛି। ଜଣେ ସରକାରୀ କର୍ମଚାରୀ ଥିବା ତାମିଲ ଅଫିସର ଦ୍ୱାରା କବଳିତ ଓଡ଼ିଶାର ଶାସନ ବ୍ୟବସ୍ଥା। ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାକୁ ଶାସନ କରୁଥିବା ନବୀନ ପଟ୍ଟନାୟକ ସରକାର ଓଡ଼ିଶାବାସୀଙ୍କୁ ପ୍ରତାରିତ କରିଛନ୍ତି। ଏଠାରେ କେହି ଖୁସିରେ ନାହାନ୍ତି ସମସ୍ତେ ଦୁଃଖରେ ଅଛନ୍ତି। ଛାତ୍ର, ଯୁବକ, ମହିଳା, କୃଷକ ଆଦି ବର୍ଗ ଅବହେଳିତ ଏବଂ ଉପେକ୍ଷିତ। ଉତ୍କଟ ବେରୋଜଗାରୀ ସମସ୍ୟା ରାଜ୍ୟର ଯୁବପିଢ଼ିଙ୍କ ମୁଣ୍ଡବିନ୍ଧାର କାରଣ। ଓଡ଼ିଆ ଯୁବକର ଭାଗ୍ୟ ଆଜି ଅନ୍ୟ ରାଜ୍ୟରେ ଦାଦନ ଖଟିବା। ନିଯୁକ୍ତି ସୁଯୋଗ ସୃଷ୍ଟି ନ କରିପାରି ଠିକ୍ ନିର୍ବାଚନ ପୂର୍ବରୁ ବିଜୁ ଯୁବ ବାହିନୀ ଭଳି ଯୋଜନା କରି ଯୁବକମାନଙ୍କୁ ଭଣ୍ଡେଇ ଭୋଟ ହାତେଇବାକୁ ଚେଷ୍ଟାକରେ ବିଜେଡ଼ି ସରକାର। ଓଡ଼ିଶାରେ ଗୁଣାତ୍ମକ ଶିକ୍ଷାରମାନ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ୫ଟି ସ୍କୁଲ ନାମରେ ପୁରୁଣା ବିଲ୍ଡିଂରେ ନୂଆ ରଙ୍ଗ ଲଗାଇ ଠିକାଦାରମାନଙ୍କୁ ଲାଭାନ୍ୱିତ କରି କୋଟି କୋଟି ଟଙ୍କା ଲୁଟ୍‌ର ନଜିର ରହିଛି। ହଜାର ହଜାର ସ୍କୁଲ ତାଲା ପଡ଼ିବାରେ ଲାଗିଛି, ଶିକ୍ଷକ ନାହାନ୍ତି, କଲେଜରେ ଅଧ୍ୟାପକ ନାହାନ୍ତି କିନ୍ତୁ ରାଜ୍ୟ ସରକାର "ନୂଆ ଓ" ଜରିଆରେ ପ୍ରତି କଲେଜକୁ ୧୦ ରୁ ୧୫ ଲକ୍ଷ ଦେଇ ନିଜର ଆତ୍ମ ପ୍ରଚାର, ପ୍ରସାର କରିବା ସହ ନାଚ ଓ ଗୀତ ଆୟୋଜନ କରି ମେଧାବୀ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଉଛନ୍ତି। ନାରୀ ନିର୍ଯ୍ୟାତନାରେ ସମଗ୍ର ଦେଶରେ ଓଡ଼ିଶା ଏକ ନମ୍ବର। ମହିଳାମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ଼ କରିବାରେ ଓଡ଼ିଶା ସରକାର ବିଫଳ ହୋଇଛନ୍ତି। ଓଡ଼ିଶାରେ କୃଷକଙ୍କର ଆୟ ମାସକୁ ୫୦୧୨ ଟଙ୍କା ମାତ୍ର ଏବଂ ଦେଶରେ ସର୍ବନିମ୍ନ। ଶୀତଳ ଭଣ୍ଡାର ଓ ମଣ୍ଡିର ବ୍ୟବସ୍ଥା ନାହିଁ। ଚାଷୀ ତା'ର ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରୁ ନାହିଁ। ଏ ସମସ୍ତ ଚିତ୍ର ନବୀନ ବାବୁଙ୍କ ୨୪ ବର୍ଷ ଶାସନର ବିକଳ ଚିତ୍ର ଦର୍ଶାଉଛି ବୋଲି ନବନିଯୁକ୍ତ ପିସିସି ପ୍ରଚାର କମିଟିର ଅଧକ୍ଷ ଭକ୍ତ ଚରଣ ଦାସ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ




ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ୨୪ ବର୍ଷର ନିରଙ୍କୁଶ ବିଜେଡ଼ି ସରକାରର ପତନ ପାଇଁ ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆ ନିଜର ମତାଧିକାର ସାବ୍ୟସ୍ତ କରି କଂଗ୍ରେସକୁ ପୁର୍ନବାର କ୍ଷମତାସୀନ କରାଇବେ। ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶାର ୧୦ ରୁ ଅଧିକା ଜିଲ୍ଲାରେ ବସବାସ କରୁଥିବା ଅଧିବାସୀ ମାନଙ୍କର ଆର୍ଥିକ ଏବଂ ସାମାଜିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଉକ୍ତ ଜିଲ୍ଲା ଗୁଡ଼ିକରେ ଜିଲ୍ଲା ଖଣିଜ ପାଣ୍ଠିର ଅପବ୍ୟବହାର କରାଯାଉଛି ଏବଂ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ଦୀର୍ଘ ବର୍ଷର ଶାସନ ବ୍ୟବସ୍ଥାରେ ଲୋକଙ୍କ ଜୀବନ ଧାରଣର ମାନରେ କୌଣସି ପରିବର୍ତନ ପରିଲକ୍ଷିତ ହେଲା ନାହିଁ। କେନ୍ଦ୍ରରେ ଦୀର୍ଘ ୧୦ ବର୍ଷ ଧରି ଶାସନ କରୁଥିବା ମୋଦୀ ସରକାର ବେରୋଜଗାରୀ, ଦରଦାମ ବୃଦ୍ଧି, ମୁଷ୍ଟିମେୟ ପୁଞ୍ଜିପତିଙ୍କ ହାତରେ ଦେଶର କଂଗ୍ରେସ ସରକାର ସମୟରେ କରାଯାଇଥିବା ନବରତ୍ନ କମ୍ପାନୀକୁ ବିକ୍ରି କରିବା ଏବଂ ଗଣତନ୍ତ୍ରଙ୍କୁ ହତ୍ୟା ଓ ସାମାଜିକ ସଂହତିକୁ ନଷ୍ଟ କରିବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ରକୁ ନେଇ ବିଜେପିକୁ ଦାୟୀ କରିଥିଲେ। ଉଭୟ ବିଜେପି ଓ ବିଜେଡ଼ି ନିଜ ନିଜ ଭିତରେ ସହମତି ଭିତିରେ ୨୦୨୪ ନିର୍ବାଚନ ଲଢ଼ିବା ପାଇଁ ଯେଉଁ କଳା କୌଶଳ ଆପଣେଇଛନ୍ତି ତା'ର ଜବାବ ଓଡ଼ିଶାବାସୀ ନିଶ୍ଚିତ ଦେବେ। ବିଜେପି ଓ ବିଜେଡ଼ି ଭିତରେ ଥିବା ଭିତିରିଆ ସଂପର୍କ ବିଷୟରେ ଓଡ଼ିଶାବାସୀ ସଂପୂର୍ଣ୍ଣରୂପେ ଅବଗତ ଅଛନ୍ତି ଏବଂ କଂଗ୍ରେସ ଏକମାତ୍ର ବିକଳ୍ପ ସେ କଥା ହୃଦୟଙ୍ଗମ କରିଛନ୍ତି। ସେ କହିଥିଲେ ଯେ ପ୍ରଚାର କମିଟିର ଅଧକ୍ଷ ଭାବରେ ମୋତେ ଦିଆଯାଇଥିବା ଗୁରୁ ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରିବା ସହିତ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ରାଜ୍ୟ କଂଗ୍ରେସର ସମସ୍ତ ଶୀର୍ଷ ନେତୃତ୍ୱଙ୍କ ସହିତ ମିଶି ଓଡ଼ିଶାର ସମସ୍ତ ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ସହିତ ରାହୁଲ ଗାନ୍ଧୀଙ୍କର ୫ ଟି ଗ୍ୟାରେଂଟି ଏବଂ ନିର୍ବାଚନୀ ଇସ୍ତାହାର-ସଂକଳ୍ପ ପତ୍ରକୁ ନେଇ ସାଧାରଣ ଜନତାଙ୍କ ପାଖରେ ପହଂଚିବେ। ରାଜ୍ୟରେ କ୍ରମାଗତ ଭାବେ ୨୪ ବର୍ଷ ଧରି ଉପେକ୍ଷିତ ହୋଇଥିବା ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ କଲ୍ୟାଣ ନିମନ୍ତେ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ଏବଂ ସେମାନଙ୍କର ନ୍ୟାର୍ଯ୍ୟ ଦାବୀ ଓ ହକ୍‌ପ୍ରତି ଆମେ ସମ୍ବେଦିନଶୀଳ। କ୍ଷମତାକୁ ଆସିଲେ ସେମାନଙ୍କର ସାମାଜିକ ଉତ୍‌ଥାନ ଓ ଅର୍ଥନୈତିକ ପ୍ରଗତି ନିମନ୍ତେ କଂଗ୍ରେସ କାର୍ଯ୍ୟ କରିବା ସହ ସମାଜରେ ଉପଯୁକ୍ତ ଭାଗିଦାରୀ ପ୍ରଦାନ କରାଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ପ୍ରଶାନ୍ତ ଶତପଥୀ, ମନୋରଞ୍ଜନ ଦାସ, ପଦ୍ମାକର ଗୁରୁ ଓ ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାସ ଉପସ୍ଥିତ ଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି